

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

# ସମ୍ବାଦ କଳିକା

# The Sambad Kalika

E-mail : sambadkalikanews@gmail.com
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୩୨ ● ସଂଖ୍ୟା–୧୮୨ ● ୩୦ ଜୁଲାଇ ୨୦୨୫, ବୁଧବାର ● ଭୁବନେଶ୍ୱର ● Vol -32 ● Issue-182 ●30th July 2025, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବିରୋଧୀଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ କଡା ଜବାବ

# ବିଶ୍ୱର କୌଣସି ନେତା ଅପରେସନ ବନ୍ଦ କରିବାକୁ କହି ନାହାଁନ୍ତି

**ନୂଆଦିଲ୍ଲୀ, ୨୯।୭**

'ଅପରେସନ୍ ସିନ୍ଦୂର' ଏବେ ବି ଚାଲିଛି । ବିଶ୍ୱର କୌଣସି ନେତା ଅପରେସନ ବନ୍ଦ କରିବାକୁ କହି ନାହାଁନ୍ତି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ମୋତେ ମେ' ୯ ରାତିରେ ଫୋନ୍ କରିଥିଲେ । ଭାନ୍ସ ମୋତେ କହିଥିଲେ ଯେ ପାକିସ୍ତାନ ଏକ ବଡ଼ ଆକ୍ରମଣ କରିବାକୁ ଯାଉଛି । ମୁଁ ଭାନ୍ସଙ୍କୁ କହିଥିଲି, ଯଦି ପାକିସ୍ତାନ ସାହସ କରେ, ତେବେ ଏହାକୁ ବହୁତ ମହଙ୍ଗା ପଡ଼ିବ । ମୁଁ କହିଥିଲି ଯେ ଆମେ ଗୁଳିର ଜବାବ ସେଲ୍‌ରେ ଦେବୁ । ଏହା ସହିତ, ପ୍ରଧାନମନ୍ତ୍ରୀ ମୋଦୀ ପୁଣି ଥରେ ଦୋହରାଇଲେ ଯେ ଅପରେସନ୍ ସିନ୍ଦୂର ଏବେ ବି ଚାଲିଛି । 'ଅପରେସନ ସିନ୍ଦୂର' ମହା ବିତର୍କରେ ପ୍ରଧାନମନ୍ତ୍ରୀ ମୋଦୀ ମଙ୍ଗଳବାର ସଂସଦରେ ଅଭିଭାଷଣରେ ଏହା ପ୍ରକାଶ କରିଛନ୍ତି।



କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଲୋକସଭାରେ ଏହି ଆଲୋଚନା ସମୟରେ କହିଥିଲେ ଯେ ପହଲଗାମ ହାମଲା କରିଥିବା ଆତଙ୍କବାଦୀମାନଙ୍କୁ ସୁରକ୍ଷା ବାହିନୀ ଦ୍ୱାରା ହତ୍ୟା କରାଯାଇଛି । ଏହି ସମସ୍ତ ଆତଙ୍କବାଦୀ ପାକିସ୍ତାନୀ ଥିଲେ । ଗୁଳି ଏବଂ ଅସ୍ତ୍ରଶସ୍ତ୍ରର ଏଫ୍ଏସ୍ଏଲ୍ ତଦନ୍ତରୁ ଜଣାପଡିଲା ଯେ ସମସ୍ତେ ପାକିସ୍ତାନୀ ଥିଲେ । ସେହି ସମୟରେ, ଜଣେ ଆତଙ୍କବାଦୀଙ୍କ ଭୋଟର କାର୍ଡ ପାକିସ୍ତାନୀ ବୋଲି ଜଣାପଡିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରାଜ୍ୟସଭାରେ 'ଅପରେସନ୍ ସିନ୍ଦୂର' ଉପରେ ବକ୍ତବ୍ୟ ରଖିଥିଲେ । ଏହା ସହିତ ଲୋକସଭାରେ ବିରୋଧୀ ଦଳ *(ପୃଷ୍ଠା ୭ରେ)*

## ରାଜ୍ୟ ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

# ଆକାଂକ୍ଷୀ ଜିଲ୍ଲାମାନଙ୍କର ଆକାଂକ୍ଷା ପୂରଣ ହେବ

**ଭୁବନେଶ୍ୱର, ୨୯।୭**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ କନଭେନସନ କେନ୍ଦ୍ର ଠାରେ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଠାରୁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆରମ୍ଭ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ ସାବ୍ୟସ୍ତ ହୋଇଛି ବୋଲି କହିବା ସହିତ ଆଗାମୀ ଦିନ ମାନଙ୍କରେ ଆକାଂକ୍ଷୀ ଜିଲ୍ଲା ମାନଙ୍କର ଆକାଂକ୍ଷା ପୂରଣ ହେବ ବୋଲି କହିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରରେ ଯୋଜନା କିପରି କାର୍ଯ୍ୟକାରୀ କରାଯାଇ ପାରିବ ତା ଉପରେ ଗୁରୁତ୍ୱ ଦିଆଯାଉଛି । ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷତା ବିକାଶକୁ ଆଧାର କରି ସାମାଜିକ ଅର୍ଥନୈତିକ ସୂଚକାଙ୍କ ମାଧ୍ୟମରେ ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରାଯାଉଛି । ଜିଲ୍ଲା ପରେ ଏବେ ବ୍ଲକକୁ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୩ଟି ସି, ଯଥା– କନ୍‌ଭରଜେନ୍ସ ଅର୍ଥାତ କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ, କୋଲାବରେସନ୍ ଅର୍ଥାତ– କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ, ଏବଂ କମ୍ପିଟେସନ ଅର୍ଥାତ– ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କରେ ଜିଲ୍ଲାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି । ଦୁର୍ଗମ ଏବଂ ଅଳ୍ପ ବିକଶିତ ବ୍ଲକ ଗୁଡିକରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ସହିତ ସେମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରାଯାଉଛି ।

ସେ ଆହୁରି କହିଥିଲେ, ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ– ଭୋକାଲ୍ ଫର ଲୋକାଲ୍ ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଏହାକୁ ବାସ୍ତବ ରୂପ ଦେବା ନିମନ୍ତେ ୨୦୨୪ ମସିହାରେ ଆକାଂକ୍ଷା ବ୍ରାଣ୍ଡର ଶୁଭାରମ୍ଭ କରାଯାଇଛି । ମୁଁ ଅତ୍ୟନ୍ତ ଖୁସିର ସହ ଘୋଷଣା କରୁଛି ଯେ, ଏହି ଆକାଂକ୍ଷା ବ୍ରାଣ୍ଡକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆଜିଠାରୁ ଆରମ୍ଭ କରାଯାଉଛି । ଏହି ଆକାଂକ୍ଷା *(ପୃଷ୍ଠା ୭ରେ)*

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ : ବିପୁଳ ସମ୍ପତ୍ତି ଠାବ



**ଭୁବନେଶ୍ୱର, ୨୯।୭**
**ନ୍ୟୁଜ୍ ବ୍ୟୁରୋ**

ସଡକ ଓ ଗୃହ ନିର୍ମାଣ ଡିଭିଜନର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଭିଜିଲାନ୍ସ ବିଭାଗ ଚଢ଼ଉ କରିଛି। ଏହି ଚଢଉ ବେଳେ ସହକାରୀ ଯନ୍ତ୍ରୀଙ୍କ ଅମାପ ସମ୍ପତ୍ତି ଠାବ ହୋଇଛି। ନୀଳାଦ୍ରି ବିହାରରେ ୩ ମହଲା କୋଠା, କସମୋପଲିସରେ ୨ଟି ଫ୍ଲାଟ, ଉତ୍କଳ ଗ୍ୟାଲେରିଆରେ ଓ ସିମ୍ଫୋନି ମଲରେ ୨ଟି ଦୋକାନ ରହିଛି। ମୋଟ ୧୩ଟି ଦାମୀ ପ୍ଲଟ, ୯ଟି ଭୁବନେଶ୍ୱରରେ, ୩ଟି ନୟାଗଡ଼ ଓ ଗୋଟିଏ ଖୋର୍ଦ୍ଧାରେ ରହିଥିବା ସୂଚନା ମିଳିଛି।

ଭୁବନେଶ୍ୱର ଭିଜିଲାନ୍ସର ବିଶେଷ ବିଚାରପତିଙ୍କ ୱାରେଣ୍ଟ ଆଧାରରେ ୭ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ୧ ଜଣ ଏସଆଇ, ୧୧ ଜଣ ଏଏସଆଇ ଓ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଭିଜିଲାନ୍ସ ଟିମ ରାଜକିଶୋର ଜେନାଙ୍କ ବାସଭବନ ଓ ସମ୍ପର୍କୀୟ ସ୍ଥାନଗୁଡ଼ିକରେ ସମ୍ପତ୍ତି ସମ୍ପର୍କିତ ଦଲିଲ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି। ତଦନ୍ତ ପ୍ରକ୍ରିୟା ଜାରି ରହିଛି।

## ଓଡ଼ିଶାର ବୟନ ପରମ୍ପରାକୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଆଗକୁ ନେଉଛନ୍ତି

# ବୁଣାକାର ସେବା କେନ୍ଦ୍ର ସହ ମିଶନ ଶକ୍ତିର ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୯।୭**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ବୟନ ପରମ୍ପରାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଗକୁ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତବ୍ୟକ୍ତ କରିଛନ୍ତି । ମଙ୍ଗଳବାର ମିଶନ ଶକ୍ତି ଭବନର ଅଡିଟୋରିୟମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ଉପସ୍ଥିତିରେ ବୁଣାକାର ମା' ଓ ଭଉଣୀମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ସହ କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ବିକାଶ ଆୟୋଗ ଅଧୀନରେ ଥିବା ବୁଣାକାର ସେବା *(ପୃଷ୍ଠା ୭ରେ)*



## କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହର ଲାଲ୍‌ଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ

# ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ ଭିତ୍ତିଭୂମି ପାଇଁ ଲୋଡିଲେ କେନ୍ଦ୍ରୀୟ ସହାୟତା

**ଭୁବନେଶ୍ୱର, ୨୯।୭**
**ନ୍ୟୁଜ୍ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଶକ୍ତି, ଗୃହ ଏବଂ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଓଡ଼ିଶା ବିଦ୍ୟୁତ କ୍ଷେତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ଏବଂ ସେହି ପ୍ରସଙ୍ଗଗୁଡ଼ିକ ଉପରେ ଅନୁକୂଳ ବିଚାର ପାଇଁ ଅନୁରୋଧ ମଧ୍ୟ କରିଛନ୍ତି।



ପ୍ରସଙ୍ଗ ଗୁଡ଼ିକ ମଧ୍ୟରେ ପୁନର୍ବିନ୍ୟାସ କ୍ଷେତ୍ର ଯୋଜନା ଅଧୀନରେ ୩୦୬୯ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ଆଲୋଚନା ଅନ୍ତର୍ଭୁକ୍ତ। ସେହିଭଳି ଓଡ଼ିଶା ବାରମ୍ବାର ଘୂର୍ଣ୍ଣିଝଡ଼ ଏବଂ ବନ୍ୟାର ସମ୍ମୁଖୀନ ହେଉଥିବାରୁ, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ଉପକୂଳରୁ ଚୟନିତ ସ୍ଥାନରେ ଭୂତଳ କେବୁଲ ବିଶେଷ କରି ଉପକୂଳବର୍ତ୍ତୀ ୩୦ କିଲୋମିଟର ଅଞ୍ଚଳରେ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ ପ୍ରସ୍ତାବ ରହିଛି । ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଓଡ଼ିଶାକୁ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ ଭିତ୍ତିଭୂମି ପାଇଁ ତୁରନ୍ତ କେନ୍ଦ୍ରୀୟ ଆର୍ଥିକ ସହାୟତା ଯୋଗାଇଦେବାକୁ ଶ୍ରୀ ସିଂହଦେଓ କେନ୍ଦ୍ରମନ୍ତ୍ରୀଙ୍କୁ *(ପୃଷ୍ଠା ୭ରେ)*

# ଭୁବନେଶ୍ୱର ବିମାନବନ୍ଦରରୁ ମିଳିଲା ୩୦ କୋଟିର ମାରିଜୁଆନା

**ଭୁବନେଶ୍ୱର, ୨୯।୭**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ବିମାନବନ୍ଦରରୁ ମିଳିଲା ୩୦ କୋଟିର ମାରିଜୁଆନା । ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ, ମାଡ଼ି ବସିଲା କଷ୍ଟମ ବିଭାଗ। ଏହି ମାମଲାରେ ୩ ଜଣକୁ ଅଟକ ରଖି ପଚରାଉଚରା କରାଯାଉଛି। ତିନି ଅଟକ ଅଭିଯୁକ୍ତ ହେଲେ ମହମ୍ମଦ ଜାମ୍, ମୋହିତ ଓ ବାମତି । ଏମାନେ ସମସ୍ତେ ଉତ୍ତର ପ୍ରଦେଶ ଫତେପୁର ସିକ୍ରି ଅଞ୍ଚଳର ବୋଲି ଜଣାଯାଇଛି। ଏମାନେ ଇଣ୍ଡିଗୋ୬-ଇ-୧୦୬୬ ଫ୍ଲାଇଟରେ ଯାତ୍ରା କରୁଥିଲେ।

ମାରିଜୁଆନାର ବଜାର ମୂଲ୍ୟ କିଲୋପିଛା ୧ କୋଟି ହୋଇଥିବା ବେଳେ, ୩ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ମିଳିଛି । ତେବେ ୩୦ କିଲୋ ମାରିଜୁଆନା ମିଳିଥିବାରୁ ଏହାର ଦାମ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମ ବିଭାଗ।



## ପୋଶ ଆଇନ ସଂକ୍ରାନ୍ତ ଆଭାଷୀ ପ୍ରଶିକ୍ଷଣ

# ଯୌନ ଉତ୍ପୀଡନ ଆହ୍ୱାନଗୁଡ଼ିକୁ ଧୈର୍ଯ୍ୟର ସହିତ ସମାଧାନ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୯।୭**
**ନ୍ୟୁଜ୍ ବ୍ୟୁରୋ**

ମହିଳା ଓ ଶିଶୁ ବିକାଶ ବିଭାଗ ଓ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠିର ସହଭାଗିତାରେ ମଙ୍ଗଳବାର କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ କ୍ଷେତ୍ରର ଆଭ୍ୟନ୍ତରୀଣ ସମିତି(ଇଣ୍ଟରନାଲ କମିଟି) ସଦସ୍ୟମାନଙ୍କ ପାଇଁ ଏକ ଆଭାଷୀ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।



ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏହି ପ୍ରଶିକ୍ଷଣ ବୈଠକ ଆୟୋଜିତ ହୋଇଥିଲା । ଏଥିରେ ରାଜ୍ୟର ସମସ୍ତ ବିଭାଗ ଓ କ୍ଷେତ୍ର ଅଧିକାରୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ *(ପୃଷ୍ଠା ୭ରେ)*

# ୩୦ରେ ଉତ୍କ୍ଷେପଣ ହେବ ନାସା-ଇସ୍ରୋ ମିଳିତ ଉପଗ୍ରହ 'ନିସାର'

**ନୂଆଦିଲ୍ଲୀ, ୨୯।୭**

ନାସା ଓ ଇସ୍ରୋ ଦ୍ୱାରା ମିଳିତ ଭାବରେ ବିକଶିତ ଏକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ନିସାର, ଜୁଲାଇ ୩୦ରେ ସନ୍ଧ୍ୟା ୫.୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଉତ୍କ୍ଷେପଣ ହେବ।

୨ ହଜାର ୩୯୨ କିଲୋଗ୍ରାମ ଓଜନ ବିଶିଷ୍ଟ, ନିସାର ଏକ ଭିନ୍ନ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଏବଂ ଏହା ପ୍ରଥମ ଥର ପାଇଁ ଦୁଇଟି ଫ୍ରିକ୍ୱେନସିରେ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବ। ଏହା ନାସା ଓ ଇସ୍ରୋ ସିନ୍ଥେଟିକ ଆପର୍ଚର ରାଡାର ପାଇଁ ବ୍ୟବହୃତ ହୁଏ। ନିସାର ନାସାର ଏଲ-ବ୍ୟାଣ୍ଡ ଏବଂ ଇସ୍ରୋର ଏସ-ବ୍ୟାଣ୍ଡ ଫ୍ରିକ୍ୱେନ୍ସିରେ ପୃଥିବୀକୁ ପରିକ୍ରମା କରିବ। *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ରକ୍ଷକ ଯଦି ଭକ୍ଷକ ହେବ
କାହାକୁ କହିବା ବ୍ୟଥା
ରତ୍ନଭଣ୍ଡାରର ଭିଡିଓ ଭାଇରାଲ ଏବେ
କି ଅମୁଙ୍ଗୁଳିଆ କଥା
ଚାପେ ପଡିକି ଡିଲିଟ ଯଥା
ଏପଟେ ଯୁବକ ଚଷମା ରେକର୍ଡ
ନୂଆ ଅପରାଧ ପନ୍ଥା।

# ଶ୍ରୀମନ୍ଦିର ଫଟୋ ଏକ୍ସରେ ପୋଷ୍ଟ କରି ଅଡୁଆରେ ଏଏସ୍ଆଇ



**ପୁରୀ, ୨୯।୭ : ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିର ଓ ରତ୍ନଭଣ୍ଡାର ଫଟୋ ପୋଷ୍ଟ କରି ଏବେ ଅଡୁଆରେ ଏଏସ୍ଆଇ। ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ବା ଏଏସ୍ଆଇ ଫଟୋ ପୋଷ୍ଟ କରିଛି । ରତ୍ନଭଣ୍ଡାର ନୂତନ ଜୀବନ ପାଇଲା ବୋଲି କିଛି ଫଟୋକୁ ସୋସିଆଲ ଏକ୍ସରେ ପୋଷ୍ଟ କରିଥିଲା ଏଏସ୍ଆଇ। ଫଟୋ ପୋଷ୍ଟକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିବାରୁ ବିଳମ୍ବିତ ରାତିରେ ଫଟୋ ଗୁଡ଼ିକୁ ଡିଲିଟ କରିଦେଇଛନ୍ତି। ଏଏସ୍ଆଇ କର୍ତ୍ତୃପକ୍ଷ ଶ୍ରୀମନ୍ଦିରରେ ଫଟୋ ଓ ଭିଡିଓକୁ ନେଇ ରହିଥିବା ଆଇନକୁ ନିଜେ ଉଲ୍ଲଂଘନ କରିଛି।

ଏକ୍ସ ଆକାଉଣ୍ଟରେ ଶ୍ରୀମନ୍ଦିର ଭିତର ଅର୍ଥାତ ପାଟ ଅଗଣାରୁ ନାଟ ମଣ୍ଡପ, ଜଗମୋହନ ଠାରୁ ରତ୍ନଭଣ୍ଡାର ବାହାର ପାର୍ଶ୍ୱ ଆଦିର ଫଟୋ ଅପଲୋଡ କରିଥିଲା। ଯାହା ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଥିଲା । ତେବେ କିଏ କେଉଁ ପରିପ୍ରେକ୍ଷୀରେ ଫଟୋ ଉଠାଇ ଏତେ ସ୍ୱଷ୍ଟ ଭାବରେ ଶ୍ରୀମନ୍ଦିର ଭିତର ଭିଜୁଆଲ ଭାଇରାଲ କଲେ ତାହା ତଦନ୍ତ କଲେ ସ୍ୱଷ୍ଟ ହେବ ।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଓ କ୍ୟାମେରା ଆଦି ନେବା ନିଷିଦ୍ଧ କରାଯାଇଛି। ହେଲେ ଏଏସ୍ଆଇ *(ପୃଷ୍ଠା ୭ରେ)*

# ଆହୁରି ଦୁଇ ଦିନ ବର୍ଷା



**ଭୁବନେଶ୍ୱର, ୨୯।୭**
**ନ୍ୟୁଜ୍ ବ୍ୟୁରୋ**

ଆହୁରି ଦୁଇ ଦିନ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ଉତ୍ତର, ପଶ୍ଚିମ ଏବଂ ଉପକୂଳ ଓଡ଼ିଶା ଭିଜିବ। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଏହିସବୁ ଜିଲ୍ଲାରେ ଘଡ଼ଘଡ଼ି ବିଜୁଳି ସହ ପ୍ରବଳ ବର୍ଷା ହେବାର ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଜୁଲାଇ ୨୦୨୫ ବୁଧବାର







# ନୂତନ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ସମ୍ବର୍ଦ୍ଧନା ଦେଇଛନ୍ତି । ସୋମବାର ଅପରାହ୍ନରେ ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘର ସଭାପତି ଶରତ କୁମାର ବେହୁରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲପାଳ ଆୟାରଙ୍କୁ ଭେଟି ଜିଲ୍ଲାରେ କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହିତ ସେଗୁଡିକୁ ସମାଧାନ କରିବା ପାଇଁ ନିବେଦନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ଗୋଲଖ ଚନ୍ଦ୍ର ପଢିଆରୀ, ଡାକ୍ତର ଚୈତନ୍ୟ ଚରଣ ପରିଡା, ରାଜେନ୍ଦ୍ର କୁମାର ରାଉତରାୟ, ଧନେଶ୍ୱର ରାଉତ, ଚନ୍ଦନ ପରିଡା, ସହଦେବ ସିଂହ, ଗୋଲଖ ପରିଡା, ଉମାକାନ୍ତ ବଳ, ନାରୀନେତ୍ରୀ ମଞ୍ଜୁଲତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୨୧ତମ ଜୟନ୍ତୀ ପାଳନ

## ଜେଆର୍‌ଡି ଟାଟା:ଏକ ସମନ୍ୱିତ ଓ ଦୀର୍ଘସ୍ଥାୟୀ ଭବିଷ୍ୟତର ଦୂରଦ୍ରଷ୍ଟା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଜେଆର୍‌ଡି ଟାଟା ଭାବେ ପରିଚିତ ଜେହାଙ୍ଗୀର ରତନଜୀ ଦାଦାଭୋୟ ଟାଟା କେବଳ ଜଣେ ପ୍ରତିଷ୍ଠିତ ଉଦ୍ୟୋଗପତି ନଥିଲେ, ବରଂ ଜଣେ ଦୂରଦ୍ରଷ୍ଟା ବ୍ୟକ୍ତିତ୍ୱ ଥିଲେ। ସେ ଏକ ସମନ୍ୱିତ ଭବିଷ୍ୟତର ସ୍ୱପ୍ନ ଦେଖିଥିଲେ। ଯେଉଁଠାରେ ପ୍ରକୃତି ଏବଂ ମାନବ ସମାଜ ମିଳିତ ଭାବେ ବିକଶିତ ହୋଇପାରିବ। ଟାଟା ଗ୍ରୁପର ମାର୍ଗଦର୍ଶକ ଭାବେ ସେ ଜଣେ ସାଧାରଣ ବ୍ୟବସାୟିକ ଲିଡର୍ ଠାରୁ ଆଗକୁ ବଢ଼ି ଜଣେ ମାନବତାବାଦୀ ଭାବରେ ଭାରତର ସ୍ଥାୟୀ ବିକାଶ, ସାମାଜିକ ସମାନତା ଏବଂ ଅନ୍ତର୍ଭୁକ୍ତୀକରଣ ବିକାଶର ମାର୍ଗ ପ୍ରଶସ୍ତ କରିଥିଲେ। ଯେତେବେଳେ ଦୀର୍ଘସ୍ଥାୟୀତ୍ୱ ଏକ ପ୍ରଚଳିତ ଶବ୍ଦ ମଧ ନଥିଲା ସେତେବେଳେ ଜେଆର୍‌ଡି ଏହାର ମୂଳ ଭାବନାକୁ ଜୀବନ୍ତ କରିଥିଲେ ଏବଂ ପରିବେଶ ସଚେତନତା, ନୈତିକ ନେତୃତ୍ୱ ଏବଂ ସମାଜ କୈନ୍ଦ୍ରୀକ ପ୍ରଥାକୁ ଟାଟା ସଂସ୍କୃତିରେ ଅବସ୍ଥାପନ କରିଥିଲେ। ଜେଆର୍‌ଡି ଟାଟା ବିଶ୍ୱାସ କରୁଥିଲେ ଯେ ପ୍ରକୃତ ଔଦ୍ୟୋଗିକ ଉନ୍ନତି ପରିବେଶ ଏବଂ ସାମାଜିକ ଦାୟିତ୍ୱରୁ ଅଲଗା ହୋଇପାରିବନାହିଁ। ଏହି ବିଶ୍ୱାସ ତାଙ୍କ ଅନେକ ପ୍ରୟାସରେ ପ୍ରକାଶ ପାଇଥିଲା ତଥା ସେହି ସମୟରେ ଅନ୍ୟମାନଙ୍କ ଚିନ୍ତାଧାରାକୁ ଅତିକ୍ରମ କରିଥିଲା। ଉଦାହରଣ ସ୍ୱରୂପ ପୁଣେ ସ୍ଥିତ ଟାଟା ମୋଟର୍ସ କାରଖାନାରେ ୨୪୫ ଏକର ଆର୍ଦ୍ରଭୂମି, ବର୍ଷା ଜଳଅମଳ ପ୍ରଣାଳୀ ଏବଂ ସବୁଜ ବଳୟ ରହିଥିଲା ଯାହା ଔଦ୍ୟୋଗିକ ବ୍ୟବସ୍ଥାରେ ପରିବେଶ ସନ୍ତୁଳନର ଏକ ଆଦର୍ଶ ପ୍ରତିଛବି ଥିଲା।

# ପରିବେଶ ସନ୍ତୁଳନ ରକ୍ଷା ପାଇଁ ସିଡ୍ ବଲ୍ ରୋପଣ




**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ବନଖଣ୍ଡ ପକ୍ଷରୁ ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏକ ସିଡ୍ ବଲ୍ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ବନ୍ୟଜନ୍ତୁଙ୍କ ଖାଦ୍ୟର ଆବଶ୍ୟକତା ପୂରଣ କରିବା ପାଇଁ ତଥା ପରିବେଶ ସନ୍ତୁଳନ ରକ୍ଷା କରିବା ଲକ୍ଷ୍ୟରେ ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବାଉଁଶ ମଞ୍ଜିକୁ ସିଡ୍ ବଲ୍ ମାଧ୍ୟମରେ ଜଙ୍ଗଲ ମଧ୍ୟରେ ଫୋପଡା ଯାଇଛି। ଏହି ବର୍ଷ ୧ ଲକ୍ଷ ୨୦ ହଜାର ସିଡ୍ ବଲ୍ ଫୋପାଡିବାର ଯୋଜନା ଥିବାବେଳେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ସିଡ୍ ବଲ୍ ଜଙ୍ଗଲ ମଧ୍ୟରେ ଫୋପଡା ସାରିଥିବା କେନ୍ଦୁଝର ବନଖଣ୍ଡ ଅଧିକାରୀ ସୂଚନା ଦେଇଥିଲେ। କିଛି ସ୍ଥାନରେ ବାଉଁଶ ଗଛ ଏକ ଫୁଟ୍ ଉପରକୁ ମଧ୍ୟ ଉଠି ସାରିଥିବା ଦେଖାଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ିଙ୍କ ଉଦ୍ୟମରେ ତଥା ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ନିର୍ଦ୍ଦେଶ ଅନୁସାରେ ଏହି ସିଡ୍‌ବଲ୍ ରୋପଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଥିବା ବନବିଭାଗ ତରଫରୁ ସୂଚନା ଦିଆଯାଇଛି। ବନବିଭାଗର କର୍ମଚାରୀ, ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟ ବେଲପାହାଡ଼ି ସରପଞ୍ଚ, କେନ୍ଦୁଝର ସାଂସଦ ପ୍ରତିନିଧି ଓ କେନ୍ଦୁଝରର ବରିଷ୍ଠ ସାମ୍ବାଦିକ ମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରାଯାଇଛି। ଏହି ବାଉଁଶ ଜଙ୍ଗଲ ସୃଷ୍ଟି ହେବାପରେ ହାତୀ ଓ ଅନ୍ୟ ତୃଣଭୋଜି ବନ୍ୟଜନ୍ତୁଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ସୃଷ୍ଟି ହେବ। ଫଳରେ ସେମାନେ ଆଉ ସହର ମୁହାଁ ହେବେନାହିଁ ବୋଲି କେନ୍ଦୁଝର ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ କହିଛନ୍ତି।

# ଗୋପାଳପୁର ଜଙ୍କସନ୍‌ରୁ ଫାଷ୍ଟଗେଟ୍‌କୁ ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ୨ କୋଟି ଆକଳନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଫାଷ୍ଟଗେଟ୍ ଛକରେ ସ୍ଥାପିତ କଇଁଛ ପ୍ରତିକୃତିରେ କଳିଙ୍କି ଲାଗିଗଲାଣି । ସୁବାରାଓ ଛକରୁ ଟାଟାବେଞ୍ଚ ପର୍ଯ୍ୟନ୍ତ ଲାଗିଥିବା ଫୁଲ ଗଛ ମରିଗଲାଣି । ସେହିଭଳି ପମାପଲ୍ଲୀ ସେଲ୍‌ଫି ପଏଣ୍ଟ, ଏମ୍‌କେସିଜି ସାମ୍ନା ମ୍ୟାଜିକ୍ ଫାଉଣ୍ଟେନ୍, ଇଞ୍ଜିନିୟରିଂ ସ୍କୁଲ ଛକର ଓଡ଼ିଶା ମାନଚିତ୍ର ଆଦି ଉଣାଅଧିକେ ଅବ୍ୟବସ୍ଥିତ, ଅପରିଷ୍କାର ଓ ଅସଂରକ୍ଷିତ ହୋଇପଡ଼ିଛି । ସୌନ୍ଦର୍ଯ୍ୟକରଣ ନଷ୍ଟ ହୋଇଯାଇଥିବାରୁ ସହରର ଆକର୍ଷଣ କମିଛି । ଏବେ ଏହି ପ୍ରକଳ୍ପଗୁଡ଼ିକର ମରାମତି କାର୍ଯ୍ୟ ବିଡ଼ିଏ ହାତକୁ ନେଇଛି । ବ୍ରହ୍ମପୁର ମହାନଗର ନିଗମର ନୂଆ କମିଶନର ତଥା ବିଡ଼ିଏର ଉପାଧକ୍ଷ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଦାୟିତ୍ୱ ନେବା ପରେ ବିଡ଼ିଏ ପାଣ୍ଠିରୁ ୨ କୋଟି ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ପୁନରୁଦ୍ଧାର ନିଷ୍ପତି ହୋଇଛି । ଏ ବାବଦରେ ଟେଣ୍ଡର ମଧ ସରିଥିବା ବିଡ଼ିଏ ସଚିବ ରମେଶ ହାଂସଦା ସୂଚନା ଦେଇଛନ୍ତି । ବ୍ରହ୍ମପୁର ସହରକୁ ଏକାଧିକ ପ୍ରବେଶ ପଥ ରହିଛି । ଫାଷ୍ଟଗେଟ୍, ଲାଞ୍ଜିପଲ୍ଲୀ, ହଳଦିଆପଦର ଓଭରବ୍ରିଜ୍, ଗୋପାଳପୁର ଜଙ୍କସନ୍ ଓ ଆମ୍ବପୁଆ ଦେଇ ସହର ଭିତରକୁ ପ୍ରବେଶ ସୁବିଧା ରହିଛି । ପ୍ରାଥମିକ ପର୍ଯ୍ୟାୟରେ ଗୋପାଳପୁର ଜଙ୍କସନ୍ ଠାରୁ ଫାଷ୍ଟଗେଟ୍ ପର୍ଯ୍ୟନ୍ତ ରାସ୍ତା ଓ ବିଭିନ୍ନ ଛକରେ ଥିବା ପ୍ରତିମୂର୍ତ୍ତି, ପ୍ରତିକୃତିର ପୁନରୁଦ୍ଧାର ସ୍ଥିର ହୋଇଛି । ପରେ ଏହା ଅନ୍ୟ ଦିଗକୁ ସମ୍ପ୍ରସାରଣ ହେବ ବୋଲି କୁହାଯାଇଛି । ନିଗମ ପକ୍ଷରୁ କିଛି ବର୍ଷ ପୂର୍ବରୁ ସହରର ମୁଖ୍ୟ ଛକ ଗୁଡ଼ିକରେ ୱାଟର ଫାଉଣ୍ଟେନ୍, ସ୍କ୍ରାପ୍ କଳାକୃତି ସ୍ଥାପନ କରାଯାଇଥିଲା । ଏଥିସହ ରାସ୍ତାପାର୍ଶ୍ୱର କାନ୍ଥରେ ବିଭିନ୍ନ ଥିମ୍ ଚିତ୍ର ଶୋଭାପାଉଥିଲା । ଓଭରବ୍ରିଜରେ ଆଲୋକସଜ୍ଜା ସହରର ସୁନ୍ଦରତା ବୃଦ୍ଧି କରୁଥିଲା । ଶିକ୍ଷାନୁଷ୍ଠାନ ନିକଟରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି, ଶିକ୍ଷାଭିତ୍ତିକ ଚିତ୍ର କରାଯାଇଥିଲା । ବହୁ ସ୍ଥାନରେ ସେଲ୍‌ଫି ପଏଣ୍ଟ ମଧ ନିର୍ମିତ ହୋଇଥିଲା । ଗୋପାଳପୁର ଜଙ୍କସନ୍ ଠାରୁ ଆରମ୍ଭ କରି ଇଞ୍ଜିନିୟରିଂ ସ୍କୁଲ ରୋଡ୍, ଏମ୍‌କେସିଜି ଛକ, କମାପଲ୍ଲୀ ଟ୍ରାଫିକ୍ ଛକ, ଟ୍ରେକର ଷ୍ଟାଣ୍ଡ ଛକ, କର୍ପୋରେସନ୍ ରୋଡ୍, ସବ୍ ରେଜିଷ୍ଟ୍ରାର ଅଫିସ୍ ଛକ ଓ ଫାଷ୍ଟ ଗେଟ୍ ଛକରେ କିଛି ନା କିଛି ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ତେବେ ସ୍ଥାପନର ଦୀର୍ଘ ପାଞ୍ଚ ବର୍ଷ ହୋଇଯାଇଥିଲେ ମଧ ବିଏମ୍‌ସି ଥରେହେଲେ ବି ରକ୍ଷଣାବେକ୍ଷଣ କରିନଥିବା ଅଭିଯୋଗ ହେଉଛି । ନିୟମିତ ତଦାରଖ ଅଭାବ ଏ ସମସ୍ତ ପ୍ରକଳ୍ପ ଅବକ୍ଷୟର କାରଣ ବୋଲି ଲୋକ କହୁଛନ୍ତି । ଦୀର୍ଘ ବର୍ଷ ପରେ ନିଗମ ଦ୍ୱାରା କରାଯାଇଥିବା ପ୍ରକଳ୍ପ ପୁନରୁଦ୍ଧାର ଦାୟିତ୍ୱ ବିଡ଼ିଏକୁ ଦିଆଯାଇଛି । ବିଏମ୍‌ସି ନିକଟରେ ପାଣ୍ଠି ଅଭାବ କାରଣରୁ ପ୍ରକଳ୍ପ ପୁନରୁଦ୍ଧାର ଦାୟିତ୍ୱ ବିଡ଼ିଏକୁ ଦିଆଯାଇଥିବା କୁହାଯାଉଛି । ବିଡ଼ିଏ ମଧ ୨ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପଗୁଡ଼ିକର ମରାମତି କରିବାକୁ ଅଣ୍ଟା ଭିଡ଼ିଛି । ଏହାରି ଭିତରେ ଟେଣ୍ଡର ସରିଛି । ଠିକାସଂସ୍ଥା ଚୟନ କରାଯାଇ ପୁନରୁଦ୍ଧାର କାମ ଆରମ୍ଭ ହେବ ବୋଲି ବିଡ଼ିଏ ସଚିବ କହିଛନ୍ତି। ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଏମ୍‌ସି କରିଥିବା ପ୍ରକଳ୍ପର ପୁନରୁଦ୍ଧାର କରାଯିବ । ପ୍ରବେଶ ପଥ ସୌନ୍ଦର୍ଯ୍ୟକରଣ ସହରର ଶୋଭା ବଢ଼ାଇବ ବୋଲି ବିଡ଼ିଏ ସଚିବ କହିଛନ୍ତି ।

## କେନ୍ଦୁଝରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

### ୨୫ ଏନ୍‌ଆଇ ଆକ୍ଟ ମାମଲାର ଫଇସଲା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜିଲ୍ଲାସ୍ତରୀୟ ଲୋକ ଅଦାଲତକୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, କନିଷ୍ଠ ପ୍ରଥମ ଶ୍ରେଣୀ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ କାର୍ଯ୍ୟଭାର ସମ୍ଭାଳି ଥିଲେ । ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ସମୁଦାୟ ୨୫ଟି ଏନ୍.ଆଇ. ଆକ୍ଟ ମକଦ୍ଦମା ସମାଧାନ କରାଯାଇ ୧ କୋଟି ୪୪ ଲକ୍ଷ ୪୨ ହଜାର ୩୩୬ ଟଙ୍କା ଆଦାୟ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କୋର୍ଟ ପରିଚାଳକ ଅଚ୍ୟୁତାନନ୍ଦ ସାମନ୍ତରା, ନାଜିର ନିର୍ମଳ କୁମାର ନାଏକ, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ସୁନିଲ କୁମାର ମହାନ୍ତ, ଶକ୍ତି ପ୍ରସାଦ ଶତପଥି, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ କୁମାର ଦାସ, ମାନସ ରଞ୍ଜନ ନାଏକ, ଶିଶିର କୁମାର ସାହୁ ଉପସ୍ଥିତ ରହି ଲୋକ ଅଦାଲତରେ ସହଯୋଗ କରିଥିଲେ ।

## ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ କମିଟି ଗଠିତ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଅଗଷ୍ଟ ୯ ତାରିଖରେ ବ୍ଲକ ସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ଖପ୍ରାଖୋଲ ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରଘୁନାଥ ସିଂ ବରିହା ଅଧ୍ୟକ୍ଷତା କରିଥିବାବେଳେ ଯଦୁମଣି ବରିହା, ନାରାୟଣ କିଷାନ, ବିପ୍ର ବିଶି, କୁଶ ଧ୍ୱଜ ମାଝୀ, କିଶୋର ବରିହା, ତୁଳସୀ ଦାସ ଭୋଇ, ତୁଳସୀ ରାମ ମାଝୀ, ଶଶୀକାନ୍ତ ଧରୁଆ, ସୁବାଷ ଧରୁଆ, ଧର୍ମରାଜ ବରିହା, ଡୋଲାମଣି ଧରୁଆ, ବସୁଦେବ ଧରୁଆ, ଦେବରାଜ ବରିହା, ତୀର୍ଥରାଜ ଧରୁଆ, ଗୋଲାପ ବିଶି, ଯଶୋବନ୍ତ ବରିହା, ହରିଶ ଧରୁଆ, ସାନନ୍ଦ ଭୁଏ, ପିତାମ୍ବର ମାଝୀ, ଦାସ ବରିହା, ଜୟସିଂ ପୁଝାରୀ, ବିରଞ୍ଚି ବରିହା, ମହେଶ ବରିହା, ବଳରାମ ବରିହା, ଧରମ ସିଂ ଧରୁଆ, ସତ୍ୟଭାମା ମାଝୀ ପ୍ରମୁଖ ଯୋଗଦେଇ ଆସନ୍ତା ଅଗଷ୍ଟ ୯ ତାରିଖରେ ବିଶ୍ୱ ଆଦିବାସୀ ଦିବସ ବ୍ଲକ ସ୍ତରରେ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହି ଦିବସକୁ ସୂଚାରୁ ରୂପେ ପାଳନ କରିବାକୁ ଏକ କମିଟି କୁଶଧ୍ୱଜ ମାଝିଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା। ଆଗାମୀ ଦିନରେ ଆଦିବାସୀ ମାନଙ୍କର ପରମ୍ପରା ଏବଂ ରୀତି ନିତି ବିଷୟରେ ଆଲୋଚନା କରିବା ପାଇଁ ସିଦ୍ଧାନ୍ତ କରାଗଲା । ଟିକେଶ୍ୱର ଧରୁଆ ସଭା ପରିଚାଳନା କରିଥିବା ବେଳେ ନାରାୟଣ ବରିହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ପକ୍ଷରୁ ମାରୱାଡ଼ି ଯୁବା ମଞ୍ଚ ସମ୍ମାନିତ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**



ସ୍ଥାନୀୟ ବନମାଳୀ ପ୍ୟାଲେସ୍ ପରିସରରେ ଅନୁଷ୍ଠିତ ପ୍ରେସ୍ କଣ୍ଟାବାଞ୍ଜିଙ୍କ ୫ତମ ବାର୍ଷିକୋତ୍ସବ ଅବସରରେ ମାରୱାଡି ଯୁବା ମଞ୍ଚ ବିକାଶ ଶାଖା କଣ୍ଟାବାଞ୍ଜିଙ୍କୁ ତାଙ୍କର ଉତ୍କୃଷ୍ଟ ଜନସେବା କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପ୍ରଦାନ କରିଥିଲେ ଶ୍ରୀ ସିଂହଦେଓ ବିକାଶ ଶାଖା ଦ୍ୱାରା ବର୍ଷରୁ ବର୍ଷ ଚାଲିଆସୁଥିବା ସେବା କାର୍ଯ୍ୟକ୍ରମର ସ୍ତୁତି କରିଥିଲେ ଏବଂ କହିଥିଲେ ଯେ ସେ ନିଜେ ବି ପୂର୍ବରୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ସେ ରେଲୱେ ଷ୍ଟେସନ୍‌ରେ ଗତ ୮ବର୍ଷ ଧରି ଚାଲିଥିବା ନିଃଶୁଳ୍କ ବ୍ୟାଟେରୀ ଗାଡ଼ି ସେବାର ବିଶେଷ ପ୍ରଶଂସା କରିଥିଲେ ଓ ଏହିପରି ସେବାକୁ ଅବିରତ ଭାବରେ ଚାଲୁଥିବା ପାଇଁ ଉତ୍ସାହିତ କରିଥିଲେ। ମାରୱାଡି ଯୁବା ମଞ୍ଚ ବିକାଶ ଶାଖା ଏକ ସକ୍ରିୟ ଓ ସଚେତନ ସଂଗଠନ ଭାବେ ସଦା ସମୟରେ ଜନସେବା, ସାମାଜିକ କଲ୍ୟାଣ ଓ ଜନଜାଗରଣ ସହିତ ଜଡିତ ରହିଛି। ପ୍ରେସ୍ କ୍ଲବ୍ କଣ୍ଟାବାଞ୍ଜି ସହିତ ମିଶି ବିଭିନ୍ନ ରଚନାତ୍ମକ କାର୍ଯ୍ୟକ୍ରମ ବି ପୂର୍ବରୁ ସଫଳ ଭାବରେ ଅନୁଷ୍ଠାନ କରିଛି। ଏହି ଗରିମାମୟ ଅବସରରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ନଗରପାଳ ବରିଆମ ସିଂହ ସଲୁଜା, କେଭି କଲେଜ ପୂର୍ବତନ ଅଧକ୍ଷ ସତ୍ୟବ୍ରତ ମିଶ୍ର, ବିକାଶ ଶାଖା ଅଧକ୍ଷ ଯୁବ ନିଖିଲ ଅଗ୍ରୱାଲ, ସଚିବ ଯୁବ ନବନୀତ ଅଗ୍ରୱାଲ, ପୂର୍ବତନ ଅଧକ୍ଷ ମନୀଷ ଜୈନ, କୈଳାଶ ଜୈନ, ଅନୁପ୍ ଜୈନ, ଆନନ୍ଦ ମୋଟେ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ। ସମ୍ମାନ ପ୍ରାପ୍ତି ପରେ ଅଧକ୍ଷ ନିଖିଲ ଅଗ୍ରୱାଲ ଓ ସଚିବ ନବନୀତ ଅଗ୍ରୱାଲ ପ୍ରେସ୍ କ୍ଲବ୍ କଣ୍ଟାବାଞ୍ଜିଙ୍କ ପ୍ରତି ହୃଦୟରୁ ଆଭାର ଜଣାଇଥିଲେ ।

## ଚାଷ ଜମିକୁ ଜଳ ସେଚିତ କରିବା ପାଇଁ ପଞ୍ଚାୟତବାସୀଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ତେରଗାଁ ପଞ୍ଚାୟତର ଶତକଡା ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଚାଷ ଜମିକୁ ଜଳ ସେଚନର ବ୍ୟବସ୍ଥା କରିବା ପାଇଁ ଏହି ପଞ୍ଚାୟତବାସୀ ଦାବି କରିଛନ୍ତି । ପଞ୍ଚାୟତରେ ଜଳ ସେଚନର ବ୍ୟବସ୍ଥା ନଥିବାରୁ କୃଷି କାର୍ଯ୍ୟ ପାଇଁ ପଞ୍ଚାୟତବାସୀମାନେ ସଂପୂର୍ଣ୍ଣ ଭାବେ ବର୍ଷାଜଳ ଉପରେ ନିର୍ଭର କରୁଥିବାରୁ ଚାଷ କାର୍ଯ୍ୟ ପଛେଇ ଯାଉଛି । ଅଧିକାଂଶ ଚାଷ ଜମି ଗୁଡିକ ଚାଷ ନହୋଇପାରି ଖାଲି ପଡିରହୁଛି । ଏହି ପଞ୍ଚାୟତର ଚାଷ ଜମି ଗୁଡିକୁ ଜଳସେଚନ କରିବା ପାଇଁ ଦୀର୍ଘ ବର୍ଷ ହେଲା ଚାଷୀମାନେ ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲା କୃଷି କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେଇଛନ୍ତି । ତେଣୁ ପଞ୍ଚାୟତ ତରଫରୁ ଜଳ ସେଚିତ କରିବା ପାଇଁ ବିଚିତ୍ରାନନ୍ଦ ମଲ୍ଲ, ଦେବେନ୍ଦ୍ର କୁମାର ଦାସ, ଅକ୍ଷୟ କୁମାର ସ୍ୱାଇଁ, ସଂଯୁକ୍ତା ରାଉତ, ଭ୍ରମରବର ମଲିକ ପ୍ରମୁଖ ଦାବି କରିଛନ୍ତି ।




# ସୋଆର ମହିଳା ୱର୍କଫୋର୍ସକୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ମାନ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ଓ ଏହାର ଅଗ୍ରଣୀ ଭୂମିକା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ମହିଳା ୱର୍କଫୋର୍ସକୁ ଫେମିନା ୱିମେନ୍ ଆଚିଭର୍ସ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଛି । ଶନିବାର ଭାରତର ଅଗ୍ରଣୀ ମହିଳା ଭିତ୍ତିକ ପ୍ରତ୍ରିକା ଫେମିନା ପକ୍ଷରୁ ଆୟୋଜିତ ଫେମିନା ଆଚିଭର୍ସ ଆୱାର୍ଡ ସମ୍ମାନ, ଓଡ଼ିଶା ୨୦୨୫ ସମ୍ମାନ ପ୍ରଦାନ ଉତ୍ସବରେ ସୋଆର ମହିଳା ୱର୍କଫୋର୍ସକୁ ଦୁଇଟି ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ନେତୃତ୍ୱ ନେଇ ସୋଆର ୱିମେନ୍ ୱର୍କଫୋର୍ସକୁ 'ଏକ୍ସିଲେନ୍ସ ଇନ୍ ଏଜୁକେସ୍‌ନାଲ ଲିଡରସିପ୍' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମୁକ୍ତା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ରୁଚି ଭୂୟାଁ, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠୀ, ଡିନ୍ ପ୍ରଫେସର ସସ୍ମିତା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ର କମ୍ପ୍ୟୁଟର ସାଇନ୍‌ସେସ୍ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର, ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟସ୍ ଆଫେୟାର୍ସ) ଆଇଟିଇଆର୍, ପ୍ରଫେସର ରେଣୁ ଶର୍ମା ଓ ଜାଗୋର ମେଣ୍ଟର ପ୍ରଫେସର ଅନୀତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ନେଇ ସୋଆ ଗ୍ରୁପ୍ ଅଫ୍ ହସ୍ପିଟାଲ୍‌ସର ମହିଳା ଶାଖାକୁ 'ଆଉଟ୍‌ଷ୍ଟାଣ୍ଡିଙ୍ଗ କଂଟ୍ରିବ୍ୟୁସନ୍ ଟୁ ୱିମେନ୍ ଏମ୍ପାୱାରମେଣ୍ଟ ଇନ୍ ଏଜୁକେସନ୍ ଆଣ୍ଡ ହେଲ୍‌ଥ୍ କେୟାର' ସମ୍ମାନ ପ୍ରଦାନ କରାଯାଇଛି। ସୋଆ ପକ୍ଷରୁ ଚିଫ୍ ଫ୍ୟାସିଲିଟେଟିଙ୍ଗ ଅଫିସର ପ୍ରତିମା ରାଉତରାୟ, ସୋଆ ଫାର୍ମାସୀ ମୁଖ୍ୟ ଡକ୍ଟର ଜସ୍ମିନ ପଣ୍ଡା, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ୱାଲିଟି ବିଭାଗର ମୁଖ୍ୟ ପ୍ରଫେସର ଅରୋଲିପି ଦାସ, ବାୟୋମେଡିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଇଂ ମନୋରମା ପରିଡ଼ା, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିଜିଏମ୍ ପୁଷ୍ପାଞ୍ଜଳୀ ରାଉତ୍, ନର୍ସିଂ ସୁପରିଟେଣ୍ଡେଣ୍ଟ ମୀନତି ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ - ୨ର ନର୍ସିଂ ସୁପରିଟେଣ୍ଡେଣ୍ଟ କମଳିନୀ ମଲ୍ଲିକ, ସୋଆ ରେଡିଓର ଇନ୍‌ଚାର୍ଜ ହନୀ ପଟ୍ଟନାୟକ, ସୋଆ ଫାର୍ମାସୀର ପ୍ରଫେସର ସ୍ନିଗ୍ଧା ପଟ୍ଟନାୟକ, ସୋଆ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ପ୍ରଫେସର ସସ୍ମିତା ମହାନ୍ତି ଓ ପ୍ରଫେସର ସ୍ମିତା ସୁଚରିତା ମହାପାତ୍ର ଏବଂ ସୋଆ ଆଲୁମିନାଇର ସଭାପତି ଡକ୍ଟର ସୁସ୍ମିତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ।

# ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ସହ ପେନ୍‌ସନ୍ ପ୍ରଦାନ ଓ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ଏବଂ ପେନ୍‌ସନ୍ ପ୍ରଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କୁ ଉତ୍କଳ ସାମ୍ବାଦିକ ସଂଘ ଅନୁମୋଦିତ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରତ୍ୟେକ ବର୍ଷ ପ୍ରାୟ ୬୦୦ ସାମ୍ବାଦିକ ଗୋପବନ୍ଧୁ ସ୍ୱାସ୍ଥ୍ୟ ଯୋଜନାରେ ଉପକୃତ ହେଉଛନ୍ତି। ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଅଧିକ ହିତାଧିକାରୀମୁଖୀ କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ପଚିଶ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରାଯାଉ । ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରାଯିବା ସହ ଆୟୁଷ୍ମାନ୍ ଯୋଜନାରେ ସାମିଲ୍ ଥିବା ହିତାକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ ଆୟୁଷ୍ମାନ୍ ଭାରତ ଏବଂ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ସୁବିଧା ଉପଲବ୍ଧ କରିବାକୁ ଅନୁରୋଧ କରାଯାଇଛି । ସୂଚନାଅନୁସାରେ, ଅନ୍ୟପକ୍ଷରେ ଦେଶର ୧୮ ଗୋଟି ରାଜ୍ୟ ଭଳି ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କା ପେନ୍‌ସନ୍ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରାଯିବାକୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ସାମ୍ବାଦିକ ତାପସ କୁମାର ରଥ, ପବିତ୍ର ବେହେରା, ବିଜୟ କୁମାର ମିଶ୍ର, ରବିନ୍ଦ୍ର କୁମାର ସେଠି, ବିରଞ୍ଚି ବେହେରା, ସଂଗ୍ରାମ ମିଶ୍ର, ସାଗର ସାମଲ, ଅଞ୍ଜିତ ବେହେରାଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ ।

# ମୁଖ୍ୟ ରାସ୍ତା ପାଲଟିଛି ବୁଲା ଗୋରୁଙ୍କ ଆଶ୍ରୟସ୍ଥଳ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିକାଶ ପାଇଁ ବିଭିନ୍ନ ଯୋଜନାର ଅନୁଦାନ ପାଣି ଉନ୍ନୟନ କାର୍ଯ୍ୟ ପାଇଁ ଆସିଥାଏ। ରାସ୍ତା ଘାଟ ଠାରୁ ସାହି ବସ୍ତି ତଥା ପରିବେଶ ପରିଚ୍ଛନ୍ନତା ପାଇଁ କ୍ରମଶଃ ପରିବର୍ତ୍ତନ କରାଯାଇଥାଏ । ସହରକୁ ସବୁଜ ସୁନ୍ଦର ଗଢ଼ି ତୋଳିବା ଲାଗି ପ୍ରଶାସନିକ ସ୍ତରରୁ ପ୍ରତିନିଧି, ରାଜନେତା, ବ୍ୟବସାୟୀ, ବୁଦ୍ଧିଜୀବୀ ମାନଙ୍କ ସ୍ତରରେ ଉଦ୍ୟମ ହୋଇ ବ୍ୟାପକ ମାତ୍ରାରେ ପ୍ରସ୍ତୁତି ଚାଲିଥାଏ । ସହରର କେତେକ ସ୍ଥାନରେ ପରିବେଶ ଚଳ ଚଞ୍ଚଳ ଭିତରେ ଅଣନିଶ୍ୱାସୀ ହୋଇ ପଥିକ ଓ ସାଧାରଣ ଜନତାଙ୍କ ଦୁଃଖ ଦୁର୍ଦ୍ଦଶା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ରମ୍ଭା ସହରାଞ୍ଚଳ ଐତିହାସିକ ପର୍ଯ୍ୟଟନ ଓ ସ୍ମାରକୀ ପୀଠର ବହନ କରୁଥିବା ବେଳେ ରାସ୍ତାରେ ଅବାଧରେ ପଲ ପଲ ବୁଲା ଗାଇ ଗୋରୁ ବିଚରଣ ଯୋଗୁଁ ଗୁରୁତ୍ୱର ସମସ୍ୟା ଦେଖାଦେଇଛି । ଦୈନନ୍ଦିନ ବିଷମ ପରିସ୍ଥିତି ସୃଷ୍ଟି କରୁଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ, ଆଗନ୍ତୁକ, ପଥିକ ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ତ ସରକାରୀ ଅଫିସର, ବିଧାୟକ ଓ ମନ୍ତ୍ରୀମାନଙ୍କ ପାଦ ପଡୁଥିବା ବେଳେ ଏଭଳି ସମସ୍ୟାକୁ କାହାର ନିଘାନଥିବା ଜଣାଯାଇଛି। ରମ୍ଭା ସହରାଞ୍ଚଳରେ ସଂଗ୍ରାମୀ ସ୍ମାରକୀ ପୀଠରେ ୪୧ ଗୋଟି ବରପୁତ୍ର ମାନଙ୍କ ମୁଖ୍ୟମନ୍ତ୍ରୀଙ୍କ ଉନ୍ମୋଚନ ଗସ୍ତକୁ ଦୃଷ୍ଟିରେ ରଖି ଏନ୍‌ଏସି ଓ ପୋଲିସ ପକ୍ଷରୁ ପୂର୍ବ ଦିନ ଧର ପଗଡ଼ କରାଯାଇ ସହରରେ କୋକୁଆ ଭୟ ସୃଷ୍ଟି କରିଥିଲେ । କିନ୍ତୁ ଆଜି ପୁନଃ ମୂଶିକଭବ ନୀତିରେ ସେହିଭଳି ଅବସ୍ଥା ସହରାଞ୍ଚଳରେ ଦେଖିବା ଲକ୍ଷ୍ୟ କରାଯାଇଛି । ଲୋକ ଦେଖାଣିଆ ଭାବେ ଗୋରୁ ଗାଇ ଧରା ଗାଡ଼ିରେ ଗୋପାଳକ ମାନଙ୍କ ଗାଇ ଗୋରୁ ଉଠାଇ ନେଇ ଅନତି ଦୂରରେ ଛାଡିଦେଇ ନିଶ୍ଚିତ ରହୁଥିବା ଗୋପାଳମାନଙ୍କ ଠାରୁ କିଛି ତଣ୍ଡ ଆଦାୟ କରି ଏନ୍‌ଏସି କାର୍ଯ୍ୟାଳୟ କର୍ତ୍ତୃପକ୍ଷ କାମ ସାରି ହାତ ଚିକ୍କଣ କରି ବସୁଥିବା ଜଣାଯାଇଛି । ମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ନିୟମିତ ବ୍ୟବଧାନରେ ବୁଲା ପଶୁ ମାନଙ୍କୁ ରାସ୍ତାରୁ ହଟାଇବା ଲାଗି ଉଦାସୀନତା ଓ ଶିଥିଳତା ରହିଥିବା ସାଧାରଣରେ କୁହାକୁହି ହେଉଛନ୍ତି । ସ୍ଥାନେ ସ୍ଥାନେ ବୁଲା ଗାଇ ଗୋରୁମାନେ ଦୋକାନ ପାର୍ଶ୍ୱ, ହୋଟେଲ, ପନିପରିବା ଦୋକାନ ମାନଙ୍କରୁ ଅବାଧରେ ପଶି ଖାଦ୍ୟ ଟାଣିଆଣି ସେବନ କରୁଥିବା ଲକ୍ଷ୍ୟ କରାଯାଇଛି । ଏଥିସହିତ ପାର୍ଶ୍ୱବର୍ତ୍ତୀ ଗୃହ ନିର୍ମାଣ ସାମଗ୍ରୀ, ବାଲି, ଗୋଡି, ଇଟା, ପଥର ବେଆଇନ୍ ଭାବେ ଜମା କରି ଗାଡି ପାର୍କିଂ ହୋଇ ରାସ୍ତା ସଙ୍କୁଚିତ ହୋଇଥିବା ଅଭିଯୋଗ ହେଉଛି । ସମସ୍ୟାର ସମାଧାନ ଦିଗରେ ପ୍ରଶାସନର ଦୁର୍ବଳତା ପଦାରେ ପଡ଼ି ହାଟରେ ଗଡୁଛି ବୋଲି ଲୋକମାନେ କୁହାକୁହି ହେଉଛନ୍ତି। ଗୋଟିଏ ପଟେ କାଞ୍ଜିଆହୁଦା ଓ ଗୋ ଶାଳା ଅଭାବ ପରିଲକ୍ଷିତ ହୋଇଥିବା ବେଳେ ଅନ୍ୟପଟେ ସହରରେ ବୁଲା ଗାଇଗୋରୁଙ୍କ ଯୋଗୁ ଦୁର୍ଘଟଣା ଛୋଟବଡ଼ ଘଟଣା ନୀତି ଦିନିଆ ପାଲଟିଥିବା ଅଭିଯୋଗ ହୋଇଛି। ଦୁର୍ଘଟଣାରୁ ରୋକିବା ପାଇଁ ଏନ୍‌ଏସି ପକ୍ଷରୁ ପ୍ରଥମେ ବୁଲା ଗାଇ ଗୋରୁଙ୍କ ବେକରେ ଟେଗ୍ ଲଗାଇ ନିର୍ବିଘ୍ନରେ ବିଚରଣ କରୁଥିବା ଗାଈ ଗୋରୁ ମାଲିକଙ୍କ ଠାରୁ ଜରିମାନା ଆଦାୟ କରାଯିବା ସହଜ ସାଧ ହୋଇଥାନ୍ତା। ଏହା ନୋହିଁଲା ଏନ୍‌ଏସି ପକ୍ଷରୁ ସମସ୍ୟା ସମାଧାନକୁ ନେଇ କୌଣସି ଦୀର୍ଘ ମିଆଦି ଯୋଜନା ନଥିବା ଯୋଗୁ ସହରବାସୀ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଯଦି କ୍ରମାଗତ ଲାଗି ରହେ ଟ୍ରାଫିକ୍ ସମସ୍ୟା ସୁଧାର ନଆସେ ବାସିନ୍ଦା କାହା ଉପରେ କେତେ ପରିମାଣରେ ବିଶ୍ୱାସ ପ୍ରକଟ କରିବେ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# 'ଯୋଗ୍ୟ ବିବେଚିତ ସମସ୍ତ ଶିକ୍ଷାନୁଷ୍ଠାନକୁ ସରକାରୀ ଅନୁଦାନ ପ୍ରଦାନ କରାଯାଉ'

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ସମନ୍ୱୟ ସମିତି ଜଗତସିଂହପୁର ଜିଲ୍ଲା କନ୍‌ଭେନ୍‌ସନ୍ ଓଷ୍ଟାର ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଓଷ୍ଟା ଅଫିସ ଖେରସ ଜଗତସିଂହପୁର ଠାରେ ଅନୁଷ୍ଠିତ ହେଇଯାଇଛି । ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ମାନଙ୍କର ବିଭିନ୍ନ ଦାବି ନେଇ ଆସନ୍ତା ଅଗଷ୍ଟ ମାସରେ ହେବାକୁଥିବା ଆନ୍ଦଳନକୁ ତୀବ୍ରତର କରିବାଲାଗି ସମନ୍ୱୟ ସମିତିର ଆବାହକ ଜିଲ୍ଲା ଓଷ୍ଟାର ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ରାଜ୍ୟ ଓଷ୍ଟା ସମ୍ପାଦକ ସ୍ମୃତି ରଞ୍ଜନ ପରିଜା, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ନିକୁଞ୍ଜ କିଶୋର ବେହେରା, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁବାଷ ଚନ୍ଦ୍ର ଦାସ, କଲେଜ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ମହାରଣା, ପ୍ରାଇମେରୀ ସଂଘର ଜିଲ୍ଲା ସମ୍ପାଦକ ସଚ୍ଚିଦାନନ୍ଦ ପରିଡା, ଉପସଭାପତି ବସନ୍ତ ମଞ୍ଜରୀ ଦାଶ, ଯୁଗ୍ମ ସମ୍ପାଦକ ଅନିଲ କୁମାର ଜେନା, ମଦ୍ରାସା ସଂଘର ସେଖ ସୋଫିଆନ, ରଘୁନାଥପୁର ବ୍ଲକ ସମ୍ପାଦକ ରଞ୍ଜନ କୁମାର ମିଶ୍ର, ଏରସମା ବ୍ଲକ ସମ୍ପାଦକ ଅଜିତ କୁମାର ଲେଙ୍କା, ବାଲିକୁଦା ବ୍ଲକ ସମ୍ପାଦକ ନିହାର ରଞ୍ଜନ ନାୟକ, ପଙ୍କଜିନୀ ନନ୍ଦ, ବିରିଡି ବ୍ଲକ ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ସିଂହ, ବାଲିକୁଦା ବ୍ଲକ କାର୍ଯ୍ୟକାରୀ ସଭାପତି ଅରୁଣକୁମାର ମହାରଣା, ରଘୁନାଥପୁର ବ୍ଲକ ସଭାପତି ଶରତ ଚନ୍ଦ୍ର ପଣ୍ଡା, ପୁନଙ୍ଗ କଲେଜର ସୁନୀଲ କୁମାର ମହାନ୍ତି ଓ ଜିଲ୍ଲା କାର୍ଯ୍ୟକାରୀ କମିଟିର ସଭ୍ୟ କୈଳାଶ ଚନ୍ଦ୍ର ସାହୁ, ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ସମସ୍ତ ଯୋଗ୍ୟ ବିବେଚିତ ସ୍କୁଲ, କଲେଜକୁ ସରକାରୀ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ, ଗ୍ରେଡ଼ ପେରେ ଥିବା ଅସଂଗତି ଦୂର କରିବା, ସମସ୍ତ ଅନୁଦାନ ପ୍ରାପ୍ତ ସ୍କୁଲ୍ ଓ କଲେଜକୁ ସରକାରୀକରଣ କରିବା, ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ୬ଟି ନେସନାଲ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା । ଏହି ସମସ୍ତ ଦାବି ନେଇ ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି, ଅଗଷ୍ଟ ୨ ତାରିଖରେ ବିଓ ଅଫିସ ଆଗରେ, ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଦାବିପତ୍ର ପ୍ରଦାନ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ସହିତ ୧୬ ଅଗଷ୍ଟରେ ବହୁ ସଂଖ୍ୟାରେ ଗାନ୍ଧୀମାର୍ଗ ଭୁବନେଶ୍ୱରରେ ଯୋଗ ଦେବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ସମ୍ପାଦକୀୟ

31 YEARS ସମ୍ବାଦ କଳିକା

# କମୁଛି ଭାରତୀୟ ପକ୍ଷୀଙ୍କ ସଂଖ୍ୟା

ଭାରତର ଅନେକ ପକ୍ଷୀ ଜାତିରେ ଉଲ୍ଲେଖନୀୟ ହ୍ରାସ ଘଟିଛି, ଯାହା ନିରନ୍ତର ସଂରକ୍ଷଣ ପ୍ରୟାସର ଆବଶ୍ୟକତାକୁ ଉତ୍ଥାପନ କରିଛି ବୋଲି ଏକ ସାମ୍ପ୍ରତିକ ଅଧ୍ୟୟନରୁ ଜଣାଯାଇଛି। 'ଇବାର୍ଡ' ନାମକ ନାଗରିକ ବିଜ୍ଞାନ ମଞ୍ଚ ମାଧ୍ୟମରେ ହଜାର ହଜାର ପକ୍ଷୀ ପର୍ଯ୍ୟବେକ୍ଷକଙ୍କ ପ୍ରଦତ୍ତ ୯୪୨ ପକ୍ଷୀ ଜାତିର ସ୍ଥିତିକୁ ମୂଲ୍ୟାଙ୍କନ କରି ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ଏବଂ ସଂରକ୍ଷଣ ସଂଗଠନଗୁଡ଼ିକର ଏକ ସଂଘ ଦ୍ୱାରା ପ୍ରସ୍ତୁତ 'ଭାରତର ପକ୍ଷୀ ସ୍ଥିତି ୨୦୨୩' ରିପୋର୍ଟ ଏଭଳି ଚିତ୍ର ଉପସ୍ଥାପନ କରିଛି। ରିପୋର୍ଟ ଅନୁଯାୟୀ, ୨୦୪ ପକ୍ଷୀ ଜାତି ଦୀର୍ଘକାଳୀନ ହ୍ରାସର ସମ୍ମୁଖୀନ ହୋଇଥିବା ବେଳେ ୧୪୨ ଜାତିରେ ସମ୍ପ୍ରତି ହ୍ରାସ ହେଉଛି। ଏହି ରିପୋର୍ଟ ବିଶ୍ୱର ଦକ୍ଷିଣାଞ୍ଚଳର ସର୍ବବୃହତ୍? ଜୈବ ବିବିଧତା ମନିଟରିଂ ପ୍ରୟାସ ମଧ୍ୟରୁ ଗୋଟିଏକୁ ପ୍ରତିନିଧିତ୍ୱ କରୁଛି। ଏହା ୧୭୮ଟି ପକ୍ଷୀ ଜାତିକୁ 'ଉଚ୍ଚ ସଂରକ୍ଷଣ ପ୍ରାଥମିକତା', ୩୨୩ଟି ଜାତିକୁ 'ମଧ୍ୟମ ପ୍ରାଥମିକତା' ଏବଂ ୪୪୧ଟି ଜାତିକୁ 'ନିମ୍ନ ପ୍ରାଥମିକତା' ଭାବରେ ବର୍ଗୀକୃତ କରିଛି। ମେରୁଦଣ୍ଡୀ ଶିକାର, ମୃତ ପ୍ରାଣୀ କିମ୍ବା ଅମେରୁଦଣ୍ଡୀ ପ୍ରାଣୀ ପରି ଖାଦ୍ୟ ଉପରେ ନିର୍ଭରଶୀଳ ପକ୍ଷୀ ଜାତିରେ ସର୍ବାଧିକ ହ୍ରାସ ଘଟିଛି, ଯାହା ଦୀର୍ଘକାଳୀନ ପକ୍ଷୀ ସଂଖ୍ୟା କ୍ଷତିର ହାରାହାରି ୨୫%ରୁ ଅଧିକ। ଅପରପକ୍ଷେ, ଫଳ ଉପରେ ନିର୍ଭରଶୀଳ ପକ୍ଷୀ ଜାତିଙ୍କ ସଂଖ୍ୟା ସ୍ଥିର ରହିଛି କିମ୍ବା ବୃଦ୍ଧି ପାଇଛି। ତୃଣଭୂମି, ଗୁଳ୍ମଭୂମି ବା ଆର୍ଦ୍ରଭୂମିମାନଙ୍କରେ ସର୍ବାଧିକ ହ୍ରାସ ଘଟିଥିବା ଲକ୍ଷ୍ୟ କରାଯାଇଛି। ଏପରିକି ଭାରତରେ ସ୍ଥାନୀୟ ବାସିନ୍ଦା ପକ୍ଷୀଙ୍କ ତୁଳନାରେ ଶୀତକାଳୀନ ପ୍ରବାସୀ ପକ୍ଷୀମାନଙ୍କ ସଂଖ୍ୟା ଅଧିକ ହ୍ରାସ ପାଇଛି, ଯାହା ଅଧିକ ଚିନ୍ତାର କାରଣ ହୋଇଛି।

# ସାହାଯ୍ୟ



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ରାଜେଶ ସବୁବେଳେ ରହେ ହସ ହସ। ନ ଥାଏ ତାଆଠି କେବେ ଉଦାସ ଭାବ। ବୃତ୍ତିରେ ଜଣେ ଯୁବ ଡ୍ରାଇଭର। ହେଲେ ଅନ୍ୟକୁ ସାହାଯ୍ୟ ସହଯୋଗ କରିବା ମାନସିକତା ତାଆଠି ପ୍ରବଳ। ତାର ଗୋଟେ ଛୋଟିଆ କାର ଅଛି। ସେ ମାଲିକ ସେ ଡ୍ରାଇଭର। ସେ ନିଜକୁ ମାଲିକ ଭାବେନି। ଗ୍ରାହକଙ୍କୁ ଗାଡ଼ି ଭଡ଼ା ଦିଏ ଓ ନିଜେ ଚଲାଇ ଗାଡ଼ି ନେବା ଆଣିବା କରେ। ଗ୍ରାହକଙ୍କୁ ଠିକ ସେବା ଦେବା କାମରେ ସେ ଥାଏ। ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ବାଟରେ ଘାଟରେ ସାହାଯ୍ୟ କରେ।

ଭଡ଼ାରେ ଯାଇ ଗ୍ରାହକଙ୍କୁ କେଉଁଠି ଛାଡ଼ିକି ଫେରିଲା ବେଳେ ଦିନେ ରାଜେଶ ଦେଖିଲା ରାସ୍ତା କଡ଼ରେ ଗୋଟେ ଗାଡ଼ି ଅଟକି ରହିଛି। ଗାଡ଼ିରେ ଥିଲେ ଗୋଟେ ପରିବାର। ପଛ ଚକରୁ ପବନ ବାହାରିଯାଇଥିବାରୁ ଚକ ବଦଳାଇବା ଉପକ୍ରମ କରାଯାଉଥିଲା। ସେମାନେ ଛୋଟ ମୋଟ ଅସୁବିଧାରେ ପଡ଼ିଥିବେ ଭାବି ରାଜେଶ ଅଟକିଲା ନିଜ ଗାଡ଼ିକୁ ରାସ୍ତାକଡ଼ରେ ରଖି। ସେଇ ଗାଡ଼ି ପାଖକୁ ଗଲା। ପଚାରିଲା ଆଜ୍ଞା କଣ ଅସୁବିଧା ହୋଇଛି କି? ରାଜେଶ ଦେଖିଲା ଜ୍ୟାକ ଠିକ ଜାଗାରେ ଲଟକା ଯାଉନଥିବାରୁ ଗାଡ଼ି ଖସିଯାଉଛି ଓ ତା' ସହିତ ଦୋହଲିଯାଉଛି। ଏଥିରେ ପରିବାର ଲୋକେ ଡରିଯାଉଛନ୍ତି ଚକ ବଦଳାଯାଇପାରିବ କି ନାହିଁ ଆଶଙ୍କା କରି। ରାଜେଶ ଅନୁମାନ କଲା ଗାଡ଼ି ମାଲିକ ସଉକିରେ ଗାଡ଼ି ବୋଧେ ଚଲାନ୍ତି। ଚକ ଖୋଲି ଲଗାଇବା ତାଙ୍କୁ ଭିଡ଼ ଧରୁଛି। ରାଜେଶ ନିଜ ପରିଚୟ ଦେଇ କହିଲା, ଆଜ୍ଞା ମୁଁ ଜଣେ ଡ୍ରାଇଭର। ଆପଣ ଚାହିଁଲେ ଆପଣଙ୍କୁ ସାହାଯ୍ୟ କରିପାରେ। ସହାୟତା ଦେଇପାରେ। ସେ ମହାଶୟ ବି ହଁ କଲେ। ରାଜେଶ ଜ୍ୟାକ ସାହାଯ୍ୟରେ ଗାଡ଼ି ଟେକି ବିଗିଡ଼ିଥିବା ଚକ ଖୋଲି ଷ୍ଟେପିନ ଚକକୁ ଅଳ୍ପ ସମୟ ଭିତରେ ଲଗାଇ ଦେଲା।

ତାପରେ ବୟସ୍କା ମହିଳା ଜଣକ କହି ଉଠିଥିଲେ ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଥିଲି କିଏ ଜଣେ ଆସି ଆମକୁ ସାହାଯ୍ୟ କରନ୍ତା କି? ଭଗବାନ ମୋ ଡାକ ଶୁଣିଲେ। ଆଉ ତୁମକୁ ଦେବଦୂତ ଭଳି ଏଠାକୁ ପଠାଇଦେଲେ। ରାଜେଶ ସେଇ କଥା ଶୁଣି ଟିକେ ହସି ଦେଇ କହିଲା, ମୁଁ ଦେବଦୂତ ନୁହେଁ। ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ ଯୋଗାଇ ଦେବା ମୋ' କାମ ଓ ମୁଁ ଆସୁଥିଲି। ଦେଖିଲି ଆପଣମାନେ ଅସୁବିଧାରେ ପଡ଼ିଥିବେ ଭାବି ଅଟକଲି। ବୟସ୍କା ମହିଳା ରାଜେଶର ମୁଣ୍ଡ ଉପରେ ହାତ ବୁଲାଇ କହିଥିଲେ ତୁମେ ସାହାଯ୍ୟ କରିନଥିଲେ ଆମେ ହୁଏତ ବହୁତ ଅଡୁଆ ଅସୁବିଧାଜନକ କେଉଁ ପରିସ୍ଥିତିର ଯେ ସାମ୍ନା କରିଥାନ୍ତୁ, ସେ କଥା ଭଗବାନ ଜାଣନ୍ତି? ଯାହା ହେଉ ତୁମେ ଆସି ସାହାଯ୍ୟ କଲ, ଗାଡ଼ି ଚକ ବଦଳାଇବା କାମ ହୋଇଗଲା। ନ ହେଲେ ଆଉ କେତେ ସମୟ ଯେ ଅଟକିଥାନ୍ତୁ, ସେ କଥା କିଏ ଜାଣେ? ଭଗବାନ ତୁମର ମଙ୍ଗଳ କରନ୍ତୁ। ରାଜେଶ ହସି ଦେଇ ହାତ ଟେକି ଜୁହାର ହେଲା। ହଉ ଆଜ୍ଞା ମୁଁ ଆସୁଛି କହି ନିଜ ଗାଡ଼ି ଆଡ଼କୁ ପାଦ ବଢ଼ାଇଥିଲା। ଏ ସମୟକୁ ରାଜେଶକୁ ଡାକି ବୟସ୍କା ମହିଳା ପଚାଶ ଟଙ୍କିଆ ନୋଟ ଖଣ୍ଡେ ବଢ଼ାଇ ଦେଇଥିଲେ। ହେଲେ ରାଜେଶ ହାତ ହଲାଇ ମନା କଲା ନେବ ନାହିଁ। ମୁଁ କେବଳ ସାହାଯ୍ୟ କରିଛି। ଆପଣମାନେ ଏବେ ଯାଇପାରନ୍ତି। ଆଉ କିଛି ଅସୁବିଧା ହେବ ନାହିଁ। କେଉଁଠି ଗ୍ୟାରେଜ ଦେଖି ବିଗିଡ଼ା ଚକର ମରାମତି କରାଇ ନେବେ।

ଗାଡ଼ି ଷ୍ଟାର୍ଟ କଲାବେଳେ ରାଜେଶ ମନରେ ଖୁବ ଆତ୍ମସନ୍ତୋଷ ଲଭୁଥିଲା ଅସୁବିଧାରେ ପଡ଼ିଥିବା ଅସହାୟଙ୍କୁ ଠିକ ସମୟରେ ସାହାଯ୍ୟ କରିପାରିଥିବାରୁ। ଏମିତି ସାହାଯ୍ୟ କରିଚାଲିବା ପାଇଁ ମନରେ ତାର ଅଫୁରନ୍ତ ଖୁସି ଯେମିତି ଦାନା ବାନ୍ଧୁଥିଲା।

# ଅବେଳିଆ ହାକିମ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବିଗତ ଦିନର ଘଟଣା। ରାଜ୍ୟ ସଂଗ୍ରହାଳୟ ପରିସରରେ ଥିବା ସଂସ୍କୃତି ଭବନ ସମ୍ମୁଖର ବଡ଼ ବରଗଛ ମୂଳରେ ଆନ୍ଧ୍ର ରାଜ୍ୟ ମଞ୍ଜୁଷା ପାଖରୁ ଆସିଥିବା ଜଣେ ବ୍ୟକ୍ତି ନିଜର ଯୁବତୀ ସ୍ତ୍ରୀ ଓ ଦୁଇଟି ଛୋଟ ପିଲାଙ୍କ ମେଳରେ ତଳେ ଲୁଗାପାରି ବସିଥିଲେ। ସେମାନଙ୍କ ସାଙ୍ଗରେ ଥିଲା ବେକରେ ଘୁଙ୍ଗୁର ଓ ନାଲି ପୋଷାକ ପିନ୍ଧା ଗୋଟିଏ ମାଙ୍କଡ଼, ଗୋଟାଏ ଟମକା ବାଜା, ବଡ଼ ଶାବଳ, କୋଡ଼ି ସହ ଚଳିବା ସରଞ୍ଜାମ ରଖିଥିବା ଖଣ୍ଡେ ଭଙ୍ଗା ଟିଣବାକ୍ସ। ବ୍ୟକ୍ତିଟି ଏପରି ଦଦରା ଥିଲା ଯେ ସେଥିରେ ରଖାଯାଇଥିବା ଜିନିଷରୁ କିଛି ଅଂଶ ପଦାକୁ ବି ଦେଖାଯାଉଥିଲା। ସ୍ତ୍ରୀ ଲୋକଟି ବାଜା ବଜାଉଥିଲା ଓ ବାଜା ସହ ତାଳ ଦେଇ ମାଙ୍କଡ଼ଟି ବି ନାଚୁଥିଲା। ତାହାର ବାଜା ବଜାଇବା ଢଙ୍ଗରୁ ଜଣାପଡୁଥିଲା ସେ ଥିଲା ସେହି କଳାର ଜଣେ ଓସ୍ତାଦ୍। ଦୁଇ ପିଲାମାନଙ୍କ ଭିତରୁ ୮ବର୍ଷର ଝିଅଟି ଟମକା ସହ ତାଳ ଦେଇ ସୁନ୍ଦର ଢଙ୍ଗରେ ବଜାଉଥିଲା ଝୁମୁକା। ଅଫିସ ବେଳ ହେବାରୁ ସଂସ୍କୃତି ଭବନର ଚାକିରିଆମାନେ ତରତର ହୋଇ ଅଫିସ୍ କୋଠାରେ ପଶିଯାଉଥିଲେ। ପୁରୁଷ ଲୋକଟି ବି ସ୍ତ୍ରୀ ଲୋକଟାଠାରୁ ଟମକା ନେଇ ବଜାଇଲା ଓ ସ୍ତ୍ରୀଟି ତେଲୁଗୁ ମିଶା ଓଡ଼ିଆରେ ବେଶ୍ ସୁନ୍ଦର ସ୍ୱରରେ ଗୀତ ଗାଇଲା। ସେତେବେଳେ ଲୋକଟିର ବାଜା ଓ ତାହା ସହ ଝିଅର ଝୁମୁକାର ତାଳ ଚରମ ରାଗରେ ପହଞ୍ଚି ଯାଇଥିଲା। ଅଫିସ୍ ଯାଉଥିବା ଥୋକାଏ ଲୋକ ସେଠି ସେତେବେଳକୁ ରୁଣ୍ଡ ହୋଇଯାଇଥିଲେ। କିଛି ଲୋକ ପକେଟରୁ ଟଙ୍କା ବା କାଗଜ ନୋଟ୍ ସେମାନେ ବସିଥିବା ଲୁଗା ଉପରେ ପକାଇଦେଇ ଚାଲିଯାଉଥିଲେ। କେହିବା ତାହାର ଖେଳକୁ ପସନ୍ଦ କରି ତାକୁ ବାହାବାହା ଦେଉଥିଲେ। ଏପରି ଖେଳକୁ ପିଲାବେଳେ ଆମେ ବେଶ୍ ଉପଭୋଗ କରୁଥିଲୁ। ଏହାକୁ ମାଙ୍କଡ଼ ନଚା ଖେଳ ବୋଲି କୁହାଯାଉଥିଲା। ବର୍ତ୍ତମାନ ସରକାରୀ ଆଇନ୍ ଏପରି ହେଲାଣି ଯେ ଏହି ଖେଳ ଏବେ ଆଉ ପ୍ରାୟ ଦେଖାଯାଉନାହିଁ। ତେବେ କୁଳବେଉଷା ପାଇଁ କେତେକ ବି ଏପରି କଳା କୌଶଳକୁ ଆଦୌ ଭୁଲିଯାଇନାହାନ୍ତି। ଆଗନ୍ତୁକ ପରିବାରକୁ ଧନ୍ୟବାଦ ଦେବାର କଥା ଯେ ସେ ଏପରି ଖେଳକୁ ଆଜିର ଯୁଗରେ ବଞ୍ଚାଇ ରଖିପାରିଛନ୍ତି। ତେବେ ସେଠାରେ ଉପସ୍ଥିତ କେତେକଙ୍କର ମନ୍ତବ୍ୟ ଥିଲା ଯେ ଏହି ତେଲୁଗୁ ଲୋକଗୁଡ଼ାକ ଦିନରେ ଏପରି ଖେଳ ଦେଖାଇ ରାତିରେ ଚୋରି କରିଥାନ୍ତି ଇତ୍ୟାଦି। ତେବେ କାହା ମୁହଁରେ ଏପରି କଥା ନ କହିବାକୁ ବାଡ଼ ବା କ'ଣ ଦେବା? ଗଣତନ୍ତ୍ରରେ ତ ସଭିଙ୍କ କହିବାର ଅଧିକାର ରହିଛି। ଖେଳ ସରିବା ପରେ ପୁରୁଷ ଲୋକଟି ଯୋଡ଼ ହସ୍ତରେ ତେଲୁଗୁ ମିଶା ଦକ୍ଷିଣୀ ଓଡ଼ିଆ ଭାଷାରେ କ'ଣ କହୁଥିଲା ତାହାବି ବୁଝି ହେଉନଥିଲା। ତେବେ ତେଲୁଗୁ ଜାଣିଥିବା ଲୋକଟିଏ କଥାଟାକୁ କୌଣସି ଉପାୟରେ ଧରି ସେଠାରେ କହିଲା ଯେ- ଲୋକଟିର ଘର ଆନ୍ଧ୍ର ପ୍ରଦେଶର ମଞ୍ଜୁଷା ଅଞ୍ଚଳରେ ଯାହାକି ଦିନେ ପାରଳା ଜମିଦାରୀର ଅନ୍ତର୍ଭୁକ୍ତ ଥିଲା। ବର୍ତ୍ତମାନର ସମସ୍ୟା ହେଲା ଯେ ଆନ୍ଧ୍ରର ଓଡ଼ିଶାକୁ ଲାଗି ସୀମାନ୍ତ ଅଞ୍ଚଳରେ ରହୁଥିବା ଓଡ଼ିଆ ବସତିମାନଙ୍କୁ ଉଠାଇ ନେଇ ଅନ୍ୟତ୍ର ସ୍ଥାପନ କରିବା ସହ ସେମାନଙ୍କ ସ୍ଥାନରେ ଖାସ୍ ତେଲୁଗୁମାନଙ୍କର ବସତି ସ୍ଥାପନ କରିବା ସେଠା ସରକାରଙ୍କ ଉଦ୍ଦେଶ୍ୟ। କଥାଟା ହେଲା ଏପରି ହେଲେ ବର୍ତ୍ତମାନ ଓଡ଼ିଆମାନେ ନିଜ ଭିଟାମାଟି ହରାଇବା ସହ ରାଜରାଜୁଡ଼ାମାନଙ୍କଠାରୁ ପାଇଥିବା ବଂଶାନୁକ୍ରମିକ ଦଖଲ ଭୋଗ କରିଆସୁଥିବା ଜମିର ମାଲିକାନା ଛାଡ଼ିବାକୁ ପଡ଼ିବ। ସହଜେ ତ ସେଠାର ଓଡ଼ିଆମାନେ ସେମାନଙ୍କର ମାତୃଭାଷାରେ ପଢ଼ିବା ପାଇଁ ବିଦ୍ୟାଳୟ ନାହିଁ। ପାଠସବୁକୁ ତେଲୁଗୁରେ ପଢ଼ିବା ପାଇଁ ଓଡ଼ିଆମାନେ ବାଧ୍ୟ। ଘରେ ଯାହା କିଛି ଓଡ଼ିଆରେ କଥାବାର୍ତ୍ତା। ଓଡ଼ିଆ ନାଟକ ବା ସିନେମା ଦେଖା ପ୍ରାୟଶଃ ନାହିଁ। ଆନ୍ଧ୍ରର କେତେକ ତଥାକଥିତ ପ୍ରତିପତ୍ତିଶାଳୀ ରାଜନୈତିକ ନେତାମାନଙ୍କ ମତରେ ଆନ୍ଧ୍ର ସୀମାରେ ରହୁଥିବା ଓଡ଼ିଆମାନେ ହିଁ ସର୍ବଦା ଓଡ଼ିଶା ସପକ୍ଷରେ ରହିଥାନ୍ତି। ଫଳରେ ସେମାନଙ୍କ ରାଜ୍ୟର କାୟା ବିସ୍ତାର ଚକ୍ରାନ୍ତ ସେହି ଓଡ଼ିଆମାନଙ୍କ ଦ୍ୱାରା ହିଁ ଫସର ଫାଟି ଯାଉଛି ଇତ୍ୟାଦି। ତେଣୁ ସେମାନଙ୍କୁ ସୀମାନ୍ତ ଅଞ୍ଚଳରୁ ହଟାଇ ଦେଲେ ବିରୋଧ କରିବାକୁ ଆଉ କେହି ନଥିବେ। ତାହାପରେ ଆରମ୍ଭ ହେବ ଗ୍ରାମ ଓ ପଞ୍ଚାୟତ ଆଦି ଦଖଲର ଅଭିଯାନ।

ପୁଣି ଅବିଭକ୍ତ କୋରାପୁଟରୁ ନବ ଗଠିତ ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା ଜିଲ୍ଲାମାନଙ୍କର ଭୌଗୋଳିକ ସ୍ୱତନ୍ତ୍ରତା ରହିଛି। ସେହିପରି ଅବିଭକ୍ତ ଗଞ୍ଜାମ ଜିଲ୍ଲାର ଗଜପତି ସହ ମାଲକାନଗିରି ଓ କୋରାପୁଟ ଉଭୟ ଆନ୍ଧ୍ର ଓ ଛତିଶଗଡ଼ର ସୀମାନ୍ତରେ ରହିଥିବା ବେଳେ ନବରଙ୍ଗପୁର ଛତିଶଗଡ଼ ଓ ରାୟଗଡ଼ା ଆନ୍ଧ୍ରପ୍ରଦେଶର ସୀମାନ୍ତକୁ ଲାଗି ରହିଛି। ଏହି ସୀମାନ୍ତ ଅଞ୍ଚଳମାନଙ୍କରେ ଓଡ଼ିଆ ଭାଷା ଶିକ୍ଷା ଦେବା ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ସେତେଟା ଉତ୍ସାହ ଦେଖାଯାଏ ନାହିଁ। ଏଠାରେ ସ୍ଥାପିତ ବିଦ୍ୟାଳୟଗୁଡ଼ିକ ସର୍ବଦା ଅବହେଳିତ। ସେହି ବିଦ୍ୟାଳୟମାନଙ୍କରେ ନିଯୁକ୍ତି ପାଇଥିବା ଶିକ୍ଷକମାନେ ସୀମାନ୍ତ ରାଜ୍ୟର ମିଶାମିଶି ଭାଷା କହିପାରୁ ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଆନ୍ଧ୍ର ଓ ଛତିଶଗଡ଼ର ଆବାସିକ ବିଦ୍ୟାଳୟମାନଙ୍କରେ ରହି ପାଠ ପଢ଼ିବାକୁ ଓଡ଼ିଆ ପିଲାମାନେ ବେଶି ପସନ୍ଦ କରିଥାନ୍ତି। ସେଠାର ପ୍ରଚଳିତ ଶିକ୍ଷା ପଦ୍ଧତି ଏହି ପିଲା ଓ ସେମାନଙ୍କର ଅଭିଭାବକମାନଙ୍କୁ ମଧ୍ୟ ବେଶ୍ ଆକର୍ଷିତ କରିପାରୁଛି। ଆନ୍ଧ୍ର ବା ଛତିଶଗଡ଼ ସରକାର ଏହି ଆବାସିକ ବିଦ୍ୟାଳୟଗୁଡ଼ିକର ଗୁଣାତ୍ମକମାନ ବଢ଼ାଇବାରେ ଯଥେଷ୍ଟ ସଚେତନତା ଦେଖାଉଛନ୍ତି। ହୁଏତ ସେପରି କାର୍ଯ୍ୟ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଦୌ କରାଯାଉ ନାହିଁ। ଶିକ୍ଷାର ପ୍ରସାର ନହେଲେ ସୀମାନ୍ତ ଅଞ୍ଚଳର ଗ୍ରାମଗୁଡ଼ିକୁ ଏକାଠି କରି ଓଡ଼ିଶା ସହ ରଖିବା ଦୂରୁହ ବ୍ୟାପାର। ଆନ୍ଧ୍ର ସରକାରଙ୍କର ଓଡ଼ିଆ ପିଲାମାନଙ୍କ ମଧ୍ୟରେ ତେଲେଗୁ ଶିକ୍ଷା ବିସ୍ତାର ସହ ସେମାନଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାର ଏହା ହେଉଛି ଅଭିନବ ଉଦ୍ୟମ। ଆନ୍ଧ୍ର ରାଜ୍ୟର ଏପରି ସୁଚତୁର କୌଶଳକୁ ସୀମାନ୍ତରେ ବସତି କରି ପୁରୁଷାନୁକ୍ରମେ ରହି ଆସିଥିବା ଓଡ଼ିଆମାନେ ବେଶ୍ ହୃଦୟଙ୍ଗମ କରିସାରିଛନ୍ତି। ତେଣୁ ଏପରି ଉଦ୍ୟମକୁ ସେମାନେ ପ୍ରତିହତ କରି ନିଜ ମାତୃଭାଷାରେ ପ୍ରାଥମିକ ଶିକ୍ଷାଦାନ କରିବା ସହ ଓଡ଼ିଆ ଶିକ୍ଷକମାନଙ୍କୁ ନିଯୁକ୍ତି ଦେବା ନିମନ୍ତେ ବାରଂବାର ଓଡ଼ିଶା ସରକାରଙ୍କ ନିକଟରେ ଦାବି କରିଆସୁଛନ୍ତି। ତେଣୁ ସୀମାନ୍ତରେ ଏହିଭଳି ଓଡ଼ିଆ ବସତିଗୁଡ଼ିକ ଉଠାଇ ଅନ୍ୟତ୍ର ବସାଇ ଦେଲେ ସମସ୍ୟା ପ୍ରାୟ ସମାଧାନ ହେବା ସହ ବିନା ବାଧାରେ ସୀମା ପରିସର ବଢ଼ାଇବାରେ ସେମାନଙ୍କର ଆଉ ପ୍ରାୟଶଃ କେହି ବାଧକ ହେବେ ନାହିଁ।

ତେଣୁ ସଂଗ୍ରହାଳୟ ପରିସର ମଧ୍ୟରେ ବାଜା ବଜାଇ ମାଙ୍କଡ଼ ଖେଳ ଦେଖାଉଥିବା ପରିବାରଟି ସେହି ସୀମାନ୍ତ ଅଞ୍ଚଳର ଓଡ଼ିଆ। ଓଡ଼ିଆ ବସତିଗୁଡ଼ିକୁ ଅନ୍ୟତ୍ର ଉଠାଇ ଦେବା ନିମନ୍ତେ ଆନ୍ଧ୍ର ନେତାମାନଙ୍କର ହେଉଥିବା ହୀନ ଉଦ୍ୟମକୁ ସେ ପ୍ରତିରୋଧ କରିଆସୁଛି। ଏପରି ବସତି ଉଠାଇବାରେ ପରିବାରଟିର ବହୁ କ୍ଷତି ହେଉଛି। ସହଜେ ନିଜ ପୈତୃକ ଘର ଯାଉଛି ଓ ତାହାସହ ଦଖଲ ଭୋଗ କରିଆସୁଥିବା ଚାଷଜମି ମଧ୍ୟ। ନିଜ ଜମିର ଫସଲ ଅମଳ ପରେ ଏପରି କୁଳବେଉଷାକୁ ଦେଖାଇ ସେ କିଛି ରୋଜଗାର ବି ବର୍ଷକରେ କରିଥାଏ। ଆଉ ସେପରି ରୋଜଗାରରେ ବର୍ଷକଯାକ ତାହାର ପରିବାର ସୁଖଦୁଃଖ ନେଇ ଚଳିଯାଏ। ଘରେ ତାହାର ରହିଛି ଛୋଟ ଭାଇ ଓ ମାଆ। ସେମାନଙ୍କ ଦାୟିତ୍ୱରେ ଘର ଛାଡ଼ି ସେ ପ୍ରଥମେ ଗଞ୍ଜାମର ଛତ୍ରପୁର ଓ ପରେ ଭୁବନେଶ୍ୱରକୁ ଆସିଛି। ଭୁବନେଶ୍ୱର ତାହା ପାଇଁ ନୂଆ। ନିଜ ଅଞ୍ଚଳର ଦୁଃଖ କଥା ସେ ଏହି ଭୁବନେଶ୍ୱରରେ କାହାକୁ ହେଲେ ଜଣାଇ ସମସ୍ୟାର କିଛିଟା ସମାଧାନ କରିବା ତାହାର ଥିଲା ଚିନ୍ତା। ଗରିବ ଓ ଅପାଠୁଆ ହେଲେ ବି ତାହାର ଜାତିପ୍ରୀତି କମ୍ କଥା ନୁହେଁ। ଭଲ ଓଡ଼ିଆ କହିପାରୁନଥିବାରୁ ତେଲୁଗୁ ମିଶା ଭଙ୍ଗା ଓଡ଼ିଆରେ ଯାହାକିଛି କହୁଛି ଓ ସେଥିରୁ ଠଉରାଇ କିଛି ବୁଝି ହେଉଛି। ଏପରି ସମସ୍ୟାର ସମାଧାନ ପାଇଁ ଷ୍ଟେସନ୍ ବଜାରରେ ଥିବା କେହି ଜଣେ ଚିହ୍ନା ତେଲୁଗୁ ଲୋକ ତାକୁ ଏହି ଏକାଡ଼େମୀ ଭବନ ଦେଖାଇ ଦେଇଛି ଓ ସେ ତାହାର କଳା ପ୍ରଦର୍ଶନ କରି ନିଜ ଅଞ୍ଚଳର ସମସ୍ୟା କଥା ଦେଖଣାହାରିକୁ କହିବା ସହ ସେମାନଙ୍କଦ୍ୱାରା ଉପରିସ୍ଥ ହାକିମ ଓ ନେତାମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଥିଲା ତାହାର ଉଦ୍ଦେଶ୍ୟ।

ବରଗଛ ମୂଳରେ ମେଳ ହୋଇଥିବା ଲୋକମାନଙ୍କୁ ଦେଖି ଆଖିରେ କଳା ଚଷମା, ପେଣ୍ଟ, ସୁଟ ପିନ୍ଧା ଜଣେ ବାବୁ ଓହ୍ଲାଇ ପଡ଼ି ସିଂହ ଗର୍ଜିଲା ଭଳି କହି ଉଠିଲେ, "ଅଫିସ୍ କାମ ଛାଡ଼ି ଏଠାରେ କାହିଁକି ଏପରି ତାମସା ଦେଖୁଛ? ଘଟଣାଟା କ'ଣ ଜାଣିବାକୁ ନଚାହିଁ ସେ କହି ପକାଇଲେ, "ଏଗୁଡ଼ାକ ଦିନରେ ଖେଳ ଦେଖାଇ ରାତିରେ ଘରେ ପଶି କଳାକନା ବୁଲାନ୍ତି ଇତ୍ୟାଦି।" ଏତିକି କହି ସେ ଅଫିସ୍ ଭିତରକୁ ଚାଲିଗଲେ। କଥାଟା କ'ଣ ଓ ବାବୁଜଣକ ଏପରି କଥା କହି କାହିଁକି ଚାଲିଗଲେ ବୁଝିଲାରୁ ଜଣାପଡ଼ିଲା ସେ ସଂସ୍କୃତି ବିଭାଗରେ କାର୍ଯ୍ୟ କରୁଥିବା ଜଣେ ସୁଚତୁର ଅବେଳିଆ ହାକିମ। ତେବେ ଉକ୍ତ ବିଭାଗରେ ମାଙ୍କଡ଼ଙ୍କ ଡାଳମାଙ୍କୁଡ଼ି ଖେଳ ଭଳି ସେ କେତେବେଳେ କେଉଁ ପଦରେ ରାତି ପାହିଲେ ଗାଦିନାସୀନ ହୁଅନ୍ତି ତାହା ତାଙ୍କୁ ହିଁ ଜଣା। ସେ ତାଙ୍କ କାର୍ଯ୍ୟ ଦକ୍ଷତା ଉପରେ ଗୁରୁଗମ୍ଭୀର ଭାଷଣ ଦେଲେ ଦର୍ଶକମଣ୍ଡଳୀ କୁଆଡ଼େ ଥରି ଉଠନ୍ତି। ସେଥିପାଇଁ ରବୀନ୍ଦ୍ର ମଣ୍ଡପ, ଜୟଦେବ ଭବନ ପ୍ରଭୃତି ଭୁବନେଶ୍ୱର କଳା ସଂସ୍କୃତିର ସଭାରେ ତାଙ୍କୁ କୁଆଡ଼େ ଆଗ ଡାକରା। ଗାଁ କାଳସୀଙ୍କ ଦେହରେ ମଙ୍ଗଳା ବିଜେ ହେଲେ ଯେଉଁଭଳି ଦୃଶ୍ୟ ଦେଖଣାହାରିଙ୍କୁ ଦେଖାଯାଏ ଭାଷଣ ଦେବାବେଳେ ବାବୁଙ୍କର ସେହିଭଳି ଠାଣି। ବେକରେ ପକାଯାଇଥିବା ଗଦାଏ ଗେଣ୍ଡୁମାଳ ତାଙ୍କ ଭାଷଣ ବାଜି ନାଚରେ ସଭା ମଣ୍ଡପରେ ବିଛାଡ଼ି ହୋଇ ଖସିପଡେ। ଏପରି ନାଚରେ ଦର୍ଶକମାନେ ବି ତାଳି ପରେ ତାଳି ଦେବାରେ ଆଦୌ କାର୍ପଣତା ଦେଖାନ୍ତି ନାହିଁ। ତାଳିଗୁଡ଼ାକ ଟିକେ ଜୋର୍‌ରେ ହେଲେ ହନୁମାନଙ୍କ ଭଳି ସେ ସଭାମଣ୍ଡପର ଭୂମିଠାରୁ ପ୍ରାୟ ୨ଫୁଟ ଉପରକୁ ଡେଇଁ ପଡ଼ନ୍ତି। ଠିକ୍ ପାଲା ଗାୟକର ଜଣେ ନିଖୁଣ କଳାକାର ଭାବେ ସେ ତାଙ୍କ କଳାକୌଶଳ ଦେଖାଇଥାନ୍ତି। ପ୍ରାୟ ସବୁ ସରକାରୀ ସାହିତ୍ୟ ସଭାରେ ତାଙ୍କର ହୁଏ ଆବିର୍ଭାବ। ଯାହା ହେଉ ଓଡ଼ିଶା ସାହିତ୍ୟ ଆକାଶରେ ଏଭଳି ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କଙ୍କର ଆବିର୍ଭାବ କେବେ ହେଲା ତାହା ଆମକୁ ଜଣା ନଥିଲେ ମଧ୍ୟ ଓଡ଼ିଆ ସାହିତ୍ୟ ଜଗତରେ ସେ ଜଣେ ଉଦୀୟମାନ କଳାକାର ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ତାଙ୍କର ଏପରି କଳା ସାହିତ୍ୟରେ ବିମୁଗ୍ଧ ହୋଇ ସଂସ୍କୃତି ବିଭାଗ ଦାୟିତ୍ୱରେ ଥିବା ଜଣେ ପୂର୍ବତନ ମନ୍ତ୍ରୀ ତାଙ୍କୁ ନିଜର କୌଣସି ଭୋଜି ସଭାରେ କୁଆଡ଼େ "ଭାଇନା" ବୋଲି ସମ୍ବୋଧନ କରିଥିବା ତାଙ୍କ ସମର୍ଥକମାନେ ସବୁଆଡ଼େ ପ୍ରଚାର କରିଦେଲେ। ଏପରି ଖବର ପାଇ ଆମେ ବି ତାବ୍‌ଦା ହେଲୁ। ଅବଶ୍ୟ ଏଥିରେ ସତ୍ୟତା କେତେ ଅଛି ତାହା ଜାଣିହେଲାନାହିଁ। ମାତ୍ର ଏଭଳି ପ୍ରଚାରଟା ତାଙ୍କ ସପକ୍ଷରେ କୁଆଡ଼େ ଗଲା ଓ ଏଥିଯୋଗୁ ଉକ୍ତ ବିଭାଗରେ ସେ ତିନିଟା ଗାଦି ଏକାବେଳକେ ମାଡ଼ି ବସିଲେ। ଅଦିନିଆ ମେଘ ଆସିଲା ଭଳି ଅବେଳରେ ହଠାତ୍ ଆସି ଗାଦି ମାଡ଼ି ବସି ଯେଉଁମାନେ ହୁକୁମାନାମା ଜାରି କରିଥାନ୍ତି ସେମାନଙ୍କୁ ଅବେଳିଆ ହାକିମ ବୋଲି ପୁରୁଣା ଲୋକେ କହିଥାନ୍ତି। ମରହଟ୍ଟା ଓ ବ୍ରିଟିଶ୍ ଶାସନ କାଳରେ ଏପରି ବହୁ ଅବେଳିଆ ହାକିମ ହଠାତ୍ କୁଆଡୁ ଆସି ଗାଦି ଦଖଲ କରି ଗ୍ରାମ ଓ ନଗରମାନଙ୍କର ପ୍ରଜାମାନଙ୍କୁ ହୁଲ୍‌ସ୍ଥୁଲ୍ କରି ପକାଉଥିଲେ ବୋଲି ମୋ ଅଜା ବୟସର ବହୁ ଲୋକଙ୍କଠାରୁ ଶୁଣିଛି। ମୋର ସମ୍ବାଦପତ୍ରମାନଙ୍କରେ ଏ ସଂପର୍କୀୟ କେତୋଟି ଲେଖା ପଢ଼ି ଥରେ ଜଣେ ବନ୍ଧୁ ମୋତେ ଟେଲିଫୋନ୍‌ରେ ପଚାରିଲେ, "ଆଜ୍ଞା ମୁଁ ସାତଥର ଓଡ଼ିଶା ସାହିତ୍ୟ ଏକାଡ଼େମୀର ମନୋନୀତ ସଭ୍ୟ ହେଲିଣି ହେଲେ ଯାହାଥିଲି ସେହିପରି ଅଛି।" ସେହିପରି ଆହୁରି ଜଣେ ବନ୍ଧୁଙ୍କ କଥା ଥିଲା ଯେ ତାଙ୍କ ଲିଖିତ ବହିଟି ଗତବର୍ଷର ବିଜୟା ଦଶମୀ ଦିନ ସିଂହବାହିନୀ ମା' ଦୁର୍ଗାଙ୍କୁ ସମର୍ପଣ କରି ଉଦ୍‌ଘାଟନ କଲା ପରେ ତାହାର ପ୍ରଚାର ପ୍ରସାର ଯଥେଷ୍ଟ ହୋଇପାରିଲା ହେଲେ ରାଜକୀୟ ସମ୍ମାନ ଏପର୍ଯ୍ୟନ୍ତ ପାଇପାରିଲା ନାହିଁ। ମା'ଙ୍କର କରୁଣା ଊଣା ହେଲା ବୋଲି ସେ ବଡ଼ ଦୁଃଖରେ କହିଲେ। ଏପରି କଥାରେ ମୁଁ ସେମାନଙ୍କୁ କ'ଣ ବା ଉତ୍ତର ଦେବି? ଭୁବନେଶ୍ୱରସ୍ଥ ମୋ ଠିକଣା ବୁଝିନେଇ ସେ ଆସିବା ପାଇଁ କହିଥିଲେ।

ତେବେ ମୂଳକଥାକୁ ଏବେ ଆସିବା। ମାଙ୍କଡ଼ନାଚ ଖେଳ ଦେଖାଇଥିବା କଳାକାରଟି ସୁଦୂର ମଞ୍ଜୁଷା ଅଞ୍ଚଳରୁ ଭୁବନେଶ୍ୱର ଆସି ଆନ୍ଧ୍ର ରାଜ୍ୟର ଉପାନ୍ତ ଅଞ୍ଚଳର ଓଡ଼ିଆମାନେ କିଭଳି ହଇରାଣ ହରକତ ହେଉଛନ୍ତି ତାହା ସବୁ ଜଣାଇବା ଥିଲା ତାଙ୍କର ଏକାନ୍ତ ଇଚ୍ଛା। ହୁଏତ ନିଜର ଅଭିପ୍ରାୟ ଜଣାଇବାରେ ବାଧକ ଥିଲା ତାଙ୍କର କହୁଥିବା ଭାଷା। କାହାରି ପରାମର୍ଶରେ ସେ ନିଜର ସମସ୍ୟା ଜଣାଇବା ନିମନ୍ତେ ସଂସ୍କୃତି ଭବନ ସମ୍ମୁଖକୁ ଆସି ଯାଇଛନ୍ତି ଓ ନିଜର କଳାନୈପୁଣ୍ୟ ଦେଖାଇ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ସେମାନଙ୍କ ଆଗରେ ନିଜ ଅଞ୍ଚଳର ସମସ୍ୟା ଜଣାଇ ସହାୟତା ପାଇଁ ନିବେଦନ କରିଛନ୍ତି। ମାତ୍ର ସେଥିପ୍ରତି କାହାର ଦୃଷ୍ଟି ନଥିଲା। ସେ ସଂସ୍କୃତି ବିଭାଗର ଅବେଳିଆ ହାକିମଙ୍କ ଭଳି କେତେକଙ୍କ ନିକଟରେ କେବଳ ହୋଇଯାଇଛି ଉପହାସର ବ୍ୟକ୍ତିଟିଏ। ଯାହା ହେଲେ ବି ମଞ୍ଜୁଷା ଅଞ୍ଚଳରୁ ଆସିଥିବା ଜଣେ ଗରିବ, ଅପାଠୁଆ ବ୍ୟକ୍ତି ନିଜ ଅଞ୍ଚଳର ସମସ୍ୟାକୁ ଆଣି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ଲୋକଙ୍କ ପାଖରେ ପହଞ୍ଚାଇ ପାରିଛନ୍ତି ସେଥିପାଇଁ ସେ ସର୍ବଦା ଧନ୍ୟବାଦର ପାତ୍ର। କେତେଜଣ ଓଡ଼ିଆ ତାଙ୍କର ସେହି ଲୁହ ଓ କୋହ ଭରା ଭାଷାର ଗୁରୁତ୍ୱ ବୁଝିଛନ୍ତି? ଓଡ଼ିଆ ସାହିତ୍ୟ ତଥା ସଂସ୍କୃତି ପ୍ରୀତି ବଖାଣୁଥିବା ତଥାକଥିତ ଅବେଳିଆ ସରକାରୀ ସାହିତ୍ୟିକମାନଙ୍କର ସେଥିରୁ କ'ଣ କିଛି ଶିକ୍ଷା ପାଇବାର ନାହିଁ? ସଂସ୍କୃତି ପ୍ରୀତି କଥା ବଖାଣି କଟକ ଓ ଭୁବନେଶ୍ୱର ସାହିତ୍ୟ ସଭାମଣ୍ଡପରେ ସିଂହ ଗର୍ଜନ କଲେ ତାହା ଭାଷା ଉନ୍ନତିର ପଦପ୍ରଦର୍ଶକ ନୁହେଁ କି ଖବର କାଗଜମାନଙ୍କରେ ସେହିଭଳି ସାହିତ୍ୟ ସଭାମାନ ଆୟୋଜନ କରି ନିଜର ନାମକୁ ଯୋଡ଼ି ସମ୍ବାଦମାନ ଖବର କାଗଜମାନଙ୍କରେ ଛାପିଦେଲେ ସେଥିରେ ଜାତି ବା ଭାଷାର ଉନ୍ନତି ସମ୍ଭବ ନୁହେଁ। ଷଢ଼େଇକଳା, ଖରସୁଆଁ ଆଦି ବିଚ୍ଛିନାଞ୍ଚଳରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାକୁ ବିଜୁ ପଟ୍ଟନାୟକ କମ୍ପ୍ୟୁଟର୍ ଏକାଡ଼େମୀର ସଂପାଦକ ଶ୍ରଦ୍ଧେୟ ସ୍ୱର୍ଗତ କାଳିପ୍ରସାଦ ଗୁଣ୍ଡୁଚିମୂଷା ଭଳି ଯେଉଁ ଉଦ୍ୟମ କରିଚାଲିଛନ୍ତି ସେହିଭଳି ଚେତନା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଜାଗରିତ ହେବା ବାଞ୍ଛନୀୟ। ଯେଉଁ ଅବେଳିଆ ହାକିମମାନେ ସଂସ୍କୃତିର ଉପାସନା ନିମନ୍ତେ ଗାଦି ମାଡ଼ି ବସି ବିରାଡ଼ି ଭଳି ଦୁଗ୍ଧପାନ କରୁଛନ୍ତି ସେମାନଙ୍କର ଶ୍ରଦ୍ଧେୟ କାଳିପ୍ରସାଦ ଓ ମଞ୍ଜୁଷାରୁ ଆସିଥିବା ଅପାଠୁଆ ଲୋକଟିଠାରୁ ଶିଖିବାର ଯଥେଷ୍ଟ ରହିଛି ବୋଲି ସ୍ୱୀକାର କରିବାକୁ ହେବ।

# ସ୍ୱାଧୀନତା ସଂଗ୍ରାମର ପିତାମହ- ତିଳକ (୨)



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫.

ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର।

୧୯୦୮ ରେ ପୁନାର ଏକ ଜନ ସଭାରେ ମଦ୍ୟପାନ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ। ଗୋଖଲେ ଓ ଭଣ୍ଡାରକରଙ୍କ ସହଯୋଗରେ ତିଳକ ସମଗ୍ର ମହାରାଷ୍ଟ୍ରର ମଦ ଦୋକାନ ଆଗରେ ଆନ୍ଦୋଳନ କଲେ। ଏହି ସମୟରେ ମୁଜାଫରପୁରରେ ଜଜ୍ କିଙ୍ଗ୍‌ସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁ ବରଣ କରିଥିଲେ। କେଶରୀ ପତ୍ରିକାରେ 'ଦେଶ୍‌କା ଦୁର୍ଭାଗ୍ୟ' ଲେଖା ପାଇଁ ରାଷ୍ଟ୍ର ଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ। ଦୁଇ ଅଭିଯୋଗ ପାଇଁ ତିନି ବର୍ଷ ଜେଲ୍ ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଅର୍ଥ ଦଣ୍ଡ। ହାଇକୋର୍ଟରେ ତୃତୀୟ ଅଭିଯୋଗରୁ ତିଳକଙ୍କୁ ନିର୍ଦ୍ଦୋଷ ଏବଂ ସଶ୍ରମ ଜେଲ୍ ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା। ସେଥିପାଇଁ ସରକାର ତାଙ୍କୁ ସାବରମତି ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲ୍‌ଖାନାକୁ ପଠାଇଦେଲେ। ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ। ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦ ପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତ ବ୍ୟକ୍ତ କରିଥିଲେ। ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତିପାଇଁ ଆବେଦନ କରିଥିଲେ। ଆବେଦନ ନାମଞ୍ଜୁର ହୋଇଗଲା। ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍' ୧୨ଫୁଟକାଠରେ ତିଆରି ଘରେ ରହୁଥିଲେ। ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣ ରହୁଥିଲେ। କୁଲକର୍ଣ୍ଣ ଅସୁସ୍ଥ ହେଲେ ତିଳକ ତାଙ୍କ ସେବା କରିଥିଲେ। ମାଣ୍ଡାଲେ ଠାରେ ସେ ଜର୍ମାନ ଓ ପାଲି ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ। ତାଙ୍କର ଗବେଷଣା ମୂଳକ କୃତି 'ଦି ଓରିୟନ' ଥିଲା। ମାଣ୍ଡୋଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ। ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ। ପତ୍ନୀଙ୍କ ମୃତ୍ୟୁ ପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ। ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କ ଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ। ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକ ୱାଡ଼ାରେ ରାତି ଦୁଇଟାରେ ପହଞ୍ଚିଥିଲେ। ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢ ସଂକଳ୍ପ ତାଙ୍କୁ ମୁକ୍ତ ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା। ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଂଚଳ ହୋଇପଡ଼ିଲେ। ତାଙ୍କର ପ୍ରିୟ ଜାତିୟ ଦଳକୁ ପୁନର୍ଜୀବିତ କରିବାକୁ ଲାଗିପଡ଼ିଲେ। ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ। ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ। ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀ ଖାପର୍ଦେଙ୍କ ଅଧକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନକରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ। ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ। ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟ ଓ କେଲକାର୍ ଏବଂ ଡ଼ି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବ ଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ। ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଣ୍ଟି ମାଗିଲେ। ଓକିଲ ମହମ୍ମଦ ଅଲ୍ଲିଜିନ୍ନାଙ୍କ ମଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟ ହେଲେ।

ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ। ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌ ଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା। ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢିବାକୁ ସଂକଳ୍ପ ନେଲେ। ଏକତ୍ରିତ କରିବାରେ ମୁଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ ତିଳକ ଜନ୍ମ ଦିନରେ ଏକ ଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ। ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦେଶ୍ୱରେ ସରକାର ମଣେଟଙ୍ଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା। ଶାସନ କୁ ଗତିଶୀଳ କରିବା ଉଦେଶ୍ୟରେ ଭାରତବ୍ୟାପାର ମନ୍ତ୍ରୀ ମଣ୍ଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ। ଚେମ୍‌ସ ଫୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତା ମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଣେଟଗୁ-ଚେମ୍‌ସ ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା, ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହା ଦେବ, ଆମେ ସ୍ୱୀକାର କରିବା ଏବଂ ଯାହାନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା। ରାଜନୀତର ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା। ସମ୍ବାଦପତ୍ରରେ ଭାରତର ମୁକୁଟ ବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ। ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବା କୁ ଚାହୁଁଥିଲେ। 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପିତ୍ତିଜନଙ୍କ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ। ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା। ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ। ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନ ସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ। ଇଂଲଣ୍ଡରେ ଏକ ବର୍ଷରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରିରଖିଲେ। ଆମେରିକା ରଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ। ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା। ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ। ୧୯୧୯ ଫେବୃୟାରୀ ୨୫ ରେତିଳକ 'କେକସ୍‌ଟନ୍ ହଲ୍' ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ। ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ' ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ। ପୋଲକ ସ୍ଥାନରେ ଏନ.ସି.କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୱପୂର୍ଣ୍ଣଥିଲା। ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ। ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧୀଜି ଥିଲେ ତପସ୍ୱୀ ସାଧକ। ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି। ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ। ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମା ଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ ନେହୁରୁ ଆଦି ନେତାମାନେ କାନ୍ଧରେ ବହେ ଚୌପାଠୀ ଶ୍ମଶାନ ଅଭିମୁଖେନେଲେ। ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା। ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ। ତିଳକ ଥିଲେ ନବଭାରତର ନିର୍ମାତା। ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ। ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃ ପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଶ୍ରାବଣରେ ଶିବ ଉପାସନାର ତାତ୍ପର୍ଯ୍ୟ

ଶ୍ରାବଣ ମାସର ସୋମବାରକ୍ଷହ ଭଗବାନ ଶିବଙ୍କ ପୂଜା ଆରାଧନା କରିବା ଲାଗି ଏହା ହେଉଛି ଉତ୍କୃଷ୍ଟ ସମୟ। ଏହି ମାସରେ ଶିବଙ୍କ କୃପା ଲାଭ ପାଇଁ ଶିବଭକ୍ତମାନେ ବ୍ରତ ରଖି ବୋଲବମ୍ ଯାତ୍ରା କରିଥାନ୍ତି।

ହିନ୍ଦୁ ପଞ୍ଚାଙ୍ଗରେ ପଞ୍ଚମ ମାସ ହେଉଛି ଶ୍ରାବଣ। ତେବେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ଅନୁସାରେ ମାସର ନାଁ ରଖାଯାଏ। ଏହି ପ୍ରକାରେ ଏହି ମାସ ଯେତେବେଳେ ଆରମ୍ଭ ହୁଏ, ସେତେବେଳେ ପୂର୍ଣ୍ଣିମା ଦିନ ଚନ୍ଦ୍ର ଶ୍ରବଣା ନକ୍ଷତ୍ରରେ ବିରାଜମାନ ହୋଇଥାନ୍ତି। ସେଥିପାଇଁ ଏହି ମାସ ଶ୍ରାବଣ ନାଁରେ ପରିଚିତ। ଭଗବାନ ଶିବଙ୍କୁ ବିଭିନ୍ନ କାରଣ ପାଇଁ ଶ୍ରାବଣ ମାସ ବେଶ୍ ପ୍ରିୟ। କୁହାଯାଏ, ଏହି ମାସରେ ମାତା ପାର୍ବତୀ ବର ଭାବେ ଶିବଙ୍କୁ ପାଇବା ପାଇଁ ବ୍ରତ ରଖିଥିଲେ ଓ ତପସ୍ୟା ବି କରିଥିଲେ। ସେଥିପାଇଁ ଏହି ମାସ ଭଗବାନ ଶିବଙ୍କର ଅତି ପ୍ରିୟ।

ସମୁଦ୍ର ମନ୍ଥନରୁ ବାହାରିଥିବା ହଳାହଳ ବିଷକୁ ଯେତେବେଳେ ମହାଦେବ ପାନ କଲେ ସେତେବେଳେ ତାଙ୍କ ଶରୀରର ତାପ ବଢ଼ିଲା ଏବଂ ଏହି ତାପକୁ କମ୍ କରିବା ପାଇଁ ଭଗବାନ ଶିବଙ୍କ ଉପରେ ଦେବତାମାନେ ଜଳ ବର୍ଷା କଲେ। ଏହଦ୍ୱାରା ଶିବଙ୍କୁ ଶୀତଳତା ମିଳିଥିଲା। ସେହିପରି ଶ୍ରାବଣ ମାସରେ ବର୍ଷା ହୁଏ। ଏ ଦୃଷ୍ଟିରୁ ଏହା ହେଉଛି ଭଗବାନ ଶିବଙ୍କ ପ୍ରିୟ।



ଅନ୍ୟପଟେ ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥିବାରୁ ସୃଷ୍ଟିର କାର୍ଯ୍ୟଭାର ଭଗବାନ ଶିବ ସମ୍ଭାଳିଥାନ୍ତି। ଏହି ତମାମ ମାସ ଶିବ ପ୍ରସନ୍ନ ମୁଦ୍ରାରେ ରହନ୍ତି। ଏଣୁ ଏହି ସମୟରେ ରୁଦ୍ରାଭିଷେକ କରିବା ଶୁଭ ବୋଲି ବିବେଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସରଳ ଜୀବନ ଅତିବାହିତ କରିବା ଭଲ। ଏହି ମାସରେ ତାମସିକ ଭୋଜନକୁ ତ୍ୟାଗ କରି ଶିବ ମନ୍ତ୍ରକୁ ଜପ କରିବା ଦରକାର। ସୋମବାର ବ୍ରତ ରଖିବା ଉତ୍ତମ। ଶ୍ରାବଣ ମାସରେ ଶିବଲିଙ୍ଗରେ କ୍ଷୀର, ବେଲପତ୍ର, କେତକୀ ଫୁଲ ଅର୍ପଣ କଲେ ସମସ୍ତ ମନସ୍କାମନା ପୂରଣ ହୁଏ।

କାଉଡି ଯାତ୍ରାର ଇତିହାସ ଅତୀବ ପ୍ରାଚୀନ ହୋଇଥିବା ବେଳେ ଏହାର ପୌରାଣିକ ମହତ୍ତ୍ୱ ମଧ୍ୟ ରହିଛି। ତେବେ ଏହି ଯାତ୍ରାର ଆରମ୍ଭକୁ ନେଇ ବିଭିନ୍ନ ପୌରାଣିକ କାହାଣୀ ରହିଛି। କେଉଁଠି ଭଗବାନ ପର୍ଶୁରାମଙ୍କୁ ପ୍ରଥମ କାଉଡିଆ ବୋଲି କୁହାଯାଉଥିବା ବେଳେ କେଉଁଠି ଶିବ ଭକ୍ତ ରାବଣ ଧରାଧାମରେ ପ୍ରଥମେ ଏଭଳି ବ୍ରତ ଆରମ୍ଭ କରିଥିବା କଥା କୁହାଯାଏ। କେତେକ କ୍ଷେତ୍ରରେ ପିତୃଭକ୍ତ ଶ୍ରବଣ କୁମାରଙ୍କୁ ଏହାର ଉଦ୍ୟୋକ୍ତା କୁହାଯାଉଥିବା ବେଳେ ମର୍ଯ୍ୟାଦା ପୁରଷୋତ୍ତମ ଶ୍ରୀରାମ ଚନ୍ଦ୍ର ହିଁ ପ୍ରଥମେ ଏହି ଶ୍ରାବଣ ଜଳଲାଗି ଆରମ୍ଭ କରିଥିଲେ ବୋଲି କେତେକ ଯୁକ୍ତି ବାଢ଼ନ୍ତି। ପୌରାଣିକ କଥା ଅନୁସାରେ, ସମୁଦ୍ର ମନ୍ଥନ ଶ୍ରାବଣ ମାସରେ ହୋଇଥିଲା। ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ସମଗ୍ର ସଂସାରକୁ ବ୍ୟାପିଗଲା। ସଂସାରକୁ ରକ୍ଷା କରିବା ପାଇଁ ଭୋଳାନାଥ ଏହି ବିଷକୁ ପାନ କରିଥିଲେ। ଏହି କାରଣରୁ ଭଗବାନ ଶିବଙ୍କର କଣ୍ଠ ନୀଳ ପଡ଼ିଗଲା। ବିଷର ପ୍ରଭାବ ହ୍ରାସ କରିବା ପାଇଁ ସମସ୍ତ ଦେବା ଦେବୀ ଭୋଳେନାଥଙ୍କୁ ଜଳ ପାନ କରିବା ପାଇଁ ଦେଲେ। ସେବେଠାରୁ ଭଗବାନ ଶିବଙ୍କୁ ଜଳ ଅର୍ପଣ କରିବା ଏବଂ ଜଳାଭିଷେକ କରିବା ଏକ ପରମ୍ପରା ରହିଆସିଛି। ସେହିଭଳି ଅନ୍ୟ ଏକ କଥାନୁସାରେ, ସହସ୍ରାବାହୁ ହତ୍ୟାର ପ୍ରାୟଶ୍ଚିତ କରିବା ପାଇଁ ପର୍ଶୁରାମ ପିତାଙ୍କ ଆଜ୍ଞାନୁସାରେ କଜରୀ ବଣ ଉତ୍ତରପ୍ରଦେଶ ବାଗପତ ନିକଟସ୍ଥ 'ପୁରା ମହାଦେବ'ଙ୍କୁ ଗଙ୍ଗାନଦୀରୁ ଜଳଭାର ଆଣି ଅଭିଷେକ କରାଇଥିଲେ। ଏହାପରଠାରୁ ପର୍ଶୁରାମଙ୍କ ଅନୁସରଣରେ ଲୋକେ ଶ୍ରାବଣ ମାସରେ ଶିବଙ୍କୁ ଜଳାଭିଷେକ କରନ୍ତି ବୋଲି ବିଶ୍ୱାସ ରହିଛି। ହେଲେ ଦେଶରେ ଶ୍ରାବଣ ଜଳ ଲାଗିର ପରମ୍ପରା ଶ୍ରବଣକୁମାରଙ୍କଠାରୁ ଆରମ୍ଭ ହୋଇଥିବା ଅନେକ ବିଶ୍ୱାସ କରନ୍ତି। ସେ ତାଙ୍କ ମାତାପିତାଙ୍କ ଗଙ୍ଗାସ୍ନାନ ଇଚ୍ଛା ପୂରଣ ନିମନ୍ତେ ପ୍ରଥମେ କାଉଡ଼ିଆ ଯାତ୍ରା ଆରମ୍ଭ କରିଥିଲେ। ଏଥିପାଇଁ ସେ ଶ୍ରାବଣ ମାସରେ ହରିଦ୍ୱାରରେ ପହଞ୍ଚିଥିଲେ। ମାତାପିତାଙ୍କୁ ଗଙ୍ଗାସ୍ନାନ କରାଇବା ସହ କଳସୀରେ ଗଙ୍ଗାଜଳ ଭରି ନେଇଥିଲେ ଓ ଏହି ଠାରୁ କାଉଡ଼ିଆ ଯାତ୍ରାର ଆରମ୍ଭ ବୋଲି କୁହାଯାଏ। କେତେକ ଶାସ୍ତ୍ରରେ ଏହାର ଶ୍ରେୟ ରାବଣଙ୍କୁ ପ୍ରଦାନ କରାଯାଏ।

# ସ୍ମରଣଶକ୍ତିକୁ ଶକ୍ତିଶାଳୀ କରିବାର ଟିପ୍ସ

ଆଜିକାଲିର ଡିଜିଟାଲ ଯୁଗରେ ମସ୍ତିଷ୍କକୁ ତୀକ୍ଷ୍ଣ କରିବାକୁ ଆପଣ ସୁଡୋକୁ ଓ ପଜଲ ଭଳି ବିଭିନ୍ନ ଗେମ ଖେଳିବାରେ ସମୟ ଲଗାଉଛନ୍ତି କି? ଏବଂ ଏପରିକରିବା ଦ୍ୱାରା ଆପଣଙ୍କ ସ୍ମରଣଶକ୍ତି ବୃଦ୍ଧି ପାଉଥିବାର ଭାବୁଛନ୍ତି କି ? ତେବେ ଆପଣଙ୍କ ଏପରି ଧାରଣା ଆମେ ଭାଙ୍ଗିବାକୁ ଯାଉଛୁ । ଅନଲାଇନ ଶିକ୍ଷା ସମ୍ବନ୍ଧିତ ପ୍ଲାଟଫର୍ମ ସଂସ୍ଥାପକ ଓ ନିର୍ଦ୍ଦେଶକ ଡକ୍ଟର ମହେଶ ଗୌରଙ୍କ ଅନୁଯାୟୀ, ଏହି ଗେମ ଗୁଡିକର ଏକ ସୀମା ରହିଛି । କିଛି ଖେଳ ମାଧ୍ୟମରେ ଆପଣ ନିଜର କଳାକୁ ବଢାଇପାରିବେ ମାତ୍ର ଏହା ଆପଣଙ୍କର ସ୍ମରଣଶକ୍ତି ବୃଦ୍ଧିରେ ସହାୟତା କରିବ ନାହିଁ । ଏହି ଗେମ ଗୁଡିକୁ ଖେଳିବା ଦ୍ୱାରା ଆପଣ କେଉଁଠି ନିଜର କାର ପାର୍କ କରିଛନ୍ତି, କିମ୍ବା ଆପଣଙ୍କ ପ୍ରଦତ୍ତ ପାସୱାର୍ଡ କିମ୍ବା ରାସ୍ତାରେ ଦେଖା ହୋଇଥିବା ଜଣେ ବ୍ୟକ୍ତିଙ୍କ ନାମକୁ ସହଜରେ ମନେ ପକାଇପାରିବେ ନାହିଁ। ଅନୁସନ୍ଧାନକାରୀ ପରାମର୍ଶ ଅନୁଯାୟୀ ଏହି ଗେମ ଗୁଡିକ କିଛି ସମୟ ପାଇଁ ଆପଣଙ୍କୁ ସାହାଯ୍ୟ କରିଥାଏ । ମାତ୍ର ଏହାର ମସ୍ତିଷ୍କର ସ୍ମରଣଶକ୍ତି ବୃଦ୍ଧି କ୍ଷେତ୍ରରେ କୌଣସି କାର୍ଯ୍ୟ କରିନଥାଏ। ସ୍ମରଣଶକ୍ତିକୁ ଶକ୍ତିଶାଳୀ କରିବାକୁ ଆପଣଙ୍କୁ ବହୁତ କିଛି ବଡ ବୃହତ କିମ୍ବା କଷ୍ଟକର କାର୍ଯ୍ୟ କରିବାକୁ ପଡିନଥାଏ। ଆପଣ ଦୈନନ୍ଦିନ ଜୀବନରେ ମଧ୍ୟ କିଛି କିଛି ନୂତନ କାର୍ଯ୍ୟ କରି ଆପଣଙ୍କ ମସ୍ତିଷ୍କକୁ ଶକ୍ତିଶାଳୀ କରିପାରିବେ।

ଏକ ନୂତନ ଭାଷା ଶିଖନ୍ତୁ । ଏହାର ଶବ୍ଦ, ଉଚ୍ଚାରଣ ଓ ବାକ୍ୟ ଗୁଡିକ ବୁଝିବା ପାଇଁ ଆପଣଙ୍କ ମସ୍ତିଷ୍କ ଭଲ ଭାବରେ ପରିଶ୍ରମ କରିବ । କୌଣସି ବାଦ୍ୟଯନ୍ତ୍ରକୁ ବଜାଇବା ଶିଖନ୍ତୁ । ହାତ ଓ ବାଦ୍ୟଯନ୍ତ୍ର ସଞ୍ଚାଳନ, ଧ୍ୱନି, ତାଳ ପ୍ରଭୃତି ଜାଣିବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହିଥାଏ । କିମ୍ବା ଏକ ନୂତନ ଖାଦ୍ୟ ବନାନ୍ତୁ । ଏହାକୁ ପ୍ରସ୍ତୁତ କରିବାର ପ୍ରଣାଳୀ ହେଉ, କିମ୍ବା କାର୍ଯ୍ୟ ଗୁଡିକୁ କାହା ପରେ କରିବା ଉଚିତ ତାହା ନିର୍ଦ୍ଧାରଣ କରିବା ହେଉ । ଏପରି କରିବା ଦ୍ୱାରା ମସ୍ତିଷ୍କର ସମସ୍ୟା ସମାଧାନ କରିବାର କ୍ଷମତା ବଢିଥାଏ। ଏପରି ନୂତନ କାର୍ଯ୍ୟ କରିବା ଦ୍ୱାରା ଆମ ମସ୍ତିଷ୍କରେ ନ୍ୟୁରୋ ପ୍ଲାଷ୍ଟିସିଟି ନାମକ ଏକ ପ୍ରକ୍ରିୟା ହୋଇଥାଏ। ଯାହା ଆମର ସ୍ମରଣଶକ୍ତି ବୃଦ୍ଧିରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ସହିତ ଏପରି କିଛି ବ୍ୟାୟାମ ରହିଛି ଯାହା ଆମର ସ୍ମରଣଶକ୍ତି ବୃଦ୍ଧି ପାଇଁ ରାମବାଣ ଭାବେ କାର୍ଯ୍ୟ କରିଥାଏ । ଏରୋବିକ ବ୍ୟାୟାମ ମଧ୍ୟରେ ବ୍ରିସ୍କ ୱାକିଂ, ସନ୍ତରଣ କିମ୍ବା ନୃତ୍ୟ କରିବା ସାମିଲ ରହିଛି । ଏଗୁଡିକୁ କରିବା ଦ୍ୱାରା ଆମ ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ସଠିକ ହୋଇଥାଏ । ମସ୍ତିଷ୍କରେ ଆବଶ୍ୟକ ରକ୍ତ, ଅମ୍ଳଜାନ ଓ ପୋଷକ ପହଞ୍ଚିଥାଏ। ଯାହା ଦ୍ୱାରା ଆମର ମସ୍ତିଷ୍କର ବିକାଶ ଘଟିବା ସହିତ ସ୍ମରଣଶକ୍ତି ବୃଦ୍ଧି ପାଇଥାଏ । ଡକ୍ଟର ମହେଶ ଗୌରଙ୍କ ଅନୁଯାୟୀ ବିଭିନ୍ନ ବ୍ୟକ୍ତିଙ୍କ ସହିତ ବାର୍ତ୍ତାଳାପ କରିବା ଏବଂ ମାଇଣ୍ଡଫୁଲନେସ ବା ବର୍ତ୍ତମାନରେ ନିଜର ଚିନ୍ତାଧାରାକୁ ରଖିବା ଦୁଇ ଗୁରୁତ୍ୱପୂର୍ଣ୍ଣ ଉପାୟ ଅଟେ। ସମାଜରେ ବିଭିନ୍ନ ବ୍ୟକ୍ତିଙ୍କ ସହିତ ମିଶିବା କଥାବାର୍ତ୍ତା କରିବା ସହିତ ଧ୍ୟାନ କରିବା, ନିଶ୍ୱାସପ୍ରଶ୍ୱାସ ସମ୍ବନ୍ଧିତ ପ୍ରାଣାୟାମ କରିବା ଫଳରେ ଏହା ଆପଣଙ୍କ ଷ୍ଟ୍ରେସ ହର୍ମୋନ ବା କର୍ଟିସୋଲ କ୍ଷରଣର ମାତ୍ରାକୁ କମ୍ କରିଥାଏ । ଯାହାଦ୍ୱାରା ମସ୍ତିଷ୍କର କାର୍ଯ୍ୟକାରିତାରେ ପରିବର୍ତ୍ତନ ଆସିଥାଏ। ଏହା ମଧ୍ୟ ପଢନ୍ତୁ: ଏହି ସବୁ ଲକ୍ଷଣ ଦେଖାଯାଉଥିଲେ ସାବଧାନ ! ହୋଇପାରେ ବ୍ରେନ୍ ଟ୍ୟୁମର

ସ୍ମରଣଶକ୍ତି ବୃଦ୍ଧି ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍ସ: କିଛି ନୂଆ କାର୍ଯ୍ୟ ଶିଖନ୍ତୁ । ଭାଷା କିମ୍ବା ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ, ନୂତନ ରାସ୍ତା କିମ୍ବା ବାଦ୍ୟଯନ୍ତ୍ର ବଜାଇବା ଶିଖନ୍ତୁ, ପ୍ରତିଦିନ ୩୦ ମିନିଟ ଚାଲନ୍ତୁ, ସାମାଜିକ ସମ୍ବନ୍ଧ ବଢାନ୍ତୁ, କଥା ହୁଅନ୍ତୁ, ଧ୍ୟାନ, ଯୋଗ କିମ୍ବା ପ୍ରାଣାୟାମ ସହିତ ନିଜର ଦିନଚର୍ଯ୍ୟା ସମ୍ପର୍କରେ ଲେଖିବା ଆରମ୍ଭ କରନ୍ତୁ।

# ସଠିକ୍ ଖାଦ୍ୟ ଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରାୟ ୯୯ ପ୍ରତିଶତ ଲୋକ ମସ୍ତିଷ୍କ ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତି । ଏହି କାରଣରୁ ଏବେ ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ଷ୍ଟ୍ରୋକ୍ ଏବଂ ଡିମେନ୍ସିଆ ଭଳି ଗମ୍ଭୀର ରୋଗ ଦେଖାଯାଉଛି । ଏପରି ପରିସ୍ଥିତିରେ ଏମ୍ସ ଦିଲ୍ଲୀର ନ୍ୟୁରୋସର୍ଜନ ଡାକ୍ତର ଅରୁଣ ଏଲ୍ ନାୟକ ପାଞ୍ଚଟି ଏପରି ନିଶ୍ଚିତ ଉପାୟ କହିଛନ୍ତି, ଯାହା ମସ୍ତିଷ୍କ ସ୍ୱାସ୍ଥ୍ୟକୁ ଉନ୍ନତ କରିବ। ଏହା ସହିତ ମସ୍ତିଷ୍କକୁ ଷ୍ଟ୍ରୋକ୍ ଏବଂ ଡିମେନ୍ସିଆ ହେବାର ଆଶଙ୍କା ମଧ୍ୟ ହ୍ରାସ ପାଇବ। ଡକ୍ଟର ନାୟକଙ୍କ ଅନୁଯାୟୀ, ଭାରତରେ ଷ୍ଟ୍ରୋକ୍ ଏବଂ ଡିମେନ୍ସିଆ ମାମଲା ନିରନ୍ତର ବୃଦ୍ଧି ପାଉଛି। ଏକ ଅଧ୍ୟୟନ ଅନୁଯାୟୀ, ଭାରତରେ ପ୍ରତିବର୍ଷ ପ୍ରାୟ ୧୮ ଲକ୍ଷ ଲୋକ ଷ୍ଟ୍ରୋକ୍‌ରେ ପୀଡିତ ହୁଅନ୍ତି, ଯାହାଙ୍କ ମଧ୍ୟରୁ ଅଧିକାଂଶ ୪୦ ରୁ ୫୦ ବର୍ଷ ବୟସ ମଧ୍ୟରେ । ସେହିପରି, ଡିମେନ୍ସିଆ ଏବେ ଯୁବ ଗୋଷ୍ଠୀରେ ମଧ୍ୟ ଅଧିକ ଦେଖାଯାଉଛି। ଏହାର କାରଣ ହେଉଛି ଖରାପ ଜୀବନଶୈଳୀ, ଚାପ ଏବଂ ସୂକ୍ଷ୍ମ ପୋଷକ ତତ୍ତ୍ୱର ଅଭାବ। ସେ କହିଛନ୍ତି ଯେ, ସଠିକ୍ ଖାଦ୍ୟ ଏବଂ ନିୟମିତ ଯାଞ୍ଚ ଦ୍ୱାରା ଆମେ ଦୀର୍ଘ ସମୟ ପର୍ଯ୍ୟନ୍ତ ଆମର ମସ୍ତିଷ୍କକୁ ସୁସ୍ଥ ରଖିପାରିବା। ଭିଟାମିନ୍ ବି୧୨ ସହିତ ଆପଣଙ୍କ ମସ୍ତିଷ୍କକୁ ସୁସ୍ଥ ରଖନ୍ତୁ: ଭିଟାମିନ୍ ବି୧୨ ସ୍ନାୟୁ ଏବଂ ମସ୍ତିଷ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ନ୍ୟୁରୋଟ୍ରାନ୍ସମିଟର ଏବଂ ଲୋହିତ ରକ୍ତ କଣିକା ଉତ୍ପାଦନରେ ସାହାଯ୍ୟ କରେ। ଏହାର ଅଭାବ ସ୍ମୃତି ହ୍ରାସ, ଥକ୍କାପଣ ଏବଂ ଡିପ୍ରେସନର କାରଣ ହୋଇପାରେ। ଯଦି ଦୀର୍ଘ ସମୟ ଧରି ଭିଟାମିନ୍ ବି୧୨ର ଅଭାବ ରହିଥାଏ, ତେବେ ଡିମେନ୍ସିଆ ଏବଂ ଷ୍ଟ୍ରୋକର ଆଶଙ୍କା ବଢ଼ିଯାଏ। ଯଦି ଆପଣ ମାଂସାହାରୀ, ତେବେ ଆପଣ ମାଛ (ସାଲମନ ଏବଂ ଟୁନା ମାଛ), ମାଂସ, ଅଣ୍ଡା ଇତ୍ୟାଦି ଖାଇ ଏହି ଅଭାବ ପୂରଣ କରିପାରିବେ। ସେହିପରି ନିରାମିଷ ଖାଉଥିବା ବ୍ୟକ୍ତି ଦୁଗ୍ଧଜାତ ଦ୍ରବ୍ୟ, ଶସ୍ୟ ଜାତୀୟ ଖାଦ୍ୟ ଏବଂ ସପ୍ଲିମେଣ୍ଟ ଇତ୍ୟାଦି ଖାଇ ଏହି ଅଭାବ ପୂରଣ କରିପାରିବେ। ଓମେଗା-୩ ଫ୍ୟାଟି ଏସିଡ୍ ସହିତ ଆପଣଙ୍କ ମସ୍ତିଷ୍କକୁ ସୁରକ୍ଷିତ ରଖନ୍ତୁ: ଓମେଗା-୩ ଏକ ସୁସ୍ଥ ଚର୍ବି ଯାହା ମସ୍ତିଷ୍କର କାର୍ଯ୍ୟକୁ ବୃଦ୍ଧି କରେ ଏବଂ ପ୍ରଦାହକୁ ହ୍ରାସ କରେ। ଏହାର ଅଭାବ ମସ୍ତିଷ୍କର ସ୍ମୃତି ସମସ୍ୟା ଏବଂ ଷ୍ଟ୍ରୋକର ବିପଦ ବୃଦ୍ଧି କରିପାରେ। ଏକ ପ୍ରକାର ଓମେଗା-୩ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରୀ । ମାଂସାହାରୀମାନେ ସାଲମନ, ମ୍ୟାକେରେଲ ଏବଂ ସାର୍ଡିନ ଭଳି ଚର୍ବିଯୁକ୍ତ ମାଛ ଖାଇ ଏହି ଅଭାବ ପୂରଣ କରିପାରିବେ। ନିରାମିଷାଶୀମାନେ ଅଳସୀ, ଚିଆ, ବାଦାମ ଏବଂ ଅଳସୀ ତେଲ ବ୍ୟବହାର କରିପାରିବେ। ଭିଟାମିନ୍ ଡି: ଭିଟାମିନ୍ ଡି ମସ୍ତିଷ୍କ ବିକାଶ ଏବଂ ସ୍ନାୟୁ ସୁରକ୍ଷାରେ ସାହାଯ୍ୟ କରେ। ଗବେଷଣା ଅନୁଯାୟୀ, ଭାରତରେ ୮୦% ଲୋକ ଭିଟାମିନ୍ ଡି ଅଭାବରେ ପୀଡିତ। ଏହାର ଅଭାବ ଡିମେନ୍ସିଆ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରେ। ଭିଟାମିନ୍ ଡିର ଅଭାବ ଦୂର କରିବା ପାଇଁ, ପ୍ରତିଦିନ ସକାଳର ୧୫-୨୦ ମିନିଟ୍ ସୂର୍ଯ୍ୟ କିରଣ ନିଅନ୍ତୁ। ଏହା ବ୍ୟତୀତ ଫୋର୍ଟିଫାଇଡ୍ କ୍ଷୀର, ଛତୁ ଏବଂ ଅଣ୍ଡାର କୁକୁର ଇତ୍ୟାଦି ଦ୍ୱାରା ମଧ୍ୟ ଭିଟାମିନ୍ ଡିର ଅଭାବ ଦୂର କରାଯାଇପାରିବ। ମ୍ୟାଗ୍ନେସିୟମ୍: ମ୍ୟାଗ୍ନେସିୟମ୍ ମସ୍ତିଷ୍କ ଏବଂ ସ୍ନାୟୁ ସ୍ୱାସ୍ଥ୍ୟ ସମେତ ୩୦୦ ରୁ ଅଧିକ ଶାରୀରିକ କାର୍ଯ୍ୟକୁ ସମର୍ଥନ କରେ। ଏହାର ଅଭାବ ମାଇଗ୍ରେନ୍, ଚାପ ଏବଂ ଡିମେନ୍ସିଆର ବିପଦ ବଢ଼ାଇପାରେ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରେ, ଯାହା ଷ୍ଟ୍ରୋକ୍ ନିବାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆପଣ ପାଳଙ୍ଗ, ବାଦାମ, କାଜୁ, କଖାରୁ ମଞ୍ଜି ଏବଂ ଶସ୍ୟ ଜାତୀୟ ଖାଦ୍ୟ ଖାଇ ମ୍ୟାଗ୍ନେସିୟମ୍ ଅଭାବକୁ ଦୂର କରିପାରିବେ।

# ବର୍ଷା ଋତୁରେ ଏଡିସ୍ ମଶା ପ୍ରତି ସାବଧାନ

ବର୍ଷା ଋତୁ ଗରମରୁ ମୁକ୍ତି ଦିଏ ସତ କିନ୍ତୁ ଏହା ଅନେକ ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରେ । ଚିକୁନଗୁନିଆ ସେମାନଙ୍କ ମଧ୍ୟରୁ ଗୋଟିଏ । ମୌସୁମୀ ଋତୁରେ ଏହି ରୋଗ ଦ୍ରୁତ ଗତିରେ ବ୍ୟାପିଥାଏ । ଏହା ଏଡିସ୍ ମଶା କାମୁଡ଼ା ଯୋଗୁଁ ବ୍ୟାପିଥାଏ । ଯେଉଁ ମସା ସଫା ପାଣିରେ ବଂଶବୃଦ୍ଧି କରିଥାନ୍ତି ।ପ୍ରକୃତରେ ବର୍ଷା ସମୟରେ ଘର ଚାରିପାଖରେ ପାଣି ଜମା ହୁଏ । ଏହା ମଶାଙ୍କ ପାଇଁ ଉପଯୁକ୍ତ ସ୍ଥାନ ହୋଇଯାଏ । ତେବେ ଚିକୁନଗୁନିଆ କୌଣସି ନୂତନ ରୋଗ ନୁହେଁ, କିନ୍ତୁ ପ୍ରତିବର୍ଷ ଏହାର ବିପଦ ବୃଦ୍ଧି ପାଉଛି। କାରଣ ଲୋକମାନେ ଟିକେ ଅସାବଧାନ ହୋଇଯାଆନ୍ତି । ଏହି ରୋଗର ଲକ୍ଷଣଗୁଡ଼ିକ ମଧ୍ୟରେ ଜ୍ୱର, ଫୁଲା ଏବଂ ଗଣ୍ଠିରେ ଯନ୍ତ୍ରଣା, ମୁଣ୍ଡବିନ୍ଧା, ଥକ୍କାପଣ ଏବଂ ଶରୀରରେ ଫୋଡ଼ା ଇତ୍ୟାଦି ଇତ୍ୟାଦି ଅନୁଭବ ହୋଇଥାଏ। କେତେକ ସମୟରେ ଏହାର ଯନ୍ତ୍ରଣା ମାସ ମାସ ଧରି ଜାରି ରହିଥାଏ, ଯାହା ଆପଣଙ୍କ ଦୈନନ୍ଦିନ କାର୍ଯ୍ୟକୁ ମଧ୍ୟ ପ୍ରଭାବିତ କରିପାରେ। ତେଣୁ, ମୌସୁମୀ ଋତୁରେ କୌଣସି ସ୍ଥାନରେ ପାଣି ଜମା ହେବାକୁ ଦେବା ନାହିଁ। ଚିକୁନଗୁନିଆର ଲକ୍ଷଣ ବିଷୟରେ ଜାଣିବା ଆବଶ୍ୟକ । ଏହା ସହିତ, ଏହାକୁ ଏଡାଇବାର ଉପାୟ ବିଷୟରେ ଜାଣିବା ମଧ୍ୟ ଆବଶ୍ୟକ । ବର୍ଷା ଋତୁ ଆରମ୍ଭ ହେବା ସହିତ ମଶା ଦ୍ରୁତ ଗତିରେ ବଂଶବୃଦ୍ଧି କରିବା ଆରମ୍ଭ କରନ୍ତି । ଏହି ସମୟରେ ଅନେକ



ସ୍ଥାନରେ ବର୍ଷା ପାଣି ଜମା ହୁଏ। ଏହି ପାଣିରେ ଏଡିସ୍ ମଶା ଦ୍ରୁତ ଗତିରେ ପ୍ରଜନନ ଆରମ୍ଭ କରନ୍ତି । ଏହି ମଶା ଦିନବେଳା ଅଧିକ ସକ୍ରିୟ ଥାଆନ୍ତି । ଏପରି ପରିସ୍ଥିତିରେ, ଚିକୁନଗୁନିଆ ବ୍ୟାପିବାର ଆଶଙ୍କା ବଢ଼ିଯାଏ । ଯଦି ଆପଣଙ୍କୁ ଏହି ମଶା କାମୁଡ଼େ, ତେବେ ତିନିରୁ ଚାରି ଦିନ ପରେ ଏହାର ଲକ୍ଷଣ ଦେଖାଯିବା ଆରମ୍ଭ ହୁଏ । କେତେବେଳେ ଏହା ଆପେ ଆପେ ଦୂର ହୋଇଯାଏ କିନ୍ତୁ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବରୁ ଦୁର୍ବଳ, ଯେପରିକି ପିଲା କିମ୍ବା ବୟସ୍କ, ସେମାନଙ୍କଠାରେ ଏହି ରୋଗ ଗୁରୁତର ହୋଇପାରେ । ଏହା ଜଣେ ବ୍ୟକ୍ତିରୁ ଅନ୍ୟ ଜଣଙ୍କୁ ଶୀଘ୍ର ବ୍ୟାପିଥାଏ । ଏହାର ଲକ୍ଷଣଗୁଡ଼ିକୁ ଚିହ୍ନଟ କରି ଏଗୁଡ଼ିକୁ ଏଡାଯାଇପାରିବ ।

ମୁଣ୍ଡ ବିନ୍ଧିବା, ମୁଣ୍ଡ ବୁଲାଇବା, ଗଣ୍ଠି ଯନ୍ତ୍ରଣା, ଜ୍ୱର, ଥକ୍କା ଲାଗିବା, ବାନ୍ତି, ମାଂସପେଶୀ ଯନ୍ତ୍ରଣା, ମୁହଁରେ ଲାଲ ଦାଗ ଆଦି ଲକ୍ଷଣ ଦେଖାଯିବ ।

ଡେଙ୍ଗୁ ପରି, ଚିକୁନଗୁନିଆ ମଧ୍ୟ ଏଡିସ୍ ଏଜିପ୍ଟି ମଶା ଦ୍ୱାରା ବ୍ୟାପିଥାଏ। ଚିକୁନଗୁନିଆକୁ ରୋକିବା ପାଇଁ ଆପଣଙ୍କ ଘର ଏବଂ ସମ୍ପ୍ରଦାୟର ସମ୍ଭାବ୍ୟ ପ୍ରଜନନ ସ୍ଥାନଗୁଡ଼ିକୁ ଦୂର କରିବା ଏକ ଜରୁରୀ ପଦକ୍ଷେପ।

କୀଟନାଶକ ଏବଂ ଲାର୍ଭିସାଇଡ ମଶା ବଂଶ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରେ ଏବଂ ଚିକୁନଗୁନିଆ ସଂକ୍ରମଣର ବିପଦକୁ ହ୍ରାସ କରିପାରିବ। ସର୍ବାଧିକ ପ୍ରଭାବଶାଳୀତା ପାଇଁ ପ୍ରଜନନ ସ୍ଥାନଗୁଡ଼ିକୁ ନଷ୍ଟ କରିବା ସହିତ ଏହି ପଦକ୍ଷେପଗୁଡ଼ିକ ବ୍ୟବହାର କରାଯିବା ଉଚିତ୍ । ଚିକୁନଗୁନିଆ ସଂକ୍ରମଣକାରୀ ଏଡିସ୍ ମଶା ଦିନରେ ସର୍ବାଧିକ ସକ୍ରିୟ ଥାଏ। ବିଶେଷକରି ସକାଳ ଏବଂ ଅପରାହ୍ନରେ । ଯଦି ସମ୍ଭବ ହୁଏ, ଏହି ସମୟ ମଧ୍ୟରେ ବାହାରେ ସମୟ ବିତାଇବା ଏଡନ୍ତୁ କିମ୍ବା ଅତିରିକ୍ତ ସତର୍କତା ଅବଲମ୍ବନ କରନ୍ତୁ। ଯେପରିକି ପ୍ରତିରୋଧକ ବ୍ୟବହାର ଏବଂ ସୁରକ୍ଷା ପୋଷାକ ପିନ୍ଧିବା।

ଯଦି ଆପଣଙ୍କର ଗଣ୍ଠି ଯନ୍ତ୍ରଣା, ବିଶେଷକରି ହାତ ଏବଂ ପାଦରେ ଗଣ୍ଠି ଯନ୍ତ୍ରଣା ହେଉଛି, ତେବେ ଶୀଘ୍ର ଡାକ୍ତରୀ ପରାମର୍ଶ ନିଅନ୍ତୁ । ଶୀଘ୍ର ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଲକ୍ଷଣଗୁଡ଼ିକୁ ଦୂର କରିବାରେ ଏବଂ ଜଟିଳତାକୁ ରୋକିବାରେ ସାହାଯ୍ୟ କରିପାରିବ ।

ଘର ଚାରିପାଖରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ, ଶୋଇବା ସମୟରେ ମଶାରୀ ବ୍ୟବହାର କରନ୍ତୁ, ପୂର୍ଣ୍ଣ ବାହୁ ପୋଷାକ ପିନ୍ଧନ୍ତୁ, ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।



# ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ ଲେମ୍ବୁ

ଲେମ୍ବୁ ଭିଟାମିନ୍ ସିର ଏକ ଭଲ ଉତ୍ସ, ଯାହା ଥଣ୍ଡା ଏବଂ ଫ୍ଲୁ ସହିତ ଲଢ଼ିବାରେ ସାହାଯ୍ୟ କରେ। ଲେମ୍ବୁ ରସ ହଜମ ପ୍ରକ୍ରିୟାକୁ ଉନ୍ନତ କରେ ଏବଂ ଗ୍ୟାସ୍, ଏସିଡିଟି ଏବଂ ପେଟ ଫୁଲିବା ଭଳି ସମସ୍ୟାକୁ କମ୍ କରିଥାଏ। ଲେମ୍ବୁ ମେଟାବୋଲିଜିମ୍ ବୃଦ୍ଧି କରିପାରେ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ଲେମ୍ବୁ ପାଣି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାକୁ ଚମକ ଦେଇଥାଏ। ଲେମ୍ବୁ ବହୁତ ଏସିଡିକ୍। ଏହାର ଅତ୍ୟଧିକ ବ୍ୟବହାର ଆପଣଙ୍କ ଦାନ୍ତର ଏନାମେଲ୍‌କୁ କ୍ଷତି ପହଞ୍ଚାଇପାରେ, ଯାହା ଦାନ୍ତ ସମ୍ବେଦନଶୀଳତା ଏବଂ ଖୋଳ ହେବାର ଆଶଙ୍କା ବୃଦ୍ଧି କରେ । ଏପରି ପରିସ୍ଥିତିରେ ଲେମ୍ବୁ ପାଣି ପିଇବା ପରେ ସାଦା ପାଣିରେ କୁଳି କରିବା କିମ୍ବା ଷ୍ଟ୍ର ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ। ଯେଉଁମାନଙ୍କର ପୂର୍ବରୁ ଏସିଡିଟି କିମ୍ବା ପେଟ ପୋଡ଼ିବା ସମସ୍ୟା ଅଛି, ସେମାନେ ଅଧିକ ଲେମ୍ବୁ ଖାଇବା ଉଚିତ୍ ନୁହେଁ। ଲେମ୍ବୁରେ ଥିବା ସାଇଟ୍ରିକ୍ ଏସିଡ୍ ଏହି ସମସ୍ୟାଗୁଡ଼ିକୁ ଆହୁରି ବଢ଼ାଇପାରେ, ବିଶେଷକରି ଖାଲି ପେଟରେ ସେବନ କଲେ। କିଛି ଗବେଷଣାରୁ ଜଣାପଡିଛି ଯେ, ଏହା ପେପ୍ସିନ୍ ଏନଜାଇମକୁ ସକ୍ରିୟ କରିପାରେ, ଯାହା ପେଟ ପୋଡ଼ିବା ସମସ୍ୟାକୁ ବୃଦ୍ଧି କରେ। ଲେମ୍ବୁ ଖାଇବା ବାରମ୍ବାର ପରିସ୍ରା କରିବାର କାରଣ ହୋଇପାରେ। ଅତ୍ୟଧିକ ସେବନ ଡିହାଇଡ୍ରେସନ୍ ଏବଂ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ସୃଷ୍ଟି କରିପାରେ । ସାଇଟ୍ରିକ୍ ଏସିଡ୍ ବ୍ୟତୀତ, ଏଥିରେ କିଛି ପରିମାଣର ଅକ୍ସାଲେଟ୍ ମଧ୍ୟ ଥାଏ। ଅତ୍ୟଧିକ ଲେମ୍ବୁ ଖାଇବା ଦ୍ୱାରା କିଛି ବ୍ୟକ୍ତିଙ୍କଠାରେ ସ୍ଫଟିକ ଆକାରରେ ଅକ୍ସାଲେଟ୍ ଜମା ହୋଇପାରେ, ଯାହା ବୃକକ୍ ପଥର ହେବାର ଆଶଙ୍କା ବୃଦ୍ଧି କରେ । କିଛି ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ, ଲେମ୍ବୁ ପାଣିର ଅତ୍ୟଧିକ ସେବନ ହାଡ଼କୁ ଦୁର୍ବଳ କରିପାରେ। ଲେମ୍ବୁ ମଧ୍ୟ ସୀମିତ ପରିମାଣରେ ଖାଇବା ଉଚିତ । ପୁଷ୍ଟିସାର ବିଶେଷଜ୍ଞମାନେ ପ୍ରାୟତଃ ଫୁଟୁଥିବା କିମ୍ବା ଅତ୍ୟଧିକ ଗରମ ଖାଦ୍ୟରେ ଲେମ୍ବୁ ରସ ନ ମିଶାଇବାକୁ ପରାମର୍ଶ ଦିଅନ୍ତି । କାରଣ ଭିଟାମିନ୍ ସି ଗରମ ପ୍ରତି ସମ୍ବେଦନଶୀଳ ଏବଂ ଏହାର ପୁଷ୍ଟିସାର ହ୍ରାସ ପାଇପାରେ । ଖାଦ୍ୟ ରନ୍ଧା ହେବା ପରେ କିମ୍ବା ଟିକିଏ ଥଣ୍ଡା ହେବା ପରେ ଲେମ୍ବୁ ମିଶାନ୍ତୁ। ଲେମ୍ବୁ ରସକୁ ଲଙ୍କା କିମ୍ବା ସବୁଜ ପନିପରିବାରେ ମିଶାଇଲେ ଲୌହ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱର ଶୋଷଣ ଉନ୍ନତ ହୁଏ । ଲଙ୍କା ହଜମ କରିବାରେ ସହାଜ୍ୟ କରିଥାଏ। ନିଃସନ୍ଦେହରେ ଲେମ୍ବୁ ଏକ ସୁସ୍ଥ ଏବଂ ସ୍ୱାଦିଷ୍ଟ ଉପାଦାନ, କିନ୍ତୁ ଏହାକୁ ବୁଦ୍ଧିମାନ ଭାବରେ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ଶରୀରର କଥା ଶୁଣନ୍ତୁ ଏବଂ ଯଦି ଆପଣ କୌଣସି ଅସୁବିଧା ଅନୁଭବ କରନ୍ତି ତେବେ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରନ୍ତୁ।

# କାନ୍ଦିବା ଦ୍ୱାରା ଲୁହ କେବଳ ମନକୁ ନୁହେଁ ବରଂ ଆଖିକୁ ମଧ୍ୟ ସୁସ୍ଥ ରଖେ

କାନ୍ଦିବାକୁ ସାଧାରଣତଃ ଭାବପ୍ରବଣ, ଦୁର୍ବଳତା କିମ୍ବା ଦୁଃଖର ପ୍ରତୀକ ଭାବରେ ବିବେଚନା କରାଯାଏ । ପିଲାଦିନରୁ ଆମକୁ ଶିଖାଯାଏ , 'କାନ୍ଦ ନାହିଁ, ସାହସୀ ହୁଅ । 'କିନ୍ତୁ ଆପଣ କେବେ ଭାବିଛନ୍ତି କି , କାନ୍ଦିବା କେବଳ ଭାବନାର ପ୍ରକାଶନ ନୁହେଁ, ବରଂ ଏହା ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ମଧ୍ୟ କାନ୍ଦିବା ଦ୍ୱାରା ଆଖି ପ୍ରାକୃତିକ ଉପାୟରେ ସଫା କରିବା ପ୍ରଣାଳୀ ଭାବରେ କାମ କରେ ।

ଡକ୍ଟର ସୁନୀଲ କୁମାର ସିଂହ ରହିଛନ୍ତି ଯେ 'କାନ୍ଦୁଥିବା ଲୋକଙ୍କ ଆଖି କେବଳ ଭାବପ୍ରବଣ ହେବାର ଏକ ଉପାୟ ନୁହେଁ , ବରଂ ଚିକିତ୍ସା ଦୃଷ୍ଟିରୁ ମଧ୍ୟ ଭଲ । ' ଲୁହ ସାଧାରଣ ପାଣି ପରି ଦେଖାଯାଇପାରେ, କିନ୍ତୁ ଏହାରେ ଗଠନ ବହୁତ ସ୍ୱତନ୍ତ୍ର । ଏଥିରେ ପାଣି, ଲିପିଡ୍ , ମ୍ୟୁକସ୍ , ଏନଜାଇମ୍ ଏବଂ ଲାଇସୋସୋମ୍ ଭଳି ଉପାଦାନ ଥାଏ, ଯାହା କେବଳ ଆଖିକୁ ଆର୍ଦ୍ରତା ପ୍ରଦାନ କରେ ନାହିଁ ବରଂ ଜୀବାଣୁ ଏବଂ ଜୀବାଣୁଠାରୁ ମଧ୍ୟ ସୁରକ୍ଷା ଦିଏ ।

ଲାଇସୋସୋମ ଏକ ଏନଜାଇମ ଯାହା ଜୀବାଣୁମାନଙ୍କର କୋଷ କାନ୍ଥ ଭାଙ୍ଗି



ନଷ୍ଟ କରେ । ଯେତେବେଳେ ଆମେ କାନ୍ଦୁ, ଏହି ଏନଜାଇମ ଲୁହ ସହିତ ଆଖିରେ ବ୍ୟାପିଯାଏ ଏବଂ ସେଠାରେ ଥିବା ଜୀବାଣୁମାନଙ୍କୁ ମାରିଦିଏ । ଏହା ଆଖିକୁ ସଂକ୍ରମଣରୁ ରକ୍ଷା କରିବାରେ ସାହାଯ୍ୟ କରେ ।

ମାନସିକ ଚାପ ହ୍ରାସ : କାନ୍ଦିବା ଦ୍ୱାରା ଶରୀରରେ କର୍ଟିସୋଲ ଭଳି ଚାପ ହରମୋନର ପରିମାଣ ହ୍ରାସ ପାଏ । ଭାବପ୍ରବଣ ହେବା: ଭାବନାଗୁଡ଼ିକୁ ଦମନ କରିବା ପରିବର୍ତ୍ତେ, ଯେତେବେଳେ ସେଗୁଡ଼ିକ ଲୁହ ଆକାରରେ ବାହାରକୁ ଆସେ, ଜଣେ ବ୍ୟକ୍ତି ମାନସିକ ଭାବରେ ହାଲୁକା ଅନୁଭବ କରେ । ଲୋକମାନେ ଭାବନ୍ତି ଯେ କାନ୍ଦିବା ଦୁର୍ବଳ ବ୍ୟକ୍ତିଙ୍କର ଲକ୍ଷଣ, କିନ୍ତୁ ବାସ୍ତବତା ହେଉଛି କାନ୍ଦିବା ଦ୍ୱାରା ଆମର ଆଖି ନିଜକୁ ସଫା ରଖେ। ଲୁହରେ ଥିବା ଲାଇସୋସୋମ ଆଖିକୁ ଜୀବାଣୁ ଏବଂ ଭାଇରାଲ୍ ସଂକ୍ରମଣରୁ ସୁରକ୍ଷିତ ରଖେ । ଏବେ ଯେତେବେଳେ ଆପଣଙ୍କ ଆଖିରେ ଲୁହ ଆସିବ, ସେଗୁଡ଼ିକୁ ଦୁର୍ବଳତାର ଲକ୍ଷଣ ବୋଲି ଭାବିବେ ନାହିଁ । ଏହି ଲୁହ ଆପଣଙ୍କ ଆଖି ପାଇଁ ପ୍ରାକୃତିକ ଆରୋଗ୍ୟ ଏବଂ ସଫା କରିବା ପ୍ରଣାଳୀର ଏକ ଅଂଶ । ବୈଜ୍ଞାନିକଙ୍କ ମତରେ, କେତେକ ସମୟରେ କାନ୍ଦିବା କେବଳ ମନକୁ ନୁହେଁ ବରଂ ଆଖିକୁ ମଧ୍ୟ ସୁସ୍ଥ ରଖେ ।

# ୨ ଅଗଷ୍ଟରେ ୬ ମିନିଟ୍ ପାଇଁ ଅନ୍ଧାରରେ ବୁଡ଼ିଯିବ ପୃଥିବୀ

'ଆସନ୍ତା ଅଗଷ୍ଟ ୨ ତାରିଖରେ ମାଡି ଆସିବ ଅନ୍ଧକାର । ୬ ମିନିଟ୍ ପାଇଁ ଅନ୍ଧାରରେ ବୁଡ଼ିଯିବ ସାରା ପୃଥିବୀ । କାରଣ ଏହି ଦିନ ଏକ ଦୁର୍ଲଭପୂର୍ଣ୍ଣ ସୂର୍ଯ୍ୟପରାଗ ଘଟିବ । ଚନ୍ଦ୍ର ସୂର୍ଯ୍ୟଙ୍କୁ ପ୍ରାୟ ୬ ମିନିଟ୍ ପାଇଁ ସମ୍ପୂର୍ଣ୍ଣ ଭାବରେ ଘୋଡାଇ ଦେବେ ।' ଏବେ ସୋସିଆଲ ମିଡିଆରେ ଏଭଳି ଏକ ଗୁଜବ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ କୁହାଯାଉଛି ଯେ, ଅଗଷ୍ଟ ୨ ତାରିଖରେ ସମଗ୍ର ପୃଥିବୀ ୬ ମିନିଟ୍ ପାଇଁ ଅନ୍ଧାରରେ ବୁଡ଼ିଯିବ । ଜ୍ୟୋତିର୍ବିଜ୍ଞାନୀ ଏବଂ ବିଶେଷଜ୍ଞଙ୍କ ଅନୁଯାୟୀ, ଚଳିତ ବର୍ଷ ଅଗଷ୍ଟ ୨ ତାରିଖରେ କୌଣସି ସୂର୍ଯ୍ୟପରାଗ ହେବ ନାହିଁ । ଏହି ସୂଚନା ସମ୍ପୂର୍ଣ୍ଣ ଭୁଲ ଏବଂ ଭ୍ରାମକ । ପ୍ରକୃତରେ, ଯେଉଁ ସୂର୍ଯ୍ୟପରାଗ ବିଷୟରେ କୁହାଯାଉଛି, ତାହା ଆଜିଠାରୁ ଦୁଇ ବର୍ଷ ପରେ ଅର୍ଥାତ ୨ ଅଗଷ୍ଟ ୨୦୨୭ରେ ଘଟିବ। ଏହି ପରାଗ ନିଶ୍ଚିତ ଭାବରେ ଖାସ ରହିବ, କାରଣ ସେହି ଦିନ ଚନ୍ଦ୍ର ସୂର୍ଯ୍ୟଙ୍କୁ ପାଖାପାଖି ୬ ମିନିଟ୍ ୨୩



ସେକେଣ୍ଡ ପାଇଁ ସମ୍ପୂର୍ଣ୍ଣ ଭାବରେ ଘୋଡାଇ ଦେବ, ଯାହା ଯୋଗୁଁ କିଛି ସ୍ଥାନରେ ଦିନରେ ମଧ୍ୟ ଅନ୍ଧାର ହୋଇପାରେ । ଏହି ସୂର୍ଯ୍ୟପରାଗ ବୈଜ୍ଞାନିକ ଦୃଷ୍ଟିକୋଣରୁ ବହୁତ ଖାସ, କାରଣ ଏହାକୁ ୨୧ ଶତାବ୍ଦୀର ସବୁଠାରୁ ଦୀର୍ଘ ପୂର୍ଣ୍ଣ ସୂର୍ଯ୍ୟପରାଗ ଭାବରେ ବିବେଚନା କରାଯାଉଛି । ଏହା ପୂର୍ବରୁ, ଆମେରିକା, ମେକ୍ସିକୋ ଏବଂ କାନାଡାରେ ୮ ଏପ୍ରିଲ ୨୦୨୪ରେ ଏତେ ସମୟ ଧରି ଅନ୍ଧକାର ଦେଖାଯାଇଥିଲା । ସେତେବେଳେ ଚନ୍ଦ୍ର ପ୍ରାୟ ୪ ମିନିଟ୍ ୨୮ ସେକେଣ୍ଡ ପାଇଁ ସୂର୍ଯ୍ୟଙ୍କୁ ଆଚ୍ଛାଦିତ କରି ରଖିଥିଲେ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି ଯେ, ଅମାବାସ୍ୟା ଦିନ ସର୍ବଦା ସୂର୍ଯ୍ୟପରାଗ ହୁଏ, କାରଣ କେବଳ ସେତେବେଳେ ହିଁ ଚନ୍ଦ୍ର ଏବଂ ସୂର୍ଯ୍ୟ ସମାନ ରେଖାରେ ଆସିପାରନ୍ତି। କିନ୍ତୁ ୨ ଅଗଷ୍ଟ ୨୦୨୫ରେ କୌଣସି ଅମାବାସ୍ୟା ନାହିଁ, ତେଣୁ ସେହି ଦିନ ସୂର୍ଯ୍ୟପରାଗ ହେବା ସମ୍ଭବ ନୁହେଁ । ଯଦି ୨୦୨୫ ବର୍ଷକୁ ଦେଖାଯାଏ, ତେବେ ଏହି ବର୍ଷ ମୋଟ ଦୁଇଟି ସୂର୍ଯ୍ୟପରାଗ ଏବଂ ଦୁଇଟି ଚନ୍ଦ୍ରଗ୍ରହଣ ହେବ । ଏହି ଦୁଇଟି ସୂର୍ଯ୍ୟପରାଗ ଏବଂ ଚନ୍ଦ୍ରଗ୍ରହଣ ମଧ୍ୟରୁ ପ୍ରଥମଟି ହୋଇସାରିଛି । ବର୍ତ୍ତମାନ ପରବର୍ତ୍ତୀ ଚନ୍ଦ୍ରଗ୍ରହଣ ୭ ସେପ୍ଟେମ୍ବର ଓ ସୂର୍ଯ୍ୟପରାଗ ୨୧-୨୨ ସେପ୍ଟେମ୍ବର ୨୦୨୫ରେ ହେବ, ଯାହା ଏକ ଆଂଶିକ ସୂର୍ଯ୍ୟପରାଗ ହେବ । ଏହା ଭାରତରେ ଦୃଶ୍ୟମାନ ହେବ ନାହିଁ, କିନ୍ତୁ ନ୍ୟୁଜିଲ୍ୟାଣ୍ଡ, ଫିଜି, ଆଣ୍ଟାର୍କଟିକା ଏବଂ ଅଷ୍ଟ୍ରେଲିଆର କିଛି ଅଂଶରେ ଦୃଶ୍ୟମାନ ହେବ । ତେଣୁ ଏହାର ଅର୍ଥ ହେଉଛି ଯେ ୨ ଅଗଷ୍ଟ , ୨୦୨୫ରେ କୌଣସି ପୂର୍ଣ୍ଣ ସୂର୍ଯ୍ୟପରାଗ ହେବ ନାହିଁ ଏବଂ ସାରା ବିଶ୍ୱରେ ୬ ମିନିଟ୍ ପାଇଁ ଅନ୍ଧାର ରହିବ ନାହିଁ । ଏହା କେବଳ ଏକ ଗୁଜବ । ବାସ୍ତବରେ, ୨ ଅଗଷ୍ଟ ୨୦୨୭ରେ ଏକ ବିରଳ ସୂର୍ଯ୍ୟପରାଗ ହେବ, ଯାହାକୁ ଜ୍ୟୋତିର୍ବିଦମାନେ ପୂର୍ବରୁ ଚିହ୍ନିତ କରିସାରିଛନ୍ତି । ପୌରାଣିକ ବିଶ୍ୱାସ ଅନୁସାରେ, ରାହୁ ଏବଂ କେତୁଙ୍କ ଯୋଗୁଁ ସୂର୍ଯ୍ୟପରାଗ ହୁଏ। ଏହି ଦୁଇଟି ଗ୍ରହ ସୂର୍ଯ୍ୟଙ୍କୁ ଗ୍ରାସ କରିବାକୁ ଚେଷ୍ଟା କରନ୍ତି । ଏହା ବ୍ୟତୀତ, ଏହାର କାହାଣୀ ସମୁଦ୍ର ମନ୍ଥନ ସହିତ ମଧ୍ୟ ଜଡିତ । କହାଯାଏ ଯେ, ସୂର୍ଯ୍ୟପରାଗ ସମୟରେ ବିବାହ, ମୁଣ୍ଡନ ପରି କୌଣସି ଶୁଭ କାର୍ଯ୍ୟ କରାଯାଏ ନାହିଁ । ଏହା ସହିତ, ସୂର୍ଯ୍ୟପରାଗ ସମୟରେ ମନ୍ଦିରର ଦ୍ୱାର ବନ୍ଦ ହୋଇଯାଏ, କାରଣ ଏହି ସମୟରେ ଭଗବାନ ସଙ୍କଟରେ ପଡ଼ିଥାନ୍ତି ।

ସୂର୍ଯ୍ୟପରାଗ ସମୟରେ ଶୋଇବା, ଖାଇବା କିମ୍ବା ପିଇବା ଉଚିତ୍ ନୁହେଁ । ଏହା ବ୍ୟତୀତ, ଗର୍ଭବତୀ ମହିଳାମାନେ ସୂର୍ଯ୍ୟପରାଗ ସମୟରେ ବାହାରକୁ ଯିବା ଉଚିତ୍ ନୁହେଁ, କାରଣ ଯଦି ସେମାନେ ସୂର୍ଯ୍ୟପରାଗ ସମୟରେ ବାହାରକୁ ଯାଆନ୍ତି, ତେବେ ସେମାନଙ୍କର ସନ୍ତାନ ବିକଳାଙ୍ଗ ହୋଇପାରେ । ଯାହାକୁ ଗ୍ରହଣ ଖଣ୍ଡିଆ କୁହାଯାଏ ।

# ବିସିସିଆଇ ଅଫିସରୁ ଚୋରି ହୋଇଗଲା ୬.୫ ଲକ୍ଷ ଟଙ୍କାର ଜର୍ସି



**ନୂଆଦିଲ୍ଲୀ**

ଆଇପିଏଲ ଜର୍ସି ଘରକୁ ନେବାକୁ ସମସ୍ତଙ୍କ ଇଚ୍ଛା ରହିଥାଏ। ହେଲେ ଜଣେ ସିକ୍ୟୁରିଟି ଗାର୍ଡ ଏହି ଜର୍ସି ପାଇଁ ସୀମାରେଖା ଅତିକ୍ରମ କରିଯାଇଛନ୍ତି। ସେ ଏକାଥରେ ଗୋଟେ ପେଟି ଆଇପିଏଲ ୨୦୨୫ର ଜର୍ସି ନେଇଯାଇଛନ୍ତି। ଏବେ ପୁଲିସ୍ ୪୦ ବର୍ଷୀୟ ସିକ୍ୟୁରିଟି ଗାର୍ଡଙ୍କୁ ଆଇପିଏଲ ଜର୍ସି ଚୋରି ମାମଲାରେ ଗିରଫ କରିଛି। ସେ ୬.୫୨ ଲକ୍ଷ ମୂଲ୍ୟର ୨୬୧ଟି ଜର୍ସି ଚୋରି କରିଥିଲେ। ପ୍ରତିଟି ଜର୍ସିର ମୂଲ୍ୟ ପ୍ରାୟ ୨୫୦୦ ଟଙ୍କା ହେବ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ର ଚର୍ଚ୍ଚ ଗେଟ୍ ନିକଟ ବିସିସିଆଇ ଅଫିସରୁ ଏପରି ଚୋରି ହୋଇଥିଲା। ଗିରଫ ସିକ୍ୟୁରିଟିର ଗାର୍ଡ ଜଣଙ୍କ ହେଉଛନ୍ତି ଫାରୁକି ଅସଲମ ଖାନ। ସେ ନିଜର ଅନ୍‌ଲାଇନ୍ ଜୁଆ ଖେଳ ଆବଶ୍ୟକ ଟଙ୍କା ହାସଲ କରିବା ପାଇଁ ବିସିସିଆଇ ଅଫିସରୁ ଗୋଟେ ପେଟି ଆଇପିଏଲ ଜର୍ସି ଚୋରି କରିଥିଲେ।

ଚୋରି ହୋଇଥିବା ଜର୍ସିଗୁଡ଼ିକ ବିଭିନ୍ନ ଆଇପିଏଲ ଟିମ୍‌ର ରହିଥିଲା। ତେବେ ଏହା ସାଧାରଣ ଲୋକଙ୍କ ପାଇଁ ଥିଲା ନା ଖେଳାଳିଙ୍କ ପାଇଁ ଅଣାଯାଇଥିଲା, ସେକଥା ଜଣାପଡ଼ିନି। ବିସିସିଆଇ ଅଫିସରୁ ଗୋଟେ ପେଟି ଜର୍ସି ଚୋରି କରିବା ପରେ ମୀରା ରୋଡ୍‌ରେ ରହୁଥିବା ଅସଲମ ଏହାକୁ ହରିୟାଣାର ଗୋଟିଏ ଜର୍ସି ଡିଲରଙ୍କୁ ବିକ୍ରି କରିଥିଲା। ସୋଶାଲ ମିଡିଆରେ ସେ ଏହି ଜର୍ସି ଡିଲରଙ୍କୁ ଯୋଗାଯୋଗ କରିଥିଲା। ପ୍ରକୃତରେ ଜୁନ ୧୩ରେ ଜର୍ସି ଚୋରି ହୋଇଥିଲା। କିନ୍ତୁ ନିକଟରେ ହୋଇଥିବା ଅଡିଟ ବେଳେ ଚୋରି ଖବର ସାମ୍ନାକୁ ଆସିଥିଲା।

ଚୋରି ସମ୍ପର୍କରେ ଜଣାପଡ଼ିବା ପରେ ବିସିସିଆଇ ଅଧିକାରୀମାନେ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଏହି ସମୟରେ ସିକ୍ୟୁରିଟି ଗାର୍ଡ ଗୋଟିଏ ପେଟି ଧରି ବାହାରକୁ ଯାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ଆଧାର କରି ପୁଲିସ୍ ଅସଲମଙ୍କୁ ଗିରଫ କରିଛି। ଚୋରି ପରେ ଅସଲମ ଅନଲାଇନ ଡିଲରଙ୍କୁ ଜର୍ସିଗୁଡ଼ିକ ବିକ୍ରି କରିଥିଲେ। କିନ୍ତୁ ଏହି ଡିଲ୍‌ରୁ ତାଙ୍କୁ କେତେ ଟଙ୍କା ମିଳିଥିଲା, ସେକଥା ପୁଲିସ୍ କହିନାହିଁ। ସେହିପରି ଚୋରି ଜର୍ସିକୁ କୋରିୟର ଦ୍ୱାରା ହରିୟାଣା ପଠାଯାଇଥିବା ଜଣାପଡ଼ିଛି।

ଅସଲମଙ୍କୁ ଗିରଫ କରିବା ପରେ ପୁଲିସ୍ ହରିୟାଣା ଡିଲରଙ୍କୁ ସମନ କରିଛି। ତେବେ ସେ ଜର୍ସିଗୁଡ଼ିକ ଚୋରି ମାଲ ବୋଲି ଜାଣିଥିବା ପ୍ରାଥମିକ ଭାବେ ପୁଲିସ୍‌କୁ କହିଛନ୍ତି। ପୁଲିସ୍ ପୁଲିସ ଜୁଲାଇ ୧୭ରୁ ଘଟଣାର ତଦନ୍ତ କରୁଥିବା ବେଳେ ଏନେଇ ରିପୋର୍ଟ ଏବେ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ପିଚ୍ କ୍ୟୁରେଟରଙ୍କ ଉପରେ ରାଗିଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ସିରିଜର ପଞ୍ଚମ ଏବଂ ଶେଷ ମ୍ୟାଚ ଜୁଲାଇ ୩୧ରୁ ଖେଳାଯିବ। ପଞ୍ଚମ ଟେଷ୍ଟ ମ୍ୟାଚର ଦୁଇ ଦିନ ପୂର୍ବରୁ, ମଙ୍ଗଳବାର ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଓଭାଲ ପିଚ୍ କ୍ୟୁରେଟରଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା।

ଏହି ଯୁକ୍ତିତର୍କ ସେତେବେଳେ ହୋଇଥିଲା ଯେତେବେଳେ ଟିମ ଇଣ୍ଡିଆ ଅଭ୍ୟାସ ସେସନ ପାଇଁ ଗ୍ରାଉଣ୍ଡରେ ପହଞ୍ଚିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି।

ସୂଚନାଯୋଗ୍ୟ, ଭାରତୀୟ ଦଳ ସୋମବାର ହିଁ ଲଣ୍ଡନରେ ପହଞ୍ଚିଥିଲା ଏବଂ ମଙ୍ଗଳବାର ଏହା ଓଭାଲ ଗ୍ରାଉଣ୍ଡରେ ପ୍ରଥମ ତାଲିମ ସେସନ ପାଇଁ ଅବତରଣ କରିଥିଲା, କିନ୍ତୁ ଏହି ସମୟରେ କିଛି ଏପରି ଘଟିଥିଲା, ଯାହା ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ କ୍ରୋଧିତ କରିଥିଲା। ବିବାଦ ଏତେ ବଢ଼ି ଯାଇଥିଲା ଯେ ଗୌତମ ଗମ୍ଭୀର ପିଚ୍ କ୍ୟୁରେଟରଙ୍କ ଉପରେ କ୍ରୋଧରେ ଚିତ୍କାର କରୁଥିବାର ଦେଖାଯାଇଥିଲା ଏବଂ ସେ କହିଥିଲେ – ତୁମେ ଆମକୁ କ'ଣ କରିବାକୁ ହେବ ତାହା କହିବ ନାହିଁ।





ପରିସ୍ଥିତି ଏତେ ଗମ୍ଭୀର ହୋଇଗଲା ଯେ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟକ ଏବଂ ଦଳର ଅନ୍ୟ କର୍ମଚାରୀମାନଙ୍କୁ ହସ୍ତକ୍ଷେପ କରି ମାମଲାକୁ ଶାନ୍ତ କରିବାକୁ ପଡ଼ିଲା।

କେବଳ ଏତିକି ନୁହେଁ, ଓଭାଲ ଗ୍ରାଉଣ୍ଡ ଷ୍ଟାଫ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ବିରୋଧରେ ଅଭିଯୋଗ କରିବାକୁ ମଧ୍ୟ ଧମକ ଦେଇଥିଲେ। ଏହି ସମୟରେ କ୍ରୋଧରେ ଲାଲ ହୋଇ ଯାଇଥିବା ଗମ୍ଭୀର ଚିତ୍କାର କରି କହିଥିଲେ ଯେ ତୁମେ ଯେଉଁଠାକୁ ଚାହୁଁଛ ସେଠାରେ ଯାଇ ଅଭିଯୋଗ କରିପାରିବ, କିନ୍ତୁ ଆମକୁ କ'ଣ କରିବାକୁ ହେବ ତାହା କହିପାରିବ ନାହିଁ। ସୂଚନାଯୋଗ୍ୟ,ଏହା ସେହି କ୍ୟୁରେଟର ଲି ଫୋର୍ଟିସ ଯିଏ ଭାରତୀୟ ମହିଳା ଦଳର ମ୍ୟାଚ୍ ସମୟରେ ନାଟକ ସୃଷ୍ଟି କରିଥିଲେ। ଭ୍ରମଣକାରୀ ଦଳଗୁଡ଼ିକ ବିରୁଦ୍ଧରେ ତାଙ୍କର ଆଚରଣ ସର୍ବଦା ଖରାପ ରହିଛି। ଯଦିଓ ବିବାଦର ମୁଖ୍ୟ କାରଣ କ'ଣ ଥିଲା ତାହା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ସ୍ପଷ୍ଟ ହୋଇନାହିଁ, କିନ୍ତୁ ଏହା ବିଶ୍ୱାସ କରାଯାଉଛି ଯେ ଅଭ୍ୟାସ ପାଇଁ ଉପଲବ୍ଧ ସୁବିଧା, ବିଶେଷକରି ପିଚ୍ ଏବଂ ନେଟ୍ କ୍ଷେତ୍ର ସହିତ ଦଳ ପରିଚାଳନା ଖୁସି ନଥିଲା।

# ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିବା ରିଲେ ଟିମ୍ ସମ୍ବର୍ଦ୍ଧିତ

**ନୂଆଦିଲ୍ଲୀ**

ଜର୍ମାନୀରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା-୨୦୨୫ରେ କାଂସ୍ୟ ପଦକ ଜିଣିଥିବା ପୁରୁଷ ୪ଗୁଣା ୧୦୦ ରିଲେ ଟିମ୍‌ର ସଦସ୍ୟ ଥିବା କ୍ରୀଡ଼ାବିତ୍ ଅନିମେଶ କୁଜୁର, ଲାଲୁପ୍ରସାଦ ଭୋଇ ଏବଂ ଡିଏମ୍ ଜୟରାମଙ୍କୁ କ୍ରୀଡ଼ା ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ନିଜର ପରାକାଷ୍ଠା ପ୍ରଦର୍ଶନ କରି ଓଡ଼ିଶାକୁ ଗର୍ବିତ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି କ୍ରୀଡ଼ା ମନ୍ତ୍ରୀ।

# ବାଲିଯାତ୍ରା ପଡ଼ିଆରେ ଅଗଷ୍ଟ ୨ରୁ ସତ୍ୟବ୍ରତ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ବାରବାଟୀ ୟୁନାଇଟେଡ୍ କ୍ଲବ୍ ଦ୍ୱାରା ଆସନ୍ତା ଅଗଷ୍ଟ ମାସ ୨ ଓ ୩ ତାରିଖ (ଶନିବାର ଓ ରବିବାର)ରେ ଏ-ଡିଭିଜନ ପୁରୁଷ ଫୁଟବଲ ପ୍ରତିଯୋଗିତା ସତ୍ୟବ୍ରତ ମେମୋରିୟାଲ "ସୁପର କ୍ଲବ–୨୦୨୫", ବାଲିଯାତ୍ରା ପଡ଼ିଆରେ ହେବାକୁ ଥିବା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ୨ ତାରିଖରେ ୪ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ହେବ ଓ ୩ ତାରିଖରେ ୨ଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ବାରବାଟୀ-କଟକର ବିଧାୟିକା ସୋଫିଆ ଫିରଦୋଷ, ଓଡ଼ିଶା ଫୁଟବଲ ସଂଘର ସଚିବ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରିକେଟ ସଂଘର ସଚିବ ସଂଜୟ କୁମାର ବେହେରା ଓ କଟକ ସହରର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଗଣ ଅତିଥି ରୂପେ ଯୋଗଦେବେ।



ଉକ୍ତ ଟୁର୍ଣ୍ଣାମେଣ୍ଟରେ ୮ଟି ଫୁଟବଲ ଦଳ ଯଥା ସନରାଇଜ କ୍ଲବ, ଜୟଦୁର୍ଗା ଗାଁ କ୍ଲବ, ମଙ୍ଗଳା କ୍ଲବ, ବିଡ଼ାନାସୀ କ୍ଲବ, ଇଣ୍ଡପେଣ୍ଡେଣ୍ଟ କ୍ଲବ, ଚାନ୍ଦ କ୍ଲବ, ଗ୍ୟାଲେନ୍ କ୍ଲବ ଓ ସନସାଇନ ଭାଗ ନେବାପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଚାମ୍ପିଅନ ଦଳକୁ ୧୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ୧୦,୦୦୦/- ଟଙ୍କା ସହିତ ଚାମ୍ପିଅନ ଓ ରନର୍ସ ଟ୍ରଫି ମଧ୍ୟ ପ୍ରଦାନ କରାଯିବ। ଉକ୍ତ ବୈଠକରେ ୮ଟି କ୍ଲବର ପ୍ରତିନିଧିମାନେ, ବାରବାଟୀ କ୍ଲବର ଚେୟାରମ୍ୟାନ ଯଥା ଆଇନଜୀବୀ ପ୍ରକାଶ କୁମାର ନନ୍ଦ, ସଭାପତି ଶିବ ଶଙ୍କର ସାହୁ, ସଚିବ ପିତବାସ ସାହୁ, ସଞ୍ଜିବ ମହାନ୍ତି, ସେକ ଦାଉଦ, ଆଶିଷ କୁମାର ନନ୍ଦି, ଈଶ୍ୱର ବେହେରା, ସେକ୍ ମୁସ୍ତାକିମ୍, ସେକ ଜାହିଦ, ହୃଦୟ ରଞ୍ଜନ ସାଇଁ, ମହମ୍ମଦ ମୁସ୍ତାକିମ ସେକ ଜାହାଙ୍ଗିର ଅଲ୍ଲି, ଗହର ଆଲାମ, ସୁଶାନ୍ତ କୁମାର ବେହେରା, ଇସାମାଇଲ ଖାଁ, ଅନୁପ ପ୍ରକାଶ ବିଶ୍ୱାଳ, ପ୍ରଦିପ କୁମାର ପଣ୍ଡା, କ୍ଲବର କୋଷାଧ୍ୟକ୍ଷ ସୁନାକାର ଦଳାଇ ଓ ମିର୍ଜା ସଫିକ ବେଗଙ୍କ ସହିତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବାତିଲ ହେବନି ଭାରତ-ପାକିସ୍ତାନ ଏସିଆ କପ୍ ୨୦୨୫ ମ୍ୟାଚ୍

**ନୂଆଦିଲ୍ଲୀ**

ଏସିଆ କପ୍-୨୦୨୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ହେବାକୁ ଥିବା ମ୍ୟାଚ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ତୀବ୍ର ବିରୋଧ ପ୍ରକାଶ ପାଇଛି। ତେବେ ଉଚ୍ଚ ପଦସ୍ଥ ସୂତ୍ର ଅନୁଯାୟୀ, ଏହି ମ୍ୟାଚ୍ ବାତିଲ ହେବ ନାହିଁ। ସୂତ୍ର କହିଛି, "ଏହା ଦ୍ୱିପାକ୍ଷିକ ମ୍ୟାଚ୍ ନୁହେଁ, ବରଂ ଏକ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟର ଅଂଶ। ଭାରତ ଯଦି ଖେଳେ ନାହିଁ କିମ୍ବା ମ୍ୟାଚ୍ ତ୍ୟାଗ କରେ, ତାହା ପାକିସ୍ତାନକୁ ବଡ଼ ସୁଯୋଗ ଦେବ, ଯାହା କାମ୍ୟ ନୁହେଁ।"

କ୍ରୀଡ଼ା ମନ୍ତ୍ରଣାଳୟର ଜଣେ ସୂତ୍ର ପିଟିଆଇକୁ କହିଛନ୍ତି, "ଜାତୀୟ କ୍ରୀଡ଼ା ଶାସନ ବିଲ୍ ଏପର୍ଯ୍ୟନ୍ତ ପାସ୍ ହୋଇନାହିଁ, ତେଣୁ ବିସିସିଆଇ ବର୍ତ୍ତମାନ ମନ୍ତ୍ରଣାଳୟ ଅଧୀନରେ ନାହିଁ। ବିସିସିଆଇ ଜନସାଧାରଣଙ୍କ ମନୋଭାବକୁ କିପରି ଗ୍ରହଣ କରେ, ତାହା ଦେଖାଯିବ।"

# ଗଣେଶ ମନ୍ଦିର ଚୋରି ଘଟଣା : ୪ ଚୋର ସହ ମୋଟ ୬ ଗିରଫ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ସଦର ପୋଲିସ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ୪ଜଣ ଚୋର ସହିତ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ୨ଜଣ ମୋଟ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଆନସାର ଖାନ (୨୨), ନାଜୀମ ଖାନ (୨୨), ସେକ. କାଲା ଓରଫ ସେକ. ସୁଲତାନ (୨୧), ନୁର ହୁସେନ ଓରଫ ତାପରିକ (୨୨) ଏବଂ ଚୋରି ସାମଗ୍ରୀ କିଣିଥିବା ଦୁଇଜଣ ବୈଶିଙ୍ଗା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସେକ ଆଜାଦ (୨୯) ଏବଂ ବାଲେଶ୍ୱର ଥାନା ଅନ୍ତର୍ଗତ ସୁନହଟ ଅଞ୍ଚଳର ସେକ ଇମ୍ରାନ ଖାନ (୨୩) ବୋଲି ଜଣାଯାଇଛି।



ସୂଚନା ମୁତାବକ ଗତ ତା ୨୫/୦୬/୨୫ ରିଖ ମଧ୍ୟରାତ୍ରିରେ ବାଙ୍କୀଶୋଳ ଗ୍ରାମପଞ୍ଚାୟତ ଅଫିସରୁ ଇନଭଟର, ବ୍ୟାଟେରୀ, ଡେସ୍କଟପ୍, ଲାପ୍‌ଟପ, ପ୍ରିଣ୍ଟର୍ସ, ୟୁଏସବି, କମ୍ପ୍ୟୁଟର, ସିଲିଂ ଫେନ, ୱାଲଫେନ, ଚେୟାର ଇତ୍ୟାଦି ଚୋରି ହୋଇଥିଲା। ଏନେଇ ସରପଞ୍ଚ ଫୁଲମଣୀ ମାରାଣ୍ଡି ବାରିପଦା ସଦର ଥାନାରେ ଏତେଲା ଦେଇଥିଲେ। ସେହିପରି ୨୬/୭/୨୬ ରିଖ ମଧ୍ୟରାତ୍ରିରେ ବାରିପଦା ୱାର୍ଡ ନଂ ୮ର ଦୀପକ କୁମାର ଅଗ୍ରୱାଲା ମଞ୍ଚବନ୍ଧା ଗଣେଶ ମନ୍ଦିରରୁ ରୁପା ଅଳଙ୍କାର ଚୋରି ହୋଇଥିବାର ବାରିପଦା ସଦର ଥାନାରେ ଅଭିଯୋଗ ହୋଇଥିଲା। ଏବାବଦରେ ବାରିପଦା ସଦର ଥାନା ପୋଲିସ ତଦନ୍ତ କରୁଥିବା ବେଳେ ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହେବା ସହିତ ଚୋରି ଜିନିଷ ଏବଂ ୩ଟି ବାଇକ୍, ୫ଟି ମୋବାଇଲ ଫୋନ ଏବଂ ନଗଦ ୨୦ ହଜାର ଟଙ୍କା ମଧ୍ୟ ଜବଦ କରାଯାଇଥିବାର ଜଣାଯାଇଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏହିଭଳି ଚୋରି ମାମଲା ମଧ୍ୟ ରହିଛି ବୋଲି ବୁଧବାର ବାରିପଦା ସଦର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ, ଡିଏସ୍‌ପି ମମତା ସାହୁ, ବାରିପଦା ସଦର ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ସୂଚନା ପ୍ରଦାନ କରିଛନ୍ତି।

# ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ଓଡ଼ିଶା ଡାକ ପରିମଣ୍ଡଳ ଦ୍ୱାରା ଏକ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ

**ଭୁବନେଶ୍ୱର, ପିଆଇବି**

"ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ" ଉପଲକ୍ଷେ ଓଡ଼ିଶା ଡାକ ପରିମଣ୍ଡଳ ଦ୍ୱାରା ମଙ୍ଗଳବାର ଏକ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ ହୋଇଛି। ଏହି ଉନ୍ମୋଚନ ସମାରୋହ ବରିଷ୍ଠ ଡାକ ଅଧିକାରୀ/କର୍ମଚାରୀ, ବିଶିଷ୍ଟ ଡାକ ଟିକେଟ ସଂଗ୍ରହକାରୀ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ପିଆରସି ହଲ୍, ସିପିଏମଜି କାର୍ଯ୍ୟାଳୟ, ଓଡ଼ିଶା ପରିମଣ୍ଡଳରେ ଆୟୋଜିତ ହୋଇଥିଲା। ଏହି ସ୍ୱତନ୍ତ୍ର ଲଫାପାଟିକୁ ଓଡ଼ିଶା ପରିମଣ୍ଡଳର ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ ଉନ୍ମୋଚନ କରିଥିଲେ ଏବଂ ସେ ତାଙ୍କ ଭାଷଣରେ ବାଘ ସଂରକ୍ଷଣର ଗୁରୁତ୍ୱ ଏବଂ ଏହାକୁ କିପରି ସଂରକ୍ଷଣ କରିବେ ତାହା ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଅମିତ କୁମାର ଝା , ଡାକ ସେବା ନିର୍ଦ୍ଦେଶକ (ମୁଖ୍ୟାଳୟ), ସିପିଏମଜି କାର୍ଯ୍ୟାଳୟ ଏବଂ ତାରିଣୀ ଚରଣ ପାଢୀ, ଭୁବନେଶ୍ୱର ଡିଭିଜନର ଏସଏସପିଓ ମଧ୍ୟ ଉପସ୍ଥିତ ଥିଲେ। ମଧୁସ୍ମିତା ପାଢୀ, ଡାକ ସହାୟକ ନିର୍ଦ୍ଦେଶକ (ଫିଲାଟେଲି) ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ୱତନ୍ତ୍ର ଲଫାପା ଭୁବନେଶ୍ୱର, କଟକ ଏବଂ ସମ୍ବଲପୁରର ଫିଲାଟେଲିକ୍ ବ୍ୟୁରୋରେ ପ୍ରତି ଲଫାପା ପିଛା ୨୫ ଟଙ୍କା ମୂଲ୍ୟରେ ଡାକ ଟିକଟ ସଂଗ୍ରହକାରୀ ତଥା ଜଣ ସାଧାରଣଙ୍କ କ୍ରୟ ନିମନ୍ତେ ଉପଲବ୍ଧ ହେବ।




# ମାଇଲେଜ ଭତ୍ତା କଟିବା ନେଇ କେନ୍ଦୁଝରଗଡ଼ ରେଳକର୍ମଚାରୀଙ୍କ ଅସନ୍ତୋଷ

**କେନ୍ଦୁଝର, ନ୍ୟୁଜ୍**

ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧାରୋଡ଼ ମଣ୍ଡଳର କେନ୍ଦୁଝର ଗଡ଼ରେ କାର୍ଯ୍ୟରତ ରେଳ ଚାଳକ, ସହଚାଳକ ସମେତ ଟ୍ରେନ ପରିଚାଳକମାନଙ୍କ ପୂର୍ବରୁ କେନ୍ଦୁଝର-ଜଖପୁରା ଓ ଜଖପୁରା- କେନ୍ଦୁଝର ରେଳ ପରିଚାଳନା ନିମନ୍ତେ ମିଳୁଥିବା ମାଇଲେଜ ଭତାକୁ ଚଳିତ ମାସ ୧୭ ତାରିଖରୁ ୧୮୨ କିଲୋମିଟର ପରିବର୍ତ୍ତେ ୧୨୫ କିଲୋମିଟରର ଭତ୍ତା ପ୍ରଦାନ କରାଯାଉଛି। ଯାହା ଫଳରେ କେନ୍ଦୁଝରଗଡ଼ ଓ ଜଖପୁରାରେ କାର୍ଯ୍ୟରତ ରେଳଚାଳକ, ସହଚାଳକ ଓ ଟ୍ରେନ ପରିଚାଳକମାନେ ଘୋର ଆର୍ଥିକ କ୍ଷତି ସହିବା ସହିତ ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଛନ୍ତି। ସମସ୍ୟାର ସମାଧାନ ନିମନ୍ତେ ପୂର୍ବରୁ ରେଳକର୍ମଚାରୀ ଓ ବିଭିନ୍ନ ଟ୍ରେଡ଼ ୟୁନିୟନ ତରଫରୁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ସିନିୟର ଡିଇଇପିଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। ପୂର୍ବରୁ ମିଳୁଥିବା ୧୮୨ କିଲୋମିଟର ଭତ୍ତାକୁ ପୁନର୍ବାର ପ୍ରଦାନ ନିମନ୍ତେ ଅନୁଷ୍ଠିତ ହୋଇଥିବା ସଭାରେ ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନର ସାଧାରଣ ସମ୍ପାଦକ ପି.କେ. ପାଟଶାଣୀ ଯୋଗ ଦେଇ କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବି କିପରି ମିଳିପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମାଇଲେଜ୍ ଭତ୍ତାକୁ ୧୨୫ କିଲୋମିଟର ପରିବର୍ତ୍ତେ ୧୮୨ କିଲୋମିଟର ପ୍ରଦାନ କରିବା ଓ ଅନ ଡ୍ୟୁଟି ପୂର୍ବରୁ ୧୫ମିନିଟ ପରିବର୍ତ୍ତେ ଆଗଭଳି ୩୦ ମିନିଟ ସମୟ ପ୍ରଦାନ ନିମନ୍ତେ ଆଗାମୀ ୩୦ ତାରିଖ ବୁଧବାର ଦିନ ସମସ୍ତ ରେଳ ଚାଳକ, ସହଚାଳକ ଓ ଟିଏମଆରମାନେ ସାମୁହିକ ଛୁଟିରେ ଯିବା ସହିତ ଦଶ ଘଟିକାରୁ କର୍ମୀଦଳ ନିୟନ୍ତ୍ରକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ଶ୍ରମିକ ୟୁନିୟନର ପୂର୍ଣ୍ଣ ସମର୍ଥନରେ ଖୋର୍ଦ୍ଧା ରେଳ ମଣ୍ଡଳର ସିନିୟର ଡ଼ିଇଇପିଙ୍କ ସମେତ ସିନିୟର ଡିପିଓ, ଆରପିଏଫ କେନ୍ଦୁଝରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ରେଳବାଇରେ କାର୍ଯ୍ୟରତ ଅନ୍ୟ ବିଭାଗର କର୍ମଚାରୀମାନେ ମଧ୍ୟ ନିଜ ନିଜ ସମସ୍ୟା ବିଷୟରେ ପୂର୍ବତଟ ରେଳପଥର ସାଧାରଣ ସମ୍ପାଦକଙ୍କୁ ଅବଗତ କରାଇଥିବା ବେଳେ ସମସ୍ତ ସମସ୍ୟାର ନ୍ୟାୟପୂର୍ଣ୍ଣ ସମାଧାନ କରାଯିବ ବୋଲି ଶ୍ରୀ ପାଟଶାଣୀ କହିଥିଲେ।

"e" Tender Notice
PANCHAYAT SAMITI, BALIANTA
E-mail- ori-balianta@nic.in
No- 2696 Date: 28.07.2025
i-248
DETAIL TENDER CALL NOTICE NO. 02/PSB/2025-26
1. Number of Civil works : 07 (Seven)
2. Estimated Cost : Rs 1167306/- to 2213248/-
3. Period of completion : 03(Three) to 04(Four) Calender Months
4. Availability of Tender online for biding : 31.07.2025 at 11.00 AM to 16.08.2025 up to 5.00 P.M.
5. Last Date /Time of seeking Tender Clarification : 16.08.2025 up to 5.00 P.M.
6. Date & time of opening of Tender : 18.08.2025 at 11.00 A.M.
7. Further the details can be seen from the web site (http://www.tenderodisha.gov.in)
OIPR-19265/11/0007/2526 Sd/- Block Development Officer, Balianta

OFFICE OF THE
SUPERINTENDING ENGINEER ELECTRICAL CIRCLE (R&B)
NIRMAN SOUDHA BHUBANESWAR
B-343
E-mail seec.bbsr2010 @ gmail.com
Bid Identification No.S.E.E.C (R&B) 10/2025-26
No. 2786 / Date 24.07.2025 /
The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.04.08.2025 at 05.00 P.M. to dt. 18.08.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 19.08.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
Sd/- Superintending Engineer
OIPR-34006/11/0043/2526 Electrical Circle (R&B) Odisha, BBSR

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPARA
INVITATION FOR BIDS
eenv_kpd@yahoo.com
O-481
'E' PROCUREMENT NOTICE NO.RWD / KPD- 02 / 2025-26 DT.22.07.2025
1. Name of work : Road work in the District of Kendrapara for the year 2025-26.
2. Total No of work : 01 Numbers of Road work
3. Estimated Cost : Rs.65.53 lac approximately
4. Period of Completion : As Specified in the Annexure
5. Class of contractors : As Specified in the Annexure
6. Cost of tender paper : Cost offender paper is to be remitted ONLINE for Rs.10000.00 per set.
6. Detail projects : As per Annexure attached
Further details can be seen form the Govt, website www.tendersorissa.gov.in
Other details as follows :-

| Procurement Officer | Place of Opening | Availability of tender on line for bidding | | Last date and time of seeking tender clarification | Date and time of opening of tender | |
|---|---|---|---|---|---|---|
| | | From | To. | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 29.07.2025 At-5.00 P.M | 12.08.2025 Up to 5.00 P.M | Up to 5.00 P.M on 11.08.2025 | 13.08.2025 at 11.00 A.M | The date will be intimated to the technically qualified bidders later on. |

Sd/- Suraj Biswal
Superintending Engineer
OIPR-25064/11/0019/2526 Rural Works Division, Bhawanipatna

## ଝାଡ଼ଖଣ୍ଡରୁ ଭୁବନେଶ୍ୱର ମଣିପାଲ ହସ୍ପିଟାଲକୁ ଆସିଥିବା ୩ ଭଉଣୀଙ୍କ ଆଶ୍ଚର୍ଯ୍ୟଜନକ କାହାଣୀ

# ଆଦୌ ଋତୁସ୍ରାବ ହୋଇନଥିବା ମହିଳା କରିଛନ୍ତି ଗର୍ଭଧାରଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚିକିତ୍ସା ବିଜ୍ଞାନରେ ବିରଳ ଘଟଣା। ଖଣ୍ଡଗିରି ସ୍ଥିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ଘଟିଛି ଏହି ଘଟଣା। ଝାଡ଼ଖଣ୍ଡରୁ ଆସିଥିବା ୩ ଜଣ ଭଉଣୀଙ୍କର ସଠିକ୍ ଚିକିତ୍ସା ଫଳରେ ଦୀର୍ଘ ୩୫ ବର୍ଷ ପରେ ପ୍ରଥମ ଥର ପାଇଁ ହୋଇଛି ଋତୁସ୍ରାବ। ଋତୁସ୍ରାବ ହେବା ପ୍ରତେକ୍ୟ ମହିଳାଙ୍କ ଜୀବନରେ ଏକ ସାଧାରଣ ଘଟଣା। କିନ୍ତୁ କେତକ ମହିଳାଙ୍କ ଠାରେ ଏହା ବିଳମ୍ବରେ କିମ୍ବା ଆଦୌ ଆରମ୍ଭ ହୋଇନଥାଏ। ଯେତେବେଳେ ମାସିକ ଋତୁସ୍ରାବ ଜଣେ ମହିଳାଙ୍କର ୧୫ ବର୍ଷ ପରେ ମଧ୍ୟ ହୁଏ ନାହିଁ ତାହାକୁ ଡାକ୍ତରୀ ଭାଷାରେ କୁହାଯାଏ 'ପ୍ରାଇମେରୀ ଅମେନୋରିଆ'। ଏହା ଏକ ହରମୋନ୍ ଜନିତ ସମସ୍ୟା। ହେଲେ ଅଧିକାଂଶ ମହିଳା ସଚେତନତା ଅଭାବରୁ ଏହାର ଚିକିତ୍ସା ନକରି ମାନସିକ ଚାପରେ ରହିଥାନ୍ତି। ଏହି ମହିଳାମାନେ ବିବାହ କରିଥିଲେ ମଧ୍ୟ ଗର୍ଭଧାରଣ ଓ ସନ୍ତାନ ସୁଖ ଠାରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି।

ମଣିପାଲ ହସ୍ପିଟାଲରେ ଘଟିଛି ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା। ଝାଡ଼ଖଣ୍ଡରୁ ୩୩ରୁ ୩୫ ବର୍ଷ ବୟସର ୩ ଜଣୀ ଭଉଣୀ, ଯେଉଁମାନଙ୍କର କେବେବି ଋତୁସ୍ରାବ ହୋଇନଥିଲା। ତଥାପି ସେମାନେ ବିବାହିତ ଥିଲେ ଓ ସ୍ୱାମୀଙ୍କ ସହ ସମ୍ପର୍କରେ ମଧ୍ୟ କୌଣସି ସମସ୍ୟା ନଥିଲା। କିନ୍ତୁ ସେମାନେ ଗର୍ଭଧାରଣ କରିବା ଓ ସନ୍ତାନ ସୁଖରୁ ବଞ୍ଚିତ ଥିଲେ। ସେମାନେ ଛୋଟ ବେଳେ ଝାଡ଼ଖଣ୍ଡର ସ୍ଥାନୀୟ ଡାକ୍ତରଙ୍କ ପରାମର୍ଶ ନେଇଥିଲେ, କିନ୍ତୁ ଡାକ୍ତର କହିଥିଲେ ଏହାର କୌଣସି ଚିକିତ୍ସା ନାହିଁ। ସେଥିପାଇଁ ଏହାକୁ ସେମାନେ ତାଙ୍କର ଭାଗ୍ୟର ଫଳ ଭାବି ଗ୍ରହଣ କରିନେଇଥିଲେ। ହେଲେ କିଛି ଦିନ ତଳେ ଝାଡ଼ଖଣ୍ଡର ଜଣେ ମହିଳାଙ୍କ ଠାରୁ ସେମାନେ ଶୁଣିଥିଲେ ଯେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ପ୍ରସୂତୀ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ମୋନିକା ଗୁପ୍ତାଙ୍କ ନିକଟରେ ଚିକିତ୍ସା ପରେ ସେ ଗର୍ଭଧାରଣା କରିଥିଲେ। ଏହା ଜାଣିବା ପରେ ୩ ଜଣ ଭଉଣୀଙ୍କ ମନରେ ଆଶା ମାଆ ହେବାର ସ୍ୱପ୍ନ ଆସିଥିଲା।



ଏହାପରେ ସେମାନେ ଡାକ୍ତର ମୋନିକା ଗୁପ୍ତାଙ୍କ ସହ ପରାମର୍ଶ କରିଥିଲେ। ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ପରେ ଜଣାପଡ଼ିଥିଲା ଯେ, ତାଙ୍କର ଓଭାରୀ ତନ୍ତୁ ଠିକ୍ ଭାବରେ କାମ କରୁନଥିବାରୁ ହରମୋନ୍ ତିଆରି ହୋଇପାରୁନାହିଁ। ଯାହା ଫଳରେ ଡିମ୍ବାଣୁ ବିକାଶରେ ବାଧା ସୃଷ୍ଟି କରୁଛି। ଡାକ୍ତର ମୋନିକା ଗୁପ୍ତାଙ୍କ କଥାରେ ଭରସା କରି ପ୍ରଥମେ ବଡ଼ଭଉଣୀ ଡାକ୍ତର ମୋନିକଙ୍କ ପାଖରେ ହରମୋନ୍ ଚିକିତ୍ସା ଆରମ୍ଭ କରିଥିଲେ। ଚିକିତ୍ସାର କିଛିଦିନ ମଧ୍ୟରେ ତାଙ୍କର ନିୟମିତ ଭାବେ ଋତୁସ୍ରାବ ହେବା ଆରମ୍ଭ କଲେ। ଏଥିରେ ଅନ୍ୟ ଦୁଇ ଭଉଣୀଙ୍କ ମନରେ ମଧ୍ୟ ଆଶା ବଢ଼ିଥିଲା ଏବଂ ସେମାନେ ମଧ୍ୟ ଡାକ୍ତର ମୋନିକାଙ୍କ ପାଖରେ ଚିକିତ୍ସା ଆରମ୍ଭ କଲେ ଓ ସେମାନେ ମଧ୍ୟ ସାଧାରଣ ଋତୁସ୍ରାବ ହେବା ଆରମ୍ଭ କଲେ। ହରମୋନ ଚିକିତ୍ସା ଚାଲିଥିବା ସମୟରେ ସେମାନଙ୍କ ଅପୂର୍ଣ୍ଣ ଗଠିତ ଗର୍ଭାଶୟ ଧୀରେ ଧୀରେ ସାଧାରଣ ଆକାରକୁ ବିକାଶ ପାଇଲା। ଏବେ ତାଙ୍କ ଶରୀର ଚିକିତ୍ସାରେ ସକ୍ରିୟ ଭାବରେ ପ୍ରତିକ୍ରିୟା ଦେଉଥିବାରୁ, ସେମାନଙ୍କୁ ଆଇଭିଏଫ ସହିତ ଅସିଷ୍ଟେଡ୍ ରିପ୍ରୋଡକ୍ଟିଭ୍ ଟେକ୍ନିକ୍ସ ବିଷୟରେ ଅବଗତ କରାଯାଇଥିଲା। ଯେଉଁମାନଙ୍କ ପାଖରେ ପ୍ରାଇମେରୀ ଅମେନୋରିଆ ଥାଏ, ସେମାନେ ଆଇଭିଏଫ ମାଧ୍ୟମରେ ଗର୍ଭବତୀ ହୋଇପାରନ୍ତି। ହରମୋନ ଚିକିତ୍ସା ଗର୍ଭାଶୟକୁ ଗର୍ଭଧାରଣ ପାଇଁ ପ୍ରସ୍ତୁତ କରେ ଏବଂ ଆଇଭିଏଫରେ ଡିମ୍ବାଣୁ ଓ ଶୁକ୍ରାଣୁ ମିଶାଇ ଏମ୍ବ୍ରିଓ ପ୍ରସ୍ତୁତ କରାଯାଏ। ୩ ଭଉଣୀ ମଧ୍ୟରୁ ଦୁଇ ଜଣ ଆଇଭିଏଫ ଚିକିତ୍ସା ନେଇଥିଲେ ଓ ବର୍ତ୍ତମାନ ସେମାନେ ଗର୍ଭବତୀ ଅଛନ୍ତି। ଜନ୍ମରୁ ଆଦୌ ଋତୁସ୍ରାବ ହୋଇନଥିଲେ ମଧ୍ୟ ଗର୍ଭଧାରଣ କରିବା ତାଙ୍କ ପାଇଁ ସ୍ୱପ୍ନ ହୋଇଥିଲା, ଯାହା ସେମାନେ ୩୦ ବର୍ଷ ଧରି କେବେ କଳ୍ପନା କରିନଥିଲେ।

# ଦିଗପହଣ୍ଡିର ବିଦ୍ୟୁତ ଭିତ୍ତିଭୂମିକୁ ଉନ୍ନତ କରିଛି ଟିପିଏସ୍‌ଓଡିଏଲ୍

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

- ଦିଗପହଣ୍ଡି ସହରକୁ ନୂତନ ବ୍ୟାକ୍ ଫିଡିଂ ବିଦ୍ୟୁତ ଲାଇନ୍
- ଭରସାଯୋଗ୍ୟ ବିଜୁଳି ସେବା ପାଇଁ ରିଙ୍ଗ ମେନ୍ ୟୁନିଟ ସ୍ଥାପନ
- ପ୍ରକଳ୍ପ ଦ୍ୱାରା ପ୍ରାୟ ୧୨୦୦୦ ଉପଭୋକ୍ତା ଉପକୃତ ହେବେ

ଗଞ୍ଜାମ ଜିଲ୍ଲାରେ ଭରସାଯୋଗ୍ୟ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଚିକିଟି ୩୩ କେଭି ଫିଡର ସହ ଦିଗପହଣ୍ଡି ପ୍ରାଇମେରୀ ସବ୍‌ଷ୍ଟେସନ (ପିଏସଏସ୍)କୁ ସଂଯୋଗ କରାଯାଇଛି। ଆର୍ଥିକ ବର୍ଷ ୨୦୨୪–୨୫ର କ୍ୟାପେକ୍ସ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ ଭିତ୍ତିଭୂମି ଉନ୍ନତ ହେବା ସହ ଉପଭୋକ୍ତାଙ୍କୁ ଭରସା ଯୋଗ୍ୟ ବିଜୁଳି ଯୋଗାଣ ହୋଇପାରିବ।

ଏହି ପ୍ରକଳ୍ପରେ ଚିକିଟି ଗ୍ରୀଡ୍‌ଠାରୁ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)କୁ ଅତିରିକ୍ତ ବ୍ୟାକ ଫିଡ଼ିଂ ସପ୍ଲାଏ ଭାବେ ୧.୬ ସର୍କିଟ କିମି ଦୀର୍ଘ ୩୩ କେଭି ଲାଇନ୍ ସଂଯୋଗ କରାଯାଇଛି। ବିଦ୍ୟୁତ ବିଚ୍ଛିନ୍ନ ହେବା ସମୟରେ କିମ୍ବା ରକ୍ଷଣାବେକ୍ଷଣ କାମ ବେଳେ ଏହି ନୂତନ ଫିଡର ଲାଇନ୍ ଏକ ଭରସାଯୋଗ୍ୟ ବିକଳ୍ପ ଶକ୍ତି ଉତ୍ସ ଭାବେ କାମ କରିବ। ଏହାସହ ଏହି ପଦକ୍ଷେପରେ ତ୍ୱରିତ ତ୍ରୁଟି ଚିହ୍ନଟ ଏବଂ ଲୋଡ୍ ପରିଚାଳନା ପାଇଁ ଏକ ରିଙ୍ଗ ମେନ୍ ୟୁନିଟ୍ (ଆରଏମୟୁ) ସ୍ଥାପନ କରାଯାଇଛି। ଏହି ଆରଏମୟୁ ସହ ଗୋଟିଏ ଇନକମିଂ ଏବଂ ଦୁଇଟି ଆଉଟଗୋଇଂ ବିଜୁଳି ଯୋଗାଣ ସଂଯୋଗ ହୋଇଛି। ଯାହା ଫଳରେ ଯଦି ଗୋଟିଏ ଲାଇନରେ ବିଦ୍ୟୁତ ସରବରାହ ବ୍ୟାଘାତ ହୁଏ, ତେବେ ଆରଏମୟୁ ସାହାଯ୍ୟରେ ବ୍ୟାକଅପ୍ ଲାଇନ ଦ୍ୱାରା ବିଦ୍ୟୁତ ଯୋଗାଣ ହୋଇ ପାରିବ ଏବଂ ବିଦ୍ୟୁତ ବିଚ୍ଛିନ୍ନ ସମୟ ମଧ୍ୟ ହ୍ରାସ ପାଇବ। ଏହି ପଦକ୍ଷେପ ଯୋଗୁଁ ପ୍ରାୟ ୧୨,୦୦୦ ଉପଭୋକ୍ତା ଉପକୃତ ହେବେ ଏବଂ ଦିଗପହଣ୍ଡି ସହର ବାସିନ୍ଦା ଓ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ସ୍ଥାୟୀ ବିଜୁଳି ସେବା ପାଇବେ। ଏହି ଭିତ୍ତିଭୂମି ବିକାଶ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ବିଦ୍ୟୁତ ଭିତ୍ତିଭୂମିକୁ ଉନ୍ନତ କରିବା ଦିଗରେ ଟିପିଏସ୍‌ଓ-ଡିଏଲ୍ ପ୍ରତିବଦ୍ଧ ରହିଆସିଛି। ଆମ ଉପଭୋକ୍ତାଙ୍କୁ ଉତ୍ତମ ମାନର ବିଜୁଳି ସେବା ଯୋଗାଇବା ଦିଗରେ ଏହି ପ୍ରକଳ୍ପ ସହାୟକ ହେବ। ନୂତନ ଫିଡର ଲିଙ୍କ ନେଟୱର୍କକୁ ସୁଦୃଢ଼ କରିବା ସହ ବିଦ୍ୟୁତ ଯୋଗାଣରେ ପ୍ରତିବନ୍ଧକକୁ ଯଥେଷ୍ଟ ହ୍ରାସ କରୁଛି।' ସମଗ୍ର ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼, ଭରସାଯୋଗ୍ୟ ଏବଂ ଗ୍ରାହକ କୈନ୍ଦ୍ରିକ ବିଦ୍ୟୁତ ବିତରଣ ବ୍ୟବସ୍ଥା ନିର୍ମାଣ କରିବା ପାଇଁ ଟିପିଏସ୍‌ଓଡିଏଲ୍ ଭିତ୍ତିଭୂମି ବିକାଶ ଏବଂ ସ୍ମାର୍ଟ ଟେକ୍ନୋଲଜିରେ ନିବେଶ କରୁଛି।







# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଶ୍ୱର କୌଣସି ...

ନେତା ସାଂସଦ ରାହୁଲ ଗାନ୍ଧୀ 'ଅପରେସନ୍ ସିନ୍ଦୂର' ବକ୍ତବ୍ୟରେ ଭାଗ ନେଇ ସରକାରଙ୍କୁ ଘେରିଥିଲେ । ମଙ୍ଗଳବାର ପ୍ରଧାନମନ୍ତ୍ରୀ ଏହି ଆଲୋଚନାରେ ଭାଗ ନେଇ କହିଥିଲେ 'ମୁଁ ଆଜି ଭାରତର ପକ୍ଷ ରକ୍ଷା କରିବା ପାଇଁ ଛିଡ଼ା ହୋଇଛି । ୧୪୦ କୋଟି ଦେଶବାସୀଙ୍କ ଭାବନା ସହ ସ୍ୱର ମିଳାଇବାକୁ ଛିଡ଼ା ହୋଇଛି । ଏପ୍ରିଲ ୨୨ରେ ପହେଲଗାମରେ ଆତଙ୍କବାଦୀ ଧର୍ମ ପଚାରି ପର୍ଯ୍ୟଟକଙ୍କୁ ମାରିଥିଲେ । ଏହା ନିଷ୍ଠୁରତାର ଚରମ କାର୍ଯ୍ୟ ଥିଲା । ଆମର ସଂକଳ୍ପ ଥିଲା ଆତଙ୍କବାଦୀଙ୍କୁ ମାଟିରେ ମିଶାଇବୁ । କଳ୍ପନା ଠାରୁ ଅଧିକା ସଜା ଦେବୁ, ତାହା କରି ଦେଖାଇଲୁ । ୬ ମେ' ରାତିରେ ୨୨ ମିନିଟ୍‌ରେ ୨୨ ଏପ୍ରିଲର ଜବାବ ଦେଲୁ । ଅପରେସନ୍ ସିନ୍ଦୂରରେ ପାକିସ୍ତାନର ନ୍ୟୁକ୍ଲିୟର ଧମକକୁ ମିଛ ସାବ୍ୟସ୍ତ କରି ଦିଆଗଲା, ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ବୈଦେଶିକ ନୀତି ଉପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏଠାରେ ବୈଦେଶିକ ନୀତି ବିଷୟରେ ବହୁତ କିଛି କୁହାଯାଇଥିଲା । ବିଶ୍ୱର ସମର୍ଥନ ବିଷୟରେ ମଧ୍ୟ ବହୁତ କିଛି କୁହାଯାଇଥିଲା । ବିଶ୍ୱର କୌଣସି ଦେଶ ଭାରତକୁ ଏହାର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ଅଟକାଇ ନାହାଁନ୍ତି । ୧୯୩ ଦେଶ ମଧ୍ୟରୁ କେବଳ ତିନୋଟି ଦେଶ ପାକିସ୍ତାନକୁ ସମର୍ଥନ କରି ବିବୃତ୍ତି ଦେଇଥିଲେ । କ୍ୱାଡ ହେଉ କିମ୍ବା ବିକ୍ସଭାରତକୁ ସାରା ବିଶ୍ୱରୁ ସମର୍ଥନ ମିଳିଛି । ପାକିସ୍ତାନର ଡିଜିଏମ୍‌ଓରୁ ଆସିଥିଲା ଫୋନ୍ କଲ୍। ଡିଜିଏମ୍‌ଓ କଲ୍ ଥିଲା- ଆଉ ସହି ପାରିବୁ ନାହିଁ, ପ୍ରହାର କରନି । ଆମର ଲକ୍ଷ୍ୟ ସ୍ପଷ୍ଟ ଥିଲା- କେବଳ ଆତଙ୍କବାଦୀ ଓ ତାଙ୍କ ଠିକଣା । ଦୁନିଆର କୌଣସି ସେନା ଆମର ଅପରେସନ ରୋକିବାକୁ ପ୍ରୟାସ କରି ନାହାନ୍ତି ।ଅପରେସନ୍ ମଝିରେ ଆମେରିକାର ଉପରାଷ୍ଟ୍ରପତିଙ୍କ ଫୋନ୍ କଲ୍ ଆସିଥିଲା । ଉପରାଷ୍ଟ୍ରପତିଙ୍କ ସୂଚନା ଥିଲା ପାକ୍ ବଡ଼ ଆକ୍ରମଣ ପାଇଁ ଯୋଜନା କରୁଛି । ଏହାର ଉତ୍ତରରେ କହିଥିଲି ପାକ୍ ଆକ୍ରମଣର ଦୃଢ଼ ଜବାବ ଦିଆଯିବ । କଂଗ୍ରେସକୁ କଟାକ୍ଷ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ଦୁର୍ଭାଗ୍ୟଜନକ ଯେ କଂଗ୍ରେସ ବୀରମାନଙ୍କ ବୀରତ୍ୱକୁ ସମର୍ଥନ କରିନାହିଁ। ଭାରତକୁ କଂଗ୍ରେସର ସମର୍ଥନ ମିଳିଲା ନାହିଁ। କଂଗ୍ରେସ ଭାରତର ଶକ୍ତି ଉପରେ ବିଶ୍ୱାସ କରେ ନାହିଁ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ କଂଗ୍ରେସ ଦେଶର ସେନା ଉପରେ ବିଶ୍ୱାସ କରେ ନାହିଁ। କଂଗ୍ରେସ ସେନାର ମନୋବଳକୁ ହ୍ରାସ କରୁଥିଲା । କଂଗ୍ରେସ ସେନା ଦ୍ୱାରା ଦିଆଯାଇଥିବା ତଥ୍ୟ ଉପରେ ବିଶ୍ୱାସ କରେ ନାହିଁ। ସେ କହିଛନ୍ତି ଯେ କିଛି ଲୋକ ପାକିସ୍ତାନର ମିଥ୍ୟା ପ୍ରଚାରକୁ ଆଗକୁ ବଢାଇଛନ୍ତି । ବିଶ୍ୱର ଦେଶମାନେ ଆମକୁ ସମର୍ଥନ କରିଥିଲେ, କିନ୍ତୁ ଦୁର୍ଭାଗ୍ୟଜନକ ଯେ ମୋ ଦେଶର ବୀରମାନଙ୍କ ବୀରତ୍ୱକୁ କଂଗ୍ରେସ ସମର୍ଥନ ପାଇଲା ନାହିଁ । ୨୨ ଏପ୍ରିଲରେ ଆତଙ୍କବାଦୀ ଆକ୍ରମଣ ପରେ ୩-୪ ଦିନ ମଧ୍ୟରେ ସେମାନେ ଡେଇଁ ଡେଇଁ କହିବା ଆରମ୍ଭ କଲେ ଯେ ୫୬ ଇଞ୍ଚ ଛାତି କୁଆଡ଼େ ଗଲା, ମୋଦୀ ହଜିଗଲେ... ସେମାନେ ଉପଭୋଗ କରୁଥିଲେ। ସେମାନେ ପହଲଗାମର ନିର୍ଦ୍ଦୋଷ ଲୋକଙ୍କ ହତ୍ୟାରେ ରାଜନୈତିକ ଲାଭ ଖୋଜିବାକୁ ମଧ୍ୟ ଚେଷ୍ଟା କରୁଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆତଙ୍କର ମାଲିକମାନେ ଭାରତୀୟ ସେନା ଦ୍ୱାରା କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇଥିଲେ। ସେ କହିଛନ୍ତି ଯେ ଆମ ସେନା ୨୨ ଏପ୍ରିଲର ପ୍ରତିଶୋଧ ୨୨ ମିନିଟ୍ ମଧ୍ୟରେ ନେଇଛି । ସେନା ପାକିସ୍ତାନରେ ପ୍ରବେଶ କରି ଅନେକ ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଦେଇଛି। ପାକିସ୍ତାନ ଏହି କାର୍ଯ୍ୟାନୁଷ୍ଠାନ ଅନୁମାନ କରିସାରିଛି। ପାକିସ୍ତାନର ପରମାଣୁ ଧମକ ମିଥ୍ୟା ପ୍ରମାଣିତ ହୋଇଛି। ଆମେ ସେହି ସ୍ଥାନରେ ପହଞ୍ଚିଛୁ ଯେଉଁଠାରେ ଆମେ ପୂର୍ବରୁ ଯାଇ ନଥିଲୁ। ନୌସେନା, ସେନା ଏବଂ ବାୟୁସେନାର ମିଳିତ କାର୍ଯ୍ୟାନୁଷ୍ଠାନ ଆଶ୍ଚର୍ଯ୍ୟଜନକ ଥିଲା । ଆମର ତିନୋଟି ସେନା ପାକିସ୍ତାନକୁ କଷ୍ଟ ଦେଇଥିଲା । ପାକିସ୍ତାନର ଅନେକ ଏୟାରବେସ୍ ନଷ୍ଟ ହୋଇଯାଇଥିଲା, କିଛି ଆଜି ମଧ୍ୟ ଆଇସିୟୁରେ ଅଛନ୍ତି । ଲୋକସଭାରେ 'ଅପରେସନ୍ ସିନ୍ଦୂର' ଉପରେ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପକ୍ଷ ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି ଯେ ଏହା ଭାରତର ବିଜୟୋତ୍ସବର ଏକ ଅଧିବେଶନ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏହା ଆତଙ୍କବାଦୀଙ୍କୁ କବର ଦେବା ପାଇଁ ଏକ ଅଧିବେଶନ। ଏହା ୧୪୦ କୋଟି ଭାରତୀୟଙ୍କ ଇଚ୍ଛାଶକ୍ତିର ବିଜୟ । ଏହା ଭାରତୀୟ ସେନାର ବୀରତ୍ୱର କାହାଣୀର ଏକ ଅଧିବେଶନ । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଦିନ କହିଛନ୍ତି ଯେ ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖରେ ଇନ୍ଦିରା ଗାନ୍ଧୀଙ୍କ ସାହସର ୫୦ ପ୍ରତିଶତ ମଧ୍ୟ ଅଛି, ତେବେ ସେ ଗୃହରେ କହିବା ଉଚିତ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରୁଥିବା ଦାବି କରୁଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମିଛ କହିଛନ୍ତି। 'ଅପରେସନ ସିନ୍ଦୂର' ଉପରେ ଆଲୋଚନାରେ ଅଂଶଗ୍ରହଣ କରି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ମଧ୍ୟ ଅଭିଯୋଗ କରିଛନ୍ତି ଯେ ଯୁଦ୍ଧବିମାନ ହରାଇବା ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ହୋଇଛି । ସେ କହିଛନ୍ତି, 'ଆମେରିକା ରାଷ୍ଟ୍ରପତି ୨୯ ଥର କହିଛନ୍ତି ଯେ ସେ ଯୁଦ୍ଧବିରତି ଆଣିଛନ୍ତି। ଯଦି ସେ ଭୁଲ, ତେବେ ପ୍ରଧାନମନ୍ତ୍ରୀ ଏଠାରେ ଗୃହରେ କହିବା ଉଚିତ ଯେ ଟ୍ରମ୍ପ ମିଛ କହୁଛନ୍ତି। ଯଦି ପ୍ରଧାନମନ୍ତ୍ରୀଙ୍କ ପାଖରେ ଇନ୍ଦିରା ଗାନ୍ଧୀଙ୍କ ଭଳି ସାହସ ଅଛି, ତେବେ ସେ ଏଠାରେ କହିବା ଉଚିତ ଯେ ଟ୍ରମ୍ପ ଜଣେ ମିଛୁଆ ।'କଂଗ୍ରେସ ନେତା କହିଛନ୍ତି, 'ଯଦି ପ୍ରଧାନମନ୍ତ୍ରୀଙ୍କ ପାଖରେ ଇନ୍ଦିରା ଗାନ୍ଧୀଙ୍କ ସାହସର ୫୦ ପ୍ରତିଶତ ମଧ୍ୟ ଅଛି, ତେବେ ସେ ଟ୍ରମ୍ପଙ୍କ ବୟାନକୁ ପ୍ରତ୍ୟାଖ୍ୟାନ କରିବା ଉଚିତ। ବିରୋଧୀ ଦଳ ନେତା କହିଛନ୍ତି ଯେ ପହଲଗାମରେ ଏକ ନିଷ୍ଠୁର ଏବଂ ବର୍ବର ଆକ୍ରମଣ କରାଯାଇଥିଲା, ଯାହା ପାକିସ୍ତାନ ଦ୍ୱାରା ଯୋଜନା କରାଯାଇଥିଲା। ସେ କହିଥିଲେ, 'ଏହି ଗୃହର ପ୍ରତ୍ୟେକ ବ୍ୟକ୍ତି ପାକିସ୍ତାନକୁ ନିନ୍ଦା କରିଥିଲେ। ଅପରେସନ ସିନ୍ଦୂର ଆରମ୍ଭ ହେବା ମାତ୍ରେ, ସମସ୍ତ ବିରୋଧୀ ଦଳ ନିଷ୍ପତ୍ତି ନେଇଥିଲେ ଯେ ଆମେ ଆମର ସଶସ୍ତ୍ର ବାହିନୀ ଏବଂ ଭାରତର ନିର୍ବାଚିତ ସରକାରଙ୍କ ସହିତ ପଥର ପରି ଠିଆ ହେବୁ । କଂଗ୍ରେସ ନେତା କହିଥିଲେ, 'ଆମେ ଗର୍ବିତ ଯେ ବିରୋଧୀ ଭାବରେ ଆମେ ଯେପରି ହେବା ଉଚିତ ସେହିପରି ଏକତାରେ ରହିଛୁ।' ସେ କହିଥିଲେ, 'ଯେତେବେଳେ ଆମେ ସଶସ୍ତ୍ର ବାହିନୀର ଲୋକଙ୍କ ସହିତ ହାତ ମିଳାଇଥାଉ, ଆମେ ଜାଣିପାରୁ ଯେ ସେ ହିନ୍ଦୁସ୍ତାନର ସେନାର ଜଣେ ବ୍ୟକ୍ତି। ଆମେ ଜାଣିପାରୁ ଯେ ସେ ଜଣେ ବାଘ।' ରାହୁଲ ଗାନ୍ଧୀ କହିଥିଲେ, 'ତୁମେ ବାଘକୁ ବାନ୍ଧି ପାରିବ ନାହିଁ... ଦୁଇଟି ଶବ୍ଦ ଅଛି, ଗୋଟିଏ ହେଉଛି ରାଜନୈତିକ ଇଚ୍ଛାଶକ୍ତି ଏବଂ ଅନ୍ୟଟି ହେଉଛି କାର୍ଯ୍ୟର ସମ୍ପୂର୍ଣ୍ଣ ସ୍ୱାଧୀନତା।' ପ୍ରତିରକ୍ଷା ମନ୍ତ୍ରୀଙ୍କ ଭାଷଣର ଏକ ଅଂଶ ଉଦ୍ଧୃତ କରି ରାହୁଲ ଗାନ୍ଧୀ ଦାବି କରିଛନ୍ତି ଯେ ଭାରତ ସରକାର ପାକିସ୍ତାନ ସରକାରଙ୍କୁ ଜଣାଇ ଦେଇଥିଲେ ଯେ 'ଆମର ରାଜନୈତିକ ଇଚ୍ଛାଶକ୍ତି ନାହିଁ, ଆମେ ଲଢ଼ିବୁ ନାହିଁ, ଅର୍ଥାତ୍ ୩୫ ମିନିଟ୍ ମଧ୍ୟରେ ଆତ୍ମସମର୍ପଣ ହୋଇଗଲା। ଜଣେ ଅଧିକାରୀଙ୍କ ବୟାନକୁ ଉଦ୍ଧୃତ କରି ସେ ଦାବି କରିଛନ୍ତି, 'ସରକାର ଆମ ପାଇଲଟଙ୍କୁ ପାକିସ୍ତାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଉପରେ ଆକ୍ରମଣ ନକରିବାକୁ କହିଥିଲେ। ଅର୍ଥାତ୍ ପାଇଲଟଙ୍କ ହାତ ବନ୍ଧା ହୋଇଥିଲା।' ରାହୁଲ ଗାନ୍ଧୀ କହିଛନ୍ତି, 'ଭାରତୀୟ ବାୟୁସେନା କୌଣସି ଭୁଲ କରିନାହିଁ, ଭୁଲ ରାଜନୈତିକ ନେତୃତ୍ୱ ଦ୍ୱାରା କରାଯାଇଥିଲା।' ସେ କହିଛନ୍ତି, 'ବାୟୁସେନାକୁ କୌଣସି ପ୍ରକାରେ ଦାୟୀ କରାଯାଇପାରିବ ନାହିଁ।' କଂଗ୍ରେସ ନେତା ଦାବି କରିଛନ୍ତି ଯେ ସରକାରୀ ସ୍ତରରେ ଏହି ଅଭ୍ୟାସର ଉଦ୍ଦେଶ୍ୟ ପ୍ରଧାନମନ୍ତ୍ରୀଙ୍କ ଭାବମୂର୍ତ୍ତି ରକ୍ଷା କରିବା।

## ଆକାଂକ୍ଷୀ ଜିଲ୍ଲାମାନଙ୍କର...

ହାଟ ଅଭିଯାନ ଦ୍ୱାରା ଆମ ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଗୁଡ଼ିକର ବଜାର ଉପଲବ୍ଧତା ବୃଦ୍ଧି ପାଇବ। ଏହା ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ଭାଇ ଓ ଭଉଣୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଏବଂ ସଠିକ ଦରରେ ମିଳି ପାରିବ। ଆକାଂକ୍ଷା ହାଟ ଅନ୍ତର୍ଗତ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ମାର୍କେଟିଂ ନିମନ୍ତେ ଡିଜିଟାଲ୍ ଇ-ମାର୍କେଟପ୍ଲେସ୍ ଗୁଡ଼ିକରେ ମଧ୍ୟ ଉପଲବ୍ଧ କରାଯିବ। ଏହା ଦ୍ୱାରା ଏହି ଉତ୍ପାଦ ଗୁଡ଼ିକର ବଜାର ସଂଯୋଗ ଏବଂ ଉପଭୋକ୍ତା ସଂଖ୍ୟା ଆହୁରି ବ୍ୟାପକ ହୋଇ ପାରିବ। ବଜାର ଚାହିଦା ଅନୁଯାୟୀ ଉତ୍ପାଦଗୁଡ଼ିକର ମାନକ, ମୂଲ୍ୟ ନିର୍ଦ୍ଧାରଣ ଏବଂ ଉପଲବ୍ଧତା ବୃଦ୍ଧି ନିମନ୍ତେ ଆକାଂକ୍ଷା ବ୍ରାଣ୍ଡର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରାଯିବ। ସେ ପୁଣି କହିଥିଲେ, ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ ୨୦୧୮ ଜାନୁୟାରୀ ମାସରେ ଶୁଭାରମ୍ଭ କରିଥିଲେ । ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ସଫଳତା ପରେ ୨୦୨୩ ଜାନୁୟାରୀରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ଓଡ଼ିଶାର ମଧ୍ୟ ୧୦ଟି ଜିଲ୍ଲାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ୧୬ଟି ଜିଲ୍ଲାର ୨୯ଟି ବ୍ଲକରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଅଛି । ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ, ସାରା ଭାରତବର୍ଷର ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକଗୁଡ଼ିକରେ ୨୦୨୪ ମସିହା ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ କାର୍ଯ୍ୟକାରୀ କରାଯାଇଛି। ଉତ୍କର୍ଷ ପ୍ରଦର୍ଶନ ପାଇଁ ପୁରସ୍କୃତ ଜିଲ୍ଲା ଏବଂ ବ୍ଲକର ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ରାଜ୍ୟ ନିମନ୍ତେ ଗୌରବର ବିଷୟ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ସମସ୍ତ ଆକାଂକ୍ଷୀ ଜିଲ୍ଲାଗୁଡ଼ିକ କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ରାଜ୍ୟର ଦଶଟି ଜିଲ୍ଲା ସାମୂହିକ ଭାବେ ୧୬୫ କୋଟି ଟଙ୍କା ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି । ଯେଉଁ ଜିଲ୍ଲାଗୁଡ଼ିକ ଆଶାନୁରୂପ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହାନ୍ତି, ସେମାନେ ନିରାଶ ନ ହୋଇ ଆହୁରି ଅଧିକ କଠିନ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ ମାନଙ୍କ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୁରସ୍କାର ମଙ୍ଗଳବାର ପ୍ରଦାନ କରିଛନ୍ତି । ଆକାଂକ୍ଷା ଜିଲ୍ଲାମାନଙ୍କ ମଧ୍ୟରୁ ମାଲକାନଗିରି ଓ ନବରଙ୍ଗପୁର ସ୍ୱର୍ଣ୍ଣ ପଦକ, କନ୍ଧମାଳ ଓ କୋରାପୁଟ ରୌପ୍ୟ ପଦକ, ଏବଂ ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ା କାଂସ୍ୟ ପଦକ ହାସଲ କରିଛନ୍ତି ସେହିପରି ଆକାଂକ୍ଷା ବ୍ଲକ କାର୍ଯ୍ୟକ୍ରମରେ ବୈପରୁଟ, ମାଥିଲି, ଚିତ୍ରକୋଣ୍ଡା ଓ ଡାବୁଗାଁ ଏହି ଚାରିଟି ବ୍ଲକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଅନ୍ୟ ୭ଟି ବ୍ଲକ ରୌପ୍ୟ ପଦକ, ଏବଂ ୩ଟି ବ୍ଲକ କାଂସ୍ୟ ପଦକ, ଏବଂ ୧୧ଟି ବ୍ଲକ ତାମ୍ର ପଦକ ପାଇଛନ୍ତି । ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟରେ ସମସ୍ତଙ୍କୁ ନେଇ ଟିମ ୱାର୍କ କରିବା ଏକ ବହୁତ ବଡ ଉପଲବ୍ଧି । ଜିଲ୍ଲାରେ ଗ୍ରୋଥ୍ ମାଇଣ୍ଡସେଟ୍ ସହିତ କାମ କରିବା ହିଁ ପ୍ରକୃତ କାର୍ଯ୍ୟ। ଦକ୍ଷତା ସମସ୍ତ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ ଆଜି ନିଜର କାର୍ଯ୍ୟ ଦକ୍ଷତା ଦେଖାଇ ପୁରସ୍କୃତ ହେଉଛନ୍ତି । ଏହା ଜାଣି ଅନେକ ଖୁସି ଲାଗୁଛି ଏବଂ ଏହାହିଁ ମାଇଣ୍ଡସେଟ୍ ଆଉ ଟିମ ୱାର୍କର ଲକ୍ଷଣ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିଜ ବକ୍ତବ୍ୟରେ କହିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ଗମରୁ ଅତି ଦୁର୍ଗମ ଅଞ୍ଚଳରେ ପହଞ୍ଚି ଯୋଜନା କାର୍ଯ୍ୟକାରୀ କରାଯାଇପାରୁଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲରେ ଏହି ଯୋଜନା ସହାୟକ ହେବ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ସମସ୍ତ ଜନ କଲ୍ୟାଣକାରୀ ଯୋଜନା କିପରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରିବ ସେ ଦିଗରେ କାର୍ଯ୍ୟକରିବା। ପରିଶେଷରେ ଯୋଜନା ଏବଂ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଟି. ଆଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆକାଂକ୍ଷୀ ଜିଲ୍ଲାର ଜିଲ୍ଲାପାଳ ଓ ବିଡ଼ିଓ ମାନେ ଉପସ୍ଥିତ ଥିଲେ।

## ବୁଣାକାର ସେବା ...

କେନ୍ଦ୍ରର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ର ରାଜ୍ୟର ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ନୂତନ ଡିଜାଇନ, ତାଲିମ ଓ ଦକ୍ଷତା ବିକାଶ ସହ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଉପଲବ୍ଧ କରେଇବାରେ ସହାୟକ ହେବ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଛନ୍ତି। ନିକଟରେ 'ମନ କୀ ବାତ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଥିବା ମୟୂରଭଞ୍ଜର ସାନ୍ତାଳି ବୟନ ଶିଳ୍ପର ପୁନରୁଦ୍ଧାର ଓ କେନ୍ଦୁଝର ଜିଲ୍ଲାର ମହିଳା ସଂକୀର୍ତ୍ତନ କଥାକୁ ଦୋହରାଇ ଶ୍ରୀମତୀ ପରିଡା କହିଲେ ଯେ ଆଜି ଓଡ଼ିଶାର ମା'ମାନେ ସମଗ୍ର ଦେଶରେ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟକୁ ପୂର୍ଣ୍ଣ ଭାବେ ହାସଲ କରିବା ପାଇଁ ଆମେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହଜ, ସୁବିଧା ଓ ସୁଖଦ ରୋଜଗାର ପନ୍ଥା ବାଛିବାକୁ ସୁଯୋଗ ଦେଉଛୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ଆମେ ଲକ୍ଷପତି ଦିଦି ମା'ମାନଙ୍କୁ ଏବେ କୋଟିପତି କରିବାକୁ ପ୍ରୟାସ ଜାରି ରଖିଛୁ ବୋଲି ଶ୍ରୀମତୀ ପରିଡା ଦୃଢ ମତ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ବୁଣାକାର ସେବା ସଂଘର ଉପନିର୍ଦ୍ଦେଶକ ବିକାଶ କୁମାର ଓ ବିଭାଗୀୟ ବରିଷ୍ଠ ଅଧିକାରୀ, ବୟନ ବିଶେଷଜ୍ଞ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଓଡ଼ିଶାର ଉଦ୍ୟୋଗୀ ମହିଳାଙ୍କ ପାଇଁ ହସ୍ତତନ୍ତ ଏବଂ ବୟନ ଶିଳ୍ପ ଏକ ଉଦୀୟମାନ କ୍ଷେତ୍ର । ହଜାର ହଜାର ଏସଏଚଜି ସଦସ୍ୟା ତନ୍ତ ବୁଣା, ସିଲାଇ, ଏମ୍ବ୍ରୋଇଡାରି ଏବଂ ଘରୋଇ ଉତ୍ପାଦକୁ ନିଜର ଜୀବନ ଜୀବିକା ଭାବେ ଗ୍ରହଣ କରିଥିବା ବେଳେ ଏହି ବୁଝାବଣା ପତ୍ର ଆଧୁନିକ, ଡିଜାଇନ ଏବଂ ବଜାର ପ୍ରସ୍ତୁତ ଇକୋସିଷ୍ଟମ ନିର୍ମାଣ ଦିଗରେ ସହାୟକ ହେବ ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି । ବିଭାଗୀୟ ସହଭାଗିତାରେ ଏହି ପଦକ୍ଷେପ ଡିଜାଇନ ମେଣ୍ଟରସିପ୍, ନମୁନା ସହାୟତା ଏବଂ ବଜାର ସଂଯୋଗ ପ୍ରଦାନ କରିବା ସହ , ଏକ ସ୍ଥାୟୀ ମହିଳା-ନେତୃତ୍ୱାଧୀନ ବୟନ ଉଦ୍ୟୋଗ ନିର୍ମାଣ ଏବଂ ବୟନ ମୂଲ୍ୟ ଶୃଙ୍ଖଳ ଗଢ଼ିବାରେ ସହାୟକ ହେବ ବୋଲି ବିଭାଗର ନିର୍ଦ୍ଦେଶକ, ଡ. ମୋନିକା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକୁ ଆଲୋକପାତ କରି ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିକାଶ କୁମାର, ଉପନିର୍ଦ୍ଦେଶକ, ବୁଣାକାର ସେବା କେନ୍ଦ୍ର କହିଛନ୍ତି ଯେ ଓଡ଼ିଶା ବୟନ ପ୍ରତିଭାର ଅନେକ କାରିଗର ଜାତୀୟସ୍ତରରେ ସ୍ୱୀକୃତି ପାଇଛନ୍ତି । ରାଜ୍ୟ ସରକାରଙ୍କ ସହିତ ଏହି ସହଭାଗିତା, ଓଡ଼ିଶା ବୟନ ସୃଜନଶୀଳତାକୁ ନୂଆ ରୂପ ଦେବା ସହ ଜାତୀୟ ବୟନ ଓ ହସ୍ତତନ୍ତ ମାନଚିତ୍ରକୁ ଆହୁରି ସଶକ୍ତ କରିବ। ଓଡ଼ିଶା ଆଜି ମହିଳା ନେତୃତ୍ୱାଧୀନ ବିକାଶରେ ଜାତୀୟ ସ୍ତରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି । ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ଏବଂ ସୁଭଦ୍ରା ଶକ୍ତି ମେଳା, ସୁଭଦ୍ରା ଶକ୍ତି କାଫେ, ଏବଂ ଏକ ଜିଲ୍ଲା ଏକ ଉତ୍ପାଦ କ୍ଲଷ୍ଟର ଭଳି ଅଗ୍ରଣୀ ମଡେଲ ସହିତ, ଓଡିଶା ଆଜି ଭାରତ ସରକାରଙ୍କ ଲକ୍ଷପତି ଦିଦି ପଦକ୍ଷେପ ଅଧୀନରେ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ପ୍ରତିଷ୍ଠିତ ହୋଇଛି। ରାଜ୍ୟସରକାରଙ୍କ ହସ୍ତକ୍ଷେପଗୁଡ଼ିକ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଶିଳ୍ପ ଏବଂ ବସ୍ତ୍ର କ୍ଷେତ୍ରରେ ମହିଳାଙ୍କ ପାଇଁ ଆର୍ଥିକ ସୁଯୋଗର ବାଟ ଖୋଲିଛି। ଏହି ସହଭାଗିତା ଅଧୀନରେ, ବୁଣାକାର ସେବା କେନ୍ଦ୍ର ଘରୋଇ ଏବଂ ବିଶ୍ୱସ୍ତରୀୟ ଗ୍ରାହକଙ୍କ ବିକଶିତ ରୁଚି ଅନୁସାରେ ପୋଷାକ ଏବଂ ସାଜସଜ୍ଜା ସାମଗ୍ରୀ ପାଇଁ 'ମଲ୍ଟିପଲ କଲର'ରେ ମୌଳିକ କାଗଜ ଡିଜାଇନ ବିକଶିତ କରିବ । ନମୁନା ଏବଂ ପ୍ରୋଟୋଟାଇପ ବିକାଶକୁ ସମର୍ଥନ କରାଯିବ, ଏବଂ ଏସଏଚଜି ସଦସ୍ୟାମାନଙ୍କୁ ଡିଜାଇନରେ ସୌନ୍ଦର୍ଯ୍ୟ, ଫିନିସିଂ ମାନଦଣ୍ଡ ଏବଂ ଉଦ୍ୟୋଗ ପ୍ରସ୍ତୁତତା ଉପରେ ପରାମର୍ଶ ଦିଆଯିବ। ଏହି ସହଭାଗିତା ମାଧ୍ୟମରେ ଅନଲାଇନ ଏବଂ ଅଫଲାଇନ ଦୃଶ୍ୟମାନତା ବୃଦ୍ଧି ପାଇଁ ସେମାନଙ୍କ ପ୍ରସ୍ତୁତ ଉତ୍ପାଦର ପେସାଦାର ଫଟୋଗ୍ରାଫି ଏବଂ ଡିଜିଟାଲ କାଟାଲଗ ବିକାଶରେ ସହାୟତା ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏହି ପଦକ୍ଷେପ ପାରମ୍ପରିକ ବସ୍ତ୍ର ପ୍ରସ୍ତୁତି ଦକ୍ଷତାକୁ ଗଠନମୂଳକ ଉଦ୍ୟୋଗରେ ରୂପାନ୍ତରିତ କରିବାରେ ଏକ ବିଶେଷ ଭୂମିକା ଗ୍ରହଣ କରିବ । ଏସଏଚଜି ସଦସ୍ୟାମାନଙ୍କ ସୃଜନଶୀଳ ସାମର୍ଥ୍ୟକୁ ବୁଣାକାର ସେବା କେନ୍ଦ୍ରର ବିଶେଷଜ୍ଞ ମାର୍ଗଦର୍ଶନ ସହିତ ଯୋଡ଼ି, ଏହି ବୁଝାମଣାପତ୍ର ଉନ୍ନତ ଜୀବିକା ସୃଷ୍ଟି, ଉତ୍ପାଦର ବ୍ୟାପାରିକ ଶକ୍ତି ବିକାଶ ଏବଂ ଦୀର୍ଘମିଆଦି ମୂଲ୍ୟ ସୃଷ୍ଟି ପାଇଁ ମଞ୍ଚ ପ୍ରସ୍ତୁତ ପ୍ରଦାନ କରିବ।

## ବିପର୍ଯ୍ୟୟ ପ୍ରତିରୋଧୀ ...

ଅନୁରୋଧ କରିଛନ୍ତି । ଏହାବ୍ୟତୀତ ସୁନ୍ଦରଗଡ଼ ଜିଲ୍ଲା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ ଚାହିଦା ବୃଦ୍ଧି ପାଉଥିବାରୁ, ଏନଏଲସି ତଲାବିରା ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପରୁ ଓଡ଼ିଶାକୁ ୮୦୦ ମେଗାୱାଟ ବିଦ୍ୟୁତ ଆବଣ୍ଟନ କରିବାକୁ ଅନୁରୋଧ କରିଥିଲେ। ଏହା ଦ୍ୱାରା ସମୁଦାୟ ୩୨୦୦ ମେଗାୱାଟ ପ୍ରକଳ୍ପ କ୍ଷମତାରୁ ୧୨୦୦ ମେଗାୱାଟ ଓଡ଼ିଶା ପକ୍ଷରେ ରହିବ। ଏନଏଲସି ତଲାବିରା ପ୍ରଥମ ପର୍ଯ୍ୟାୟରେ ୪୦୦ ମେଗାୱାଟ କ୍ଷମତା ଓଡ଼ିଶାକୁ ଆବଣ୍ଟନ କରାଯାଇଥିଲା। ଓଡ଼ିଶା ଏହାର ବିଦ୍ୟୁତ କ୍ଷେତ୍ର ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି । ଏହି ମଞ୍ଜୁରୀ ଦ୍ୱାରା ଓଡ଼ିଶା କେବଳ ଏହାର ଜନସାଧାରଣଙ୍କୁ ଲାଭବାନ କରିବ ନାହିଁ ବରଂ ସାରା ଦେଶରେ ନିର୍ଭରଯୋଗ୍ୟ ଓ ସ୍ଥାୟୀ ବିଦ୍ୟୁତ ଭିତ୍ତିଭୂମି ସୁନିଶ୍ଚିତ କରିବା ଲକ୍ଷ୍ୟରେ ମଧ୍ୟ ଯୋଗଦାନ କରିବ।

## ଯୌନ ଉତ୍ପୀଡନ...

ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠିର ପ୍ରକଳ୍ପ ପରିଚାଳନା ବିଶେଷଜ୍ଞଙ୍କ ମିସ ଅନୁଜା ଗୁଲାଟି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପୋଶ ଆଇନର ଆଇନଗତ ଢାଞ୍ଚା ସହ ଆଭ୍ୟନ୍ତରୀଣ ସମିତି(ଆଇସି) ସଦସ୍ୟାମାନଙ୍କ ଭୂମିକା ଓ କର୍ତ୍ତବ୍ୟ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଆଇସି ସଦସ୍ୟମାନଙ୍କ ସନ୍ଦେହ ଦୂର କରିବା ସହ ସେମାନଙ୍କ ପ୍ରଶ୍ନଗୁଡିକର ଯଥୋଚିତ ଉତ୍ତର ଦେଇ ସୁରକ୍ଷିତ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ନିମନ୍ତେ ଯୌନ ଉତ୍ପୀଡନ ଆହ୍ୱାନଗୁଡିକୁ ଧୈର୍ଯ୍ୟର ସହିତ ସମାଧାନ କରିବା ପାଇଁ ସେ ଆଇସି ସଦସ୍ୟାମାନଙ୍କୁ ସଚେତନ କରେଇଥିଲେ।

## ୩୦ରେ ଉତ୍କ୍ଷେପଣ...

ଗୋଟିଏ ଉପଗ୍ରହରେ ଦୁଇଟି ରାଡାର ସିଷ୍ଟମ ରଖିବା ଏକ ଅନନ୍ୟ ଇଞ୍ଜିନିୟରିଂ ସଫଳତା। କାରଣ ଦୁଇଟି ସିଷ୍ଟମକୁ ହାର୍ଡୱେରର ବିଭିନ୍ନ ସେଟ ଆବଶ୍ୟକ ଏବଂ ପରସ୍ପର ସହିତ ହସ୍ତକ୍ଷେପ ନକରି ପରିପୂରକ ଢଙ୍ଗରେ କାର୍ଯ୍ୟ କରିବାକୁ ପଡ଼ିଥାଏ। ପ୍ରାୟ ୧.୫ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଏହି ଉପଗ୍ରହ ବିଶ୍ୱର ସବୁଠାରୁ ମହଙ୍ଗା ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ, ଇସ୍ରୋ ଏହି ସାଟେଲାଇଟ ପାଇଁ ୪୬୯.୪ କୋଟି ଟଙ୍କା ପ୍ରଦାନ କରିଛି।

## ଶ୍ରୀମନ୍ଦିର ଫଟୋ...

ଏହାକୁ ଦୃଷ୍ଟି ନଦେଇ ଶ୍ରୀମନ୍ଦିର ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡିଦେଲା । ପୂର୍ବରୁ ଅନେକ ଲୋକ ବାରଣକୁ ଖାତିର ନକରି ଦଣ୍ଡ ପାଇଛନ୍ତି । ଏଏସଆଇ କ୍ଷେତ୍ରରେ ଏହାକୁ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଉପରେ ନଜର ରହିଛି। ଶ୍ରୀମନ୍ଦିର ଭିତର ଚକଡା ଚିତ୍ର ସୋସିଆଲ ମିଡିଆରେ ପ୍ରକାଶନ ଘଟଣାରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ□ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) କର୍ତ୍ତୃପକ୍ଷଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ପତ୍ର ଲେଖିଛନ୍ତି । ଏଥିରେ ସେ ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ରତା ତଥା ଆଧ୍ୟାତ୍ମିକତା ବଜାୟ ରଖିବା ପ୍ରତ୍ୟେକ ଭକ୍ତ ଏବଂ ଶ୍ରୀମନ୍ଦିର ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି କହିଛନ୍ତି । ତେଣୁ ଶ୍ରୀମନ୍ଦିର ସମ୍ପର୍କିତ ଚିତ୍ର ପ୍ରକାଶନ ସମୟରେ ଅଧିକ ସତର୍କ ହେବାକୁ ମୁଖ୍ୟ ପ୍ରଶାସକ ଏଏସଆଇକୁ ପରାମର୍ଶ ଦେଇଛନ୍ତି ।

# ବିଜେଡିକୁ ମହିଳାଙ୍କ ସୁରକ୍ଷା ଚିନ୍ତା, ସଂସଦ ବାହାରେ ସାଂସଦଙ୍କ ପ୍ରତିବାଦ

**ନୂଆଦିଲ୍ଲୀ :** ସଂସଦରେ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଝଡ । ମହିଳା ସୁରକ୍ଷାକୁ ନେଇ ସଂସଦ ବାହାରେ ବିଜେଡି ସାଂସଦଙ୍କ ବିରୋଧ ପ୍ରଦର୍ଶନ । ଓଡିଶା ସରକାରଙ୍କ ବିରୋଧରେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଛନ୍ତି ବିଜେଡି ସାଂସଦ । ଏହି ବିରୋଧରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ମୁନ୍ନା ଖାଁ, ମାନସ ମଙ୍ଗରାଜ, ସୁଭାଶିଷ ଷଡଙ୍ଗୀ ଓ ନିରଞ୍ଜନ ବିଶି ସାମିଲ ହୋଇଛନ୍ତି ।

ବିଜେଡି ସାଂସଦ ସସ୍ମିତ ପାତ୍ର କହିଛନ୍ତି " ଯେଉଁଭଳି ଭାବେ ଝିଅ ଓ ମହିଳାଙ୍କ ଉପରେ ଅତ୍ୟାଚାର ହେଉଛି, ଓଡିଶା ସରକାର ସମ୍ପୂର୍ଣ୍ଣ ଭାବେ ମହିଳାଙ୍କୁ ସୁରକ୍ଷା ଯୋଗାଇବାରେ ଅସମର୍ଥ । ଏଥିପାଇଁ ଆଜି ବିଜେଡି ସାଂସଦ ବିରୋଧ ପ୍ରଦର୍ଶନ କରୁଛନ୍ତି । ଆମେ ନ୍ୟାୟିକ ତଦନ୍ତ ଦାବି କରୁଛୁ । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଧ୍ୱସ୍ତ ହୋଇଥିବା ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ହେଉ କି ପୁରୀରେ ଛାତ୍ରୀଙ୍କୁ ଜଳାଇବା ଘଟଣାର ଜଣାପଡୁଛି । ଏଥିପାଇଁ ଆମେ ନ୍ୟାୟ ଦାବି କରୁଛୁ "। ଗତ ଜୁଲାଇ ୨୦ ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଉଦବୋଧନ ଦେଇ ବିଜେଡି ସାଂସଦ ସସ୍ମିତ ପାତ୍ର କହିଥିଲେ ଯେ "ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମହିଳା ଏବଂ ଶିଶୁ କନ୍ୟାଙ୍କ ବିରୁଦ୍ଧରେ ଘୃଣ୍ୟ ଅପରାଧ ମଧ୍ୟ ଉଦବେଗଜନକ ଭାବରେ ବୃଦ୍ଧି ପାଉଛି। ୧୯ ଜୁଲାଇରେ ପୁରୀ ଜିଲ୍ଲାରେ ଜଣେ ୧୫ ବର୍ଷୀୟା ନାବାଳିକାକୁ ଦୁର୍ବୃତ୍ତମାନେ ପୋଡ଼ି ଦେଇଥିଲେ। ଏହା ପୂର୍ବରୁ ପ୍ରାୟ ୨୦ ଦିନ ତଳେ ୫ ଜଣ ବିଜେପି ସ୍ଥାନୀୟ ନେତା ବିଏମସିର ଅତିରିକ୍ତ କମିଶନରଙ୍କୁ ମାଡ଼ ମାରିଥିଲେ ଯାହାଙ୍କୁ ପରେ ଗିରଫ କରାଯାଇଥିଲା। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଓଡ଼ିଶା ବିଜେପି ସରକାର କିପରି ସମ୍ପୂର୍ଣ୍ଣ ଆଇନ ବିହୀନ ହେବା ସହ ଅରାଜକତାରେ ଓଡ଼ିଶାକୁ ଶାସନ କରୁଛି" । ଏଥର ମୌସୁମୀ ଅଧିବେଶନରେ ଏ ସମସ୍ତ ପ୍ରସଙ୍ଗ ବିଜେଡି ଉପସ୍ଥାପନ କରିବ ବୋଲି ପର୍ବରୁ ସସ୍ମିତ ସ୍ପଷ୍ଟ କରିଥିଲେ ।




ଡଷ୍ଟବିନ ପ୍ରୋଟେଷ୍ଟ କର ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା କଂଗ୍ରେସ । ସେପଟେ ଆଜିଠୁ ସଂସଦର ଉଭୟ ଗୃହରେ ଅପରେସନ ସିନ୍ଦୂର ପ୍ରସଙ୍ଗରେ ୧୬ ଘଣ୍ଟା ଧରି ହେବ ଆଲୋଚନା। ଲୋକସଭାରେ ଓ ରାଜ୍ୟସଭାରେ ଅପରେସନ ସିନ୍ଦୂର ପ୍ରସଙ୍ଗ ଆଲୋଚନା ହେବ । ସେହିପରି ବିହାର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗରେ ସରକାର ଉତ୍ତର ଦେବା ନେଇ ବିରୋଧୀ ଦାବି କରୁଛନ୍ତି । ଗତ ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଆସନ୍ତା ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ ।

### ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ରେଳମଣ୍ଡଳ ସାଂସ୍କୃତିକ ସଂଗଠନର ରୂପାନ୍ତରଣ

# ଉନ୍ନତ ମାନର ବାଦ୍ୟଯନ୍ତ୍ର ସହିତ ନୂତନ ସଜ୍ଜିତ ଅଭ୍ୟାସ କକ୍ଷ ଉଦ୍‌ଘାଟିତ



**ଖୋର୍ଦ୍ଧା ରୋଡ୍, ନ୍ୟୁଜ ବ୍ୟୁରୋ** ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଏବଂ ସୃଜନଶୀଳ ମନୋରଞ୍ଜନକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଆଜି ଏହାର ରେଳମଣ୍ଡଳ ସାଂସ୍କୃତିକ ସଂଗଠନର ରୂପାନ୍ତରଣ କରିଛି । ଏହି ରୂପାନ୍ତରଣରେ ଉଚ୍ଚସ୍ତରୀୟ ଓ ଆଧୁନିକ ସଙ୍ଗୀତ ଉପକରଣ ସହିତ ଏକ ସମ୍ପୂର୍ଣ୍ଣ ସଜ୍ଜିତ ଅଭ୍ୟାସ କକ୍ଷ ଉନ୍ମୋଚିତ ହୋଇଛି । ଏହି ଉତ୍ସର୍ଗୀକୃତ ସ୍ଥାନ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କୁ ସେମାନଙ୍କର ଅବସର ସମୟରେ ସଙ୍ଗୀତ ଏବଂ କଳାତ୍ମକ ଆଗ୍ରହକୁ ଅନୁସରଣ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ଲକ୍ଷ୍ୟ ରଖିଛି । ରେଳମଣ୍ଡଳ ସାଂସ୍କୃତିକ ସଂଗଠନର ଏହି ବାଦ୍ୟଯନ୍ତ୍ର ସହିତ ନୂତନ ସଜ୍ଜିତ ଅଭ୍ୟାସ କକ୍ଷ କର୍ମଚାରୀମାନଙ୍କର ସାମଗ୍ରିକ କଲ୍ୟାଣ ବୃଦ୍ଧି କରିବା ଏବଂ ସାଂସ୍କୃତିକ ଭାବନାକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ କାର୍ଯ୍ୟକଳାପର ମହତ୍ୱ ଉପରେ ଗୁରୁତ୍ୱାରୋପ କରିବ ଏବଂ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ସୁବିଧାର ପୂର୍ଣ୍ଣ ଉପଯୋଗ କରିବାକୁ ଉତ୍ସାହିତ କରିବ । ସଂଗୀତ, କଳା ଏବଂ ସାଂସ୍କୃତିକ ଅଭିବ୍ୟକ୍ତି ମାଧ୍ୟମରେ ରେଳବାଇ ଭାଇଚାରା ମଧ୍ୟରେ ପ୍ରତିଭାକୁ ପୋଷଣ ଏବଂ ବନ୍ଧନକୁ ସୁଦୃଢ଼ କରିବା ପାଇଁ ରେଳମଣ୍ଡଳ ସାଂସ୍କୃତିକ ସଂଗଠନ ଏକ ସ୍ପନ୍ଦନଶୀଳ କେନ୍ଦ୍ର ହେବାକୁ ଯାଉଛି । ଏହି ସଂଗଠନର ନେତୃତ୍ୱ ନେବାରେ ସଭାପତି ତଥା ଅତିରିକ୍ତ ଡିଭିଜନାଲ ରେଲୱେ ମ୍ୟାନେଜର (ଭିତ୍ତିଭୂମି) ଶ୍ରୀ ଶୁଭ୍ରଜ୍ୟୋତି ମଣ୍ଡଳ ଏବଂ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ତଥା ସଂଗଠନର କାର୍ଯ୍ୟନିର୍ବାହୀ ସଚିବ ଭାବରେ ଶ୍ରୀ ଆର. ଏନ. ଏ. ପରିଡା କାର୍ଯ୍ୟ କରିବେ । ଅନ୍ୟାନ୍ୟ ପଦାଧିକାରୀମାନଙ୍କ ମଧ୍ୟରେ ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ ଶ୍ରୀ ଜାଭେଦ ଖାନ ସଚିବ ଭାବରେ; ବିଭାଗୀୟ ବିତ୍ତ ପ୍ରବନ୍ଧକ ଶ୍ରୀ ଉପାଧ୍ୟାୟ ସତ୍ୟ କୁମାର ଆର ଅର୍ଥ ସଚିବ ଭାବରେ ଏବଂ ସହାୟକ କାର୍ମିକ ଅଧିକାରୀ ଶ୍ରୀମତୀ ତପସ୍ୱିନୀ ମହାନନ୍ଦିଆ ସହାୟକ ସଚିବ ଭାବରେ ଅନ୍ତର୍ଭୁକ୍ତ ଅଛନ୍ତି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ସଚିବ (କାର୍ଯ୍ୟକାରୀ) ଶ୍ରୀ ପ୍ରମୋଦ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସହକାରୀ ସଚିବ ଶ୍ରୀମତୀ ତପସ୍ୱିନୀ ମହାନନ୍ଦିଆଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

### ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ଛାତ୍ରୀ ଓ ନାରୀ ଅସୁରକ୍ଷିତ ପ୍ରସଙ୍ଗ

# ଅଗଷ୍ଟ ୧ରୁ ୧୪ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବିଶେଷକରି ଛାତ୍ରୀ ଓ ମହିଳା ମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ଅଭିଯୋଗରେ ବିଜୁ ଜନତା ଦଳ ଆନ୍ଦୋଳନ କରି ଆସୁଥିବା ବେଳେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ଅଗଷ୍ଟ ୧ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଯୁବ ବିଧାୟକ ଶ୍ରୀ ବ୍ୟୋମକେଶ ରାୟ ଓ ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଅଗଷ୍ଟ ୧ ତାରିଖରୁ ବିଜେଡିର ଛାତ୍ର ଓ ଯୁବ ସଂଗଠନ ତରଫରୁ ହେବାକୁ ଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଶ୍ରୀ ବ୍ୟୋମକେଶ ରାୟ କହିଥିଲେ, ଗତ ୧୩ ମାସ ବିଜେପି ଶାସନରେ, ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିବା ସହିତ ନାରୀ ନିର୍ଯ୍ୟାତନା ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ଛାତ୍ରୀମାନେ ବେଳାଭୂମି ଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସରେ ମଧ୍ୟ ସୁରକ୍ଷିତ ନାହାନ୍ତି। ବିଭିନ୍ନ ଛାତ୍ରୀ ନିବାସରେ ନାବାଳିକା ମାନେ ଗର୍ଭବତୀ ହେଉଛନ୍ତି। ଛାତ୍ରୀ ଓ ନାରୀ ମାନେ ଅସୁରକ୍ଷିତ ହୋଇ ପଡିଥିଲା ବେଳେ, ରାଜ୍ୟ ବିଜେପି ସରକାର ନିଘୋଡ଼ ନିଦରେ ଶୋଇଛନ୍ତି। ଗୋପାଳପୁର




ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଲଙ୍ଗା ନାବାଳିକା ପୋଡି ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନତାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜ ଷ୍ଟ୍ରାଇକ କରିଥିଲା। ବିଜୁ ଜନତା ଦଳ ତରଫରୁ ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ସହିତ ତିନି ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏବେ, ଦ୍ୱିତୀୟ ପର୍ଯ୍ୟାୟରେ, ଅଗଷ୍ଟ ୧ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପ୍ରତିବାଦ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା କରାଯିବ। ଏଥିରେ ଛାତ୍ର ଛାତ୍ରୀ ମାନେ ତାଙ୍କ ଅଞ୍ଚଳର ଥାନା ଓ ଏସପିଙ୍କୁ ଭେଟି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୋଲିସଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିବେ। ସେହିପରି, ଅଗଷ୍ଟ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଛାତ୍ର ଛାତ୍ରୀ ମାନେ ରାଜ୍ୟର ଗୃହମନ୍ତ୍ରୀର ଦାୟିତ୍ୱ ତୁଲାଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀଙ୍କ ନିକଟକୁ ଖୋଲା ଚିଠି ପଠାଇବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲକ୍ଷାଧିକ ଚିଠି ପଠାଯିବ ବୋଲି ଶ୍ରୀ ରାୟ କହିଥିଲେ। ସେହିପରି ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ, ନିକଟରେ ଘଟି ଯାଇଥିବା ଘଟଣାମାନଙ୍କୁ ନେଇ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଲଜ୍ୟା ଓ ନିନ୍ଦା ସାଉଁଟିଛି। ଆମେରିକା ରାଷ୍ଟ୍ରପତିଙ୍କ ଅଫିସରୁ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡ୍‌ଭାଇଜେରିରେ ଓଡିଶା ସମେତ ଦେଶର ଛଅଟି ରାଜ୍ୟକୁ ନଯିବା ପାଇଁ ଏହାର ନାଗରିକ ମାନଙ୍କୁ କହିଥିଲେ। ବିଶେଷକରି ନାରୀ ଅସୁରକ୍ଷିତ ଓ ଉଗ୍ରବାଦ ବୃଦ୍ଧି ଦର୍ଶାଇ ଏହି ବାରଣ କରା ଯାଇଥିବାରୁ, ଓଡିଶା ପାଇଁ ଏହା ଲଜ୍ୟା ଓ ନିନ୍ଦା ଆଣିଥିଲା। ସେହିପରି, ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ବଲଙ୍ଗା ନାବାଳିକା ପୋଡି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଲଜ୍ୟା ବୋଲି କହିବା ସହିତ ଏଥିପାଇଁ ବ୍ୟବସ୍ଥାଗତ ବିଫଳତା ଦାୟୀ ବୋଲି କହିଥିଲେ। ଏତେ ନିନ୍ଦା ଓ ଲଜ୍ୟା ସତ୍ତ୍ୱେ, ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିନାହିଁ। ତେଣୁ, ରାଜ୍ୟରେ ଛାତ୍ରୀ ଓ ନାରୀ ମାନଙ୍କୁ ସୁରକ୍ଷିତ କରିବା ପାଇଁ, ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନାରୀ ନିର୍ଯ୍ୟାତନାର ପ୍ରତିବାଦରେ, ବିଜୁ ଜନତା ଦଳ ତରଫରୁ ଅଗଷ୍ଟ ୧ ତାରିଖରୁ ଦୁଇ ଥାକିଆ ଆନ୍ଦୋଳନ କରାଯିବ। ରାଜ୍ୟରେ ଛାତ୍ରୀ ଓ ନାରୀ ମାନେ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଆନ୍ଦୋଳନ ଜାରି ରଖିବ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST/OT/COACHING/DEPOT/KUR/482, ତା.22.07.2025ରିଖ

**କାର୍ଯ୍ୟର ନାମ :** "ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ECoRSA/ଖୋର୍ଦ୍ଧା ରୋଡ୍ ଏବଂ କୋଚିଂ ଡିପୋ/ଭୁବନେଶ୍ୱର ଠାରେ 100 ଶଯ୍ୟା ବିଶିଷ୍ଟ କ୍ରୀଡ଼ା ହଷ୍ଟେଲ ଏବଂ ପୁରୀ ଠାରେ ୟାର୍ଡ଼ ମାଷ୍ଟର ପ୍ରକୋଷ୍ଠ ନିମନ୍ତେ ଦୂରସଂଚାର କାର୍ଯ୍ୟସମୂହ।"

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 48,54,014.40, EMD (ଟଙ୍କାରେ) : 97,100/-।

ବିଡ୍ ଆରମ୍ଭ ହେବା ତାରିଖ : ତା.30.07.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର),
ଖୋର୍ଦ୍ଧା ରୋଡ

PR-406/Q/25-26

# ବିକଶିତ ଜିଲ୍ଲାରେ ପରିଣତ ହେବ ଖୋର୍ଦ୍ଧା : ଅମ୍ରିତ ଋତୁରାଜ

**ଖୋର୍ଦ୍ଧା,୨୯/୦୭ ନ୍ୟୁଜ ବ୍ୟୁରୋ** ଖୋର୍ଦ୍ଧା ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କଲେ ଅମ୍ରିତ୍ ଋତୁରାଜ । ଭାରପ୍ରାପ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ ପରେ ଅମ୍ରିତ୍ ଋତୁରାଜ କହିଛନ୍ତି, ଜନପ୍ରତିନିଧି ଓ ପ୍ରଶାସନିକ କଳ ସମନ୍ୱୟରେ ଖୋର୍ଦ୍ଧା ଏକ ବିକଶିତ ଜିଲ୍ଲାରେ ପରିଣତ ହେବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଉପରେ ପ୍ରାଥମିକତା ଦିଆଯିବ । ସେହିପରି



ପାଇକ ସ୍ମାରକୀ କାର୍ଯ୍ୟ ମନ୍ଥର ହେବା ସମ୍ପର୍କରେ ସେ କହିଛନ୍ତି ଯେ, ବୀର ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିର ସୁରକ୍ଷା ପ୍ରଶାସନର ପ୍ରଥମ ଦାୟିତ୍ୱ । ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ଜିଲ୍ଲାର ପ୍ରଗତିର ଧାରା ଆଗେଇବ । ବେଗୁନିଆ, ବୋଲଗଡ଼, ଟାଙ୍ଗୀ ଓ ନାଚୁଣୀ ବିଜ୍ଞାପିତ ପରିଷଦ ମାନ୍ୟତା ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ସମାଧାନ କରିବା ଏବଂ ପୁଲିସ, ଅବକାରୀ ବିଭାଗର ମିଳିତ ଉଦ୍ୟମରେ ନିଶାମାଫିଆଙ୍କୁ ସାବାଡ଼ କରାଯିବ ବୋଲି ଜିଲ୍ଲାପାଳ ଋତୁରାଜ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି, ଅମ୍ରିତ୍ ଋତୁରାଜ ଏହା ପୂର୍ବରୁ କନ୍ଧମାଳ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ ।

ଉତ୍କଳ ଝଙ୍କାର

ଭୁବନେଶ୍ୱର
୩୦ ଜୁଲାଇ,
ବୁଧବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# କୋଣାର୍କ ମନ୍ଦିର ସମ୍ମୁଖରୁ ହଟିଲା ସେଡ୍



**କୋଣାର୍କ, ୨୯।୭ ନ୍ୟୁଜ ବ୍ୟୁରୋ**

ବିଶ୍ୱ ଐତିହ୍ୟ କୋଣାର୍କ ସମ୍ମୁଖରୁ ହଟିଲା ସେଡ୍। ଏହା ସୂର୍ଯ୍ୟମନ୍ଦିର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଥିବା ଅଭିଯୋଗ ହେବାରୁ ଏହାକୁ ରାତି ଅଧିଆ ଖୋଲାଯାଇଛି। ପ୍ରାୟ ୪୦ଲକ୍ଷ ଟଙ୍କାରେ ଟେଣ୍ଡର ଦିଆଯାଇ ଫେବ୍ରି ସେଡ୍ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏଏସଆଇର ଭୁଲ ନିଷ୍ପତ୍ତି ଯୋଗୁଁ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା ବୋଲି ପର୍ଯ୍ୟଟକମାନେ କହିଛନ୍ତି। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଦୈନିକ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ଏଏସଆଇ ସୂର୍ଯ୍ୟମନ୍ଦିର ପ୍ରବେଶ ପଥରେ ପର୍ଯ୍ୟଟକଙ୍କ ପାଇଁ ଏହି ସେଡ୍ ବ୍ୟବସ୍ଥା କରିଥିଲା।

# ଅନ୍‌ଲାଇନ୍‌ରେ ବୁକିଂ : ହଜାରେ ଦେଲେ ବିନା ଧାଡ଼ିରେ ମହାପ୍ରଭୁଙ୍କ ଦର୍ଶନ



**ପୁରୀ,୨୯/୦୭ ନ୍ୟୁଜ ବ୍ୟୁରୋ**

ହଜାରେ ଟଙ୍କାରେ ଶ୍ରୀମନ୍ଦିରରେ ମିଳିବ ଭିଆଇପି ଦର୍ଶନ ସୁବିଧା । ମହାପ୍ରଭୁଙ୍କୁ ଦର୍ଶନ ଲାଗି ଆଉ ଧାଡିରେ ଠିଆ ହେବାକୁ ପଡ଼ିବନି । ତା' ସହିତ ତୁଳସୀ ଓ ମହାପ୍ରଭୁଙ୍କ ପୂଜା ଫୁଲ ମଧ୍ୟ ମିଳିବ। ଏସବୁ ସହିତ ଜଣେ ସେବକ ଭକ୍ତଙ୍କ ପାଖରେ ରହି ଶ୍ରୀମନ୍ଦିର ବିଷୟରେ ବୁଝାଇବେ ମଧ୍ୟ। ହରି ଓମ୍ ନାମକ ଏକ ଅନ୍‌ଲାଇନ ଆପ୍ଲିକେସନରେ ଏଭଳି ପ୍ରଚାର କରାଯାଉଛି । ସାଧାରଣ ଭକ୍ତଟିଏ ମହାପ୍ରଭୁଙ୍କ ଶ୍ରୀମୁଖର ସାମାନ୍ୟ ଝଲକ ପାଇବାକୁ କଲବଲ ହେଉଥିବା ବେଳେ ଅନ୍‌ଲାଇନରେ ହଜାରେ ଟଙ୍କା ଦେଲେ ସହଜ ଓ ସୁବିଧାରେ ଦର୍ଶନ ମିଳିବ ବୋଲି ବିଜ୍ଞାପନ କରାଯାଉଛି। ଏହାକୁ ନେଇ ସେବାୟତ ଓ ପୁରୀ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏହି ଆପ୍‌ରେ ମୁଣ୍ଡ ପିଛା ହଜାର ଟଙ୍କା ଦେଇ ସ୍ଲଟ ବୁକ୍ କଲେ ଦର୍ଶନ ବ୍ୟବସ୍ଥା କରାଯାଉଛି । ସମୟ ଅନୁଯାୟୀ ସ୍ଲଟ୍ ବୁକ୍ ହେଉଛି । ଏହି ଆପ୍‌ରେ ବୁକ୍ କଲେ ଧାଡିରେ ଠିଆ ହେବାକୁ ପଡ଼ିବନାହିଁ ବୋଲି କୁହାଯାଉଛି । କେବଳ ସେତିକି ନୁହେଁ ଶ୍ରୀମନ୍ଦିର ଭିତରେ ଡାଲି ଓ ଭାତ ନଚେତ୍ ଛପନ ଭୋଗ ଖାଇବାକୁ ଦିଆଯିବ ବୋଲି କୁହାଯାଉଛି । ମହାପ୍ରସାଦକୁ ଡାଲି ଭାତ କହି ଅପମାନ କରାଯାଉଥିବା ଅଭିଯୋଗ ହୋଇଛି। ଏହି ସୁବିଧା ପାଇବାକୁ ହେଲେ ଟାଇମ ସ୍ଲଟର ୩୦ ମିନିଟ୍ ପୂର୍ବରୁ ଶ୍ରୀମନ୍ଦିରରେ ପହଞ୍ଚିବାକୁ ହେବ। ଏହା ସହ ସାଥୀରେ ଏକ ସରକାରୀ ପ୍ରମାଣ ପତ୍ର ନେଇ ଆସିବାକୁ ହେବ ବୋଲି କୁହାଯାଇଛି। ଏନେଇ ଅସନ୍ତୋଷ ବ୍ୟକ୍ତ କରି ପୁରୀ ବାସିନ୍ଦା ସପନ ତରାଇ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭିଆଇପିଙ୍କର କରିଦେବାକୁ ଚକ୍ରାନ୍ତ ଚାଲିଛି । ଯିଏ ପ୍ରକୃତ ଭକ୍ତ ସେ ପ୍ରଭୁଙ୍କ ଦର୍ଶନ ପାଉନି। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା ବ୍ୟକ୍ତିଙ୍କୁ ଅଣଦେଖା କରାଯାଉଛି। ମହାପ୍ରଭୁଙ୍କୁ ଭିଆଇପିଙ୍କ ଠାକୁର କରିଦିଆଯାଇଛି। ଭିଆଇପିଙ୍କ ସୁବିଧା ଲାଗି ରଥଯାତ୍ରାରେ କିଭଳି ଅବ୍ୟବସ୍ଥା ହେଲା ଏହା ସମସ୍ତେ ଦେଖିଛନ୍ତି । ପୁରୀ ବାସୀ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ସମସ୍ୟା ଭୋଗୁଛନ୍ତି । ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ଶିଶୁ ଏମାନେ ଭୟରେ ଶ୍ରୀମନ୍ଦିର ଯାଉନାହାନ୍ତି। ଏପରି ସ୍ଥିତିରେ ଟଙ୍କା ଦେଲେ ଶ୍ରୀମନ୍ଦିରରେ ସହଜରେ ଦର୍ଶନ ସୁବିଧା ଦେଉଥିବା ଏସବୁ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ।

# ଆଜି ଶ୍ରୀବିଗ୍ରହଙ୍କ ହେବ ବନକଲାଗି ନୀତି ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

**ପୁରୀ, ୨୯/୦୭ ନ୍ୟୁଜ ବ୍ୟୁରୋ**

ବୁଧବାର ଶ୍ରାବଣ ଶୁକ୍ଳ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

ଅପରାହ୍ଣରୁ ସନ୍ଧ୍ୟା ସମୟରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ହୋଇଥାଏ । ଦତ୍ତମହାପାତ୍ର ସେବକମାନେ ଦାରୁଦିଅଁଙ୍କ ବନକଲାଗି ସେବା କରିବେ। ଏହାଦ୍ୱାରା ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥାଏ । ବନକଲାଗି ପରେ ମହାସ୍ନାନ ପୂଜା ବଢ଼ି ପୁନଃ ଦର୍ଶନ ଆରମ୍ଭ ହେବ । ଠାକୁରଙ୍କ ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଁଥ ଅଠା, କସ୍ତୁରୀ ଓ କଳା ଆଦି ଆବଶ୍ୟକ ହୋଇଥାଏ । ସେହି ଦିନର ଠାକୁରଙ୍କ ନୀତି ଅନୁସାରେ ବନକଲାଗି ଓ ଦର୍ଶନ କଟକଣା ସମୟ ସ୍ଥିର ହେବ।

# ରାଷ୍ଟ୍ରପତିଙ୍କ ଦ୍ୱାରା ପଟ୍ଟଚିତ୍ର ପ୍ରଶିକ୍ଷକ ପ୍ରଶାନ୍ତ କୁମାର ଦାସ ସମ୍ବର୍ଦ୍ଧିତ



**ବାଲିଅନ୍ତା, ୨୯/୦୭ ନ୍ୟୁଜ ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଟ୍ଟଚିତ୍ର ପ୍ରଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଉପଲକ୍ଷେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ପଟ୍ଟଚିତ୍ର ପ୍ରଶିକ୍ଷକ ଶ୍ରୀ ଦାସଙ୍କ ସମେତ ଓଡ଼ିଶାର ୯ଜଣ ପଟ୍ଟଚିତ୍ର ଶିଳ୍ପୀଙ୍କୁ ରାଷ୍ଟ୍ରପତି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧିତ ଶ୍ରୀ ଦାସ ବାଲିଅନ୍ତା ବ୍ଲକ୍ ଜୟଦେବ ପୀଠ ନିକଟରେ ଜିଲ୍ଲା ହସ୍ତଶିଳ୍ପ ତାଲିମ କେନ୍ଦ୍ରର କାର୍ଯ୍ୟରତ କର୍ମଚାରୀ (ଅତିଥି ଉପଦେଷ୍ଟା) ଅଛନ୍ତି ।

୨୦୧୫ ମସିହାରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପଟ୍ଟଚିତ୍ର ପ୍ରଶିକ୍ଷଣ ଦେଇଆସୁଛନ୍ତି । ନିପୁଣ ପଟ୍ଟଚିତ୍ର କାରୀଗରିତା ପାଇଁ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ରାଷ୍ଟ୍ରପତି ଭବନରୁ ନାମ ଚୟନ କରାଯାଇଥିଲା । ଶ୍ରୀ ଦାସଙ୍କ ଘର ନିମାପଡ଼ାର ନୂଆରଗିରୀ ଗ୍ରାମରେ ।

# 'ପାକିସ୍ତାନ ବାୟୁସେନାର ୨୫ ପ୍ରତିଶତ ଭିତ୍ତିଭୂମି ଧ୍ୱଂସ ହୋଇଛି'



**ନୂଆଦିଲ୍ଲୀ, ୨୯/୭**

ଅପରେସନ ସିନ୍ଦୂରକୁ ନେଇ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି ବୈଜୟନ୍ତ ପଣ୍ଡା। ପାକିସ୍ତାନକୁ ଉଚିତ୍ ଶିକ୍ଷା ଦିଆଯାଇଛି। ବିଭିନ୍ନ କ୍ଷେତ୍ରରେ ପାକିସ୍ତାନକୁ ଜବାବ ଦିଆଯାଇଛି। 'ସେମାନେ ଟୁରିଷ୍ଟଙ୍କୁ ଟାର୍ଗେଟ କଲେ, ଆମେ ଟେରୋରିଷ୍ଟଙ୍କୁ ଆଟାକ୍ କଲୁ'। 'ଏହା ମୋଦୀ ସରକାର, ନ୍ୟୁ ଇଣ୍ଡିଆ'। ସାରା ଦେଶ ଅପରେସନ ସିନ୍ଦୂର ପାଇଁ ଏକ ହୋଇଥିଲା। ବାୟୁସେନାର ପରାକ୍ରମ ବାବଦରେ ବଖାଣିଲେ। 'ପ୍ରଥମ ଥର ପାଇଁ ପାକିସ୍ତାନର ୧୧ ବେସକୁ ଟାର୍ଗେଟ କରାଗଲା'। 'ପାକିସ୍ତାନ ବାୟୁସେନାର ୨୫ ପ୍ରତିଶତ ଭିତ୍ତିଭୂମି ଧ୍ୱଂସ ହୋଇଛି'। ୯ ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରିଛି ଭାରତୀୟ ସେନା। ପାକିସ୍ତାନର ସମସ୍ତ ପ୍ରତିଆକ୍ରମଣଙ୍କୁ ଫେଲ କରିଥିଲା ସେନା। ଉପା ଶାସନରେ ଆତଙ୍କବାଦୀଙ୍କ ପ୍ରତି ନରମ ମନୋଭାବର କଲେ ପର୍ଦ୍ଦାଫାସ। ପିଓକେ ପ୍ରସଙ୍ଗରେ ତତ୍କାଳୀନ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଶ୍ରୀ ପଣ୍ଡା। ପ୍ରକାଶ ଥାଉ କି, ଉତ୍ତର ଆଫ୍ରିକୀୟ ଦେଶ ଆଲଜେରିଆରେ ପାକିସ୍ତାନର ମୁଖା ଖୋଲିଥିଲେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ। ଆଲଜେରିଆର ମକାମ୍ ଏଚାହିଦ୍‌ରେ ଜାତୀୟ ସହିଦ ସ୍ମାରକୀ ଏବଂ ଜାତୀୟ ମୁଜାହିଦ୍ ସଂଗ୍ରହାଳୟ ପରିଦର୍ଶନ କରିଥିଲେ ସର୍ବଦଳୀୟ ଟିମ୍। ଏହାସହ ଡେମ୍ ଡି' ଆଫ୍ରିକା ଚର୍ଚ୍ଚ ପରିଦର୍ଶନ ମଧ୍ୟ କରିଥିଲେ ଏବଂ ପହଲଗାମ୍ ଆତଙ୍କବାଦୀ ହମଲାରେ ପ୍ରାଣ ହରାଇଥିବା ମୃତକଙ୍କ ସ୍ମୃତିରେ କ୍ୟାଣ୍ଡେଲ ଜଳାଇଥିଲେ। ବାହାରିନ୍, କୁଏତ ଓ ସାଉଦି ଆରବ ପରେ ଚତୁର୍ଥ ଦେଶ ଭାବେ ଆଲଜେରିଆ ଗସ୍ତ କରିଥିଲା ଏହି ସର୍ବଦଳୀୟ ଟିମ୍। ସେଠାରେ ମଧ୍ୟ ପାକିସ୍ତାନର ଆତଙ୍କବାଦୀ ମୁଖା ଖୋଲିବା ସହ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଆଭିମୁଖ୍ୟକୁ ସ୍ପଷ୍ଟ କରାଯାଇଥିଲା। ସୂଚନାଯୋଗ୍ୟ, ପହଲଗାମ ଆତଙ୍କବାଦୀ ହମଲା ପରେ ଭାରତ ମେ' ୭ ତାରିଖରେ 'ଅପରେସନ ସିନ୍ଦୂର' ଅଧିନରେ ପାକ୍ ଓ ପିଓକେର ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ ପରେ ଭାରତର ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ବିଦେଶ ଗସ୍ତ କରିଥିଲେ। ଭାରତ ସାରା ବିଶ୍ୱକୁ ଆତଙ୍କବାଦ ବିରୋଧରେ ଦେଶର ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ଜଣାଇବା ସହିତ 'ଅପରେସନ ସିନ୍ଦୂର'ର ସଫଳତା ବଖାଣିଥିଲେ। ଏହା ସହିତ ପାକିସ୍ତାନର ଅପପ୍ରଚାରକୁ ମଧ୍ୟ ରୋକିଥିଲେ। ଏହି ଟିମ୍ ସାଉଦି ଆରବ, କୁଏତ, ବାହାରିନ, ଆଲଜେରିଆ, ୟୁକେ, ଫ୍ରାନ୍ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ, ଡେନମାର୍କ, ଇଣ୍ଡୋନେସିଆ, ମାଲେସିଆ, କୋରିଆ, ଜାପାନ, ସିଙ୍ଗାପୁର, ୟୁଏଇ, ଲାଇବେରିଆ, କଙ୍ଗୋ, ସିଏରା ସିଓନି, ୟୁଏସ, ପାନାମା, ଗୁଏନା, ବ୍ରାଜିଲ, କଲୋମ୍ବିଆ, ସ୍ପେନ, ଗ୍ରୀସ, ସ୍ଲୋଭେନିଆ, ଲାଟଭିଆ, ଋଷିଆ, ଇଜିପ୍ଟ, କତାର, ଇଥିଓପିଆ ଏବଂ ସାଉଥ ଆଫ୍ରିକା ଗସ୍ତ କରିଥିଲେ।

## ତିର୍ତ୍ତୋଲ ସାରଳା ସୂତାକଳରେ ଗଢି ଉଠିବ ବୟନ ଶିଳ୍ପ ପାର୍କ

# ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ



**ଜଗତସିଂହପୁର,୨୯/୦୭ ନ୍ୟୁଜ ବ୍ୟୁରୋ**

୧୯୯୯ ମହାବାତ୍ୟା ପରଠାରୁ ଜରାଜୀର୍ଣ୍ଣ ସ୍ତରରେ ଥିବା ତିର୍ତ୍ତୋଲ ସାରଳା ସୂତାକଳ ସ୍ଥାନରେ ଗଢି ଉଠିବ ଟେକ୍ସଟାଇଲ୍ ବା ବୟନ ଶିଳ୍ପ ପାର୍କ। ଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ଟେକ୍ସ ୨୦୨୫ କନ୍‌କ୍ଲେଭ୍‌ରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶାକୁ ଦେଶରେ ଏକ ଅଗ୍ରଣୀ ବୟନ ଶିଳ୍ପ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟ ରଖି ସରକାର ଏହି କନ୍‌କ୍ଲେଭ୍‌ର ଆୟୋଜନ କରିଛନ୍ତି । ଏହାର ମାଧ୍ୟମରେ ବୟନ ଶିଳ୍ପରେ ରାଜ୍ୟକୁ ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଛି । ମୋଟ ୩୩ଟି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି । ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ପ୍ରାୟ ୫୩ ହଜାର ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଆଗାମୀ ୧୦ ବର୍ଷ ଭିତରେ ରାଜ୍ୟରେ ବୟନ କ୍ଷେତ୍ରରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସହ ୬ଟି ଟେକ୍ସଟାଇଲ୍ ଏବଂ ଆପାରେଲ୍ ପାର୍କ ବିକଶିତ କରିବାକୁ ମଧ୍ୟ ରାଜ୍ୟ ସରକାର ଯୋଜନା କରିଛନ୍ତି । ଜଗତସିଂହପୁର ସହ ବଲାଙ୍ଗୀର, କଟକ, ସମ୍ବଲପୁର, ଗଞ୍ଜାମ ଓ କେନ୍ଦୁଝରରେ ନୂତନ ବୟନ କ୍ଲଷ୍ଟର ଏବଂ ପାର୍କ ନିର୍ମାଣ ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ନିକଟରେ କଟକ-ପାରାଦୀପ ମୁଖ୍ୟ ରାସ୍ତା ତଥା ତିର୍ତ୍ତୋଲ ନାଉସିରାରେ ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ହୋଇପଡ଼ିଥିବା ସାରଳା ସୂତାକଳ ପରିଦର୍ଶନ କରିଥିଲେ ଶିଳ୍ପମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ସ୍ୱାଇଁ । ସେତେବେଳେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏଠାରେ ଏକ ଅତ୍ୟାଧୁନିକ, ଶ୍ରମିକ କୈନ୍ଦ୍ରିକ ବୟନ ଓ ପୋଷାକ ଶିଳ୍ପ କ୍ଲଷ୍ଟର ପ୍ରତିଷ୍ଠା ପାଇଁ ଚିନ୍ତା କରାଯାଇଥିବା ଘୋଷଣା କରିଥିଲେ । ଚଳିତ ବର୍ଷ ଜିଲ୍ଲା ମହୋତ୍ସବ 'କଲ୍ଲୋଳ' ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂତାକଳ ଜାଗାରେ ଯୁଗୋପଯୋଗୀ ଶିଳ୍ପ ସ୍ଥାପନର ପ୍ରତିଶ୍ରୁତି ରଖିଥିଲେ । ଉକ୍ତ ପ୍ରତିଶ୍ରୁତିକୁ ରକ୍ଷା କରି ସରକାରଙ୍କ ଏକ ଉଚ୍ଚ ସ୍ତରୀୟ ପ୍ରତିନିଧିମଣ୍ଡଳୀ ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ନେତୃତ୍ୱରେ ତିର୍ତ୍ତୋଲ ସାରଳା ସୂତାକଳ ପରିଦର୍ଶନ କରିବାର କିଛି ଦିନ ପରେ ସରକାରଙ୍କ ଏହି ନୂଆ ନିଷ୍ପତ୍ତି ସାମ୍ନାକୁ ଆସିବା ପରେ ଜିଲ୍ଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ଏହାଦ୍ୱାରା ତିର୍ତ୍ତୋଲ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିର ବାଟ ଫିଟିଯାଇଛି । ସମୟ ଥିଲା ସାରଳା ସୂତାକଳଟି ଉପକୂଳ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ୟୁନିଟ୍‌ର ମାନ୍ୟତା ପାଇଥିଲା। ଏଠାରୁ ଉତ୍ପାଦିତ ସୂତା ଗୁଜୁରାଟ ଭଳି କିଛି ରାଜ୍ୟକୁ ପଠା ଯାଉଥିଲା। ଅନୁରୂପ ଭାବେ ଏଠାକାର ସୂତା ରାହାମାରେ ସେ ସମୟରେ ଗଢି ଉଠିଥିବା ପାର୍ବତୀ ପାୱାରଲୁମ୍‌କୁ ଯାଉଥିଲା । ସେଇ ସୂତାରେ ସେଠାରେ କପଡ଼ା ତିଆରି ହୋଇ ବାହାର ଅଞ୍ଚଳକୁ ବ୍ୟବସାୟ ନିମନ୍ତେ ପଠା ଯାଉଥିଲା । ତିର୍ତ୍ତୋଲ ସାରଳା ସୂତାକଳଟି ୧୯୮୧ ମସିହା ଏପ୍ରିଲ ୨୪ ତାରିଖରେ କାର୍ଯ୍ୟକାରୀ ହୋଇଥିଲା ।

**-ପୂର୍ବ ଭାରତରେ ପ୍ରଥମ-**

# କିମ୍ସରେ ୮୭ବର୍ଷ ବୟସ୍କା ମହିଳାଙ୍କ ଦୁଇ ଆଣ୍ଠୁ ପ୍ରତିରୋପଣ



**ଭୁବନେଶ୍ୱର,୨୯।୭ ନ୍ୟୁଜ ବ୍ୟୁରୋ**

କିମ୍ସ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌ରେ ଜଣେ ୮୭ ବର୍ଷୀୟା ମହିଳାଙ୍କଠାରେ ଉଭୟ ଆଣ୍ଠୁର ସଫଳ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି। ଜଣେ ବୟସ୍କା ମହିଳାଙ୍କ ଦୁଇଟି ଆଣ୍ଠୁର ସମ୍ପୂର୍ଣ୍ଣ ସଫଳ ପ୍ରତିରୋପଣ କରାଯିବା ହେଉଛି ଓଡ଼ିଶା ଓ ପୂର୍ବ ଭାରତରେ ପ୍ରଥମ। ମହିଳା ଜଣକ ଗତ ୧୫ବର୍ଷ ଧରି ଗୁରୁତର ଆଣ୍ଠୁ ଗଣ୍ଠି ରୋଗରେ ପୀଡ଼ିତ ଥିଲେ ଏବଂ ୫ ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ଏଥିପାଇଁ ଅସ୍ତ୍ରୋପଚାର କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ ସୁଦ୍ଧା ଅସ୍ତ୍ରୋପଚାର ସଫଳ ହେବ କି ନାହିଁ କିମ୍ବା ଆହୁରି ଅକ୍ଷମ ହୋଇଯିବେ, ଏହି ଭୟରେ ସେ ଅସ୍ତ୍ରୋପଚାର ପାଇଁ ରାଜି ହେଉ ନ ଥିଲେ। କିନ୍ତୁ ତାଙ୍କ ଅବସ୍ଥା ଅତି ଶୋଚନୀୟ ହେବାପରେ ଦୈନନ୍ଦିନ କାର୍ଯ୍ୟ କରିପାରିବେ ବୋଲି ତାଙ୍କ ପରିବାର ଲୋକ ଅନୁଭବ କଲେ। ପରେ ତାଙ୍କୁ କିମ୍ସ ଆଣ୍ଠୁ ଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡା ବସନ୍ତ ବେହେରାଙ୍କ ସହ ପରାମର୍ଶ କରିଥିଲେ। ମହିଳାଙ୍କର ବୟସ ଦୃଷ୍ଟିରୁ ଏବଂ ତାଙ୍କର ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ, ହାଇପୋଥାଇରଏଡ଼ିଜିମ୍ ଆଦି ସ୍ୱାସ୍ଥ୍ୟ ସମସ୍ୟାକୁ ଦେଖି ୩ମାସ ଅନ୍ତରରେ ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରିବା ପାଇଁ ଡା. ବେହେରା ନିଷ୍ପତ୍ତି ନେଇଥିଲେ। ଗତ ଏପ୍ରିଲ୍ ୭ରେ ଡାହଣ ଆଣ୍ଠୁ ଏବଂ ଜୁଲାଇ ୨୧ରେ ବାମ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଅତ୍ୟାଧୁନିକ କୌଶଳ ଅବଲମ୍ବନ କରାଯାଇଥିବାରୁ ଯନ୍ତ୍ରଣା ଓ ବିପଦ କମ୍ ରହିଥିଲା। ଅସ୍ତ୍ରୋପଚାର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମହିଳା ଜଣକ ଯେପରି ଯନ୍ତ୍ରଣା ଅନୁଭବ ନ କରିବେ ସେଥିପାଇଁ ନିଶ୍ଚେତକ ବିଶେଷଜ୍ଞ ଡା. ରାଜ ମୋହନ ଓ ତାଙ୍କ ଦଳ ନର୍ଭ ବ୍ଲକ ସହ ମେରୁଦଣ୍ଡ ନିଶ୍ଚେତକ ବ୍ୟବହାର କରିଥିଲେ। ପ୍ରତ୍ୟେକ ଅସ୍ତ୍ରୋପଚାରର ଦିନକ ପରେ ମହିଳା ଜଣକ ସାହାରା ନେଇ ଚାଲିଥିଲେ। ଶେଷ ଅସ୍ତ୍ରୋପଚାରର ମାତ୍ର ୫ଦିନ ପରେ କୌଣସି ଜଟିଳତା ନ ଥାଇ ତାଙ୍କୁ ହସ୍ପିଟାଲ୍‌ରୁ ଡ଼ିସ୍‌ଚାର୍ଜ କରାଯାଇଥିଲା। ସାଧାରଣତଃ ବୟସ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଲୋକଙ୍କ ଗଣ୍ଠି ପ୍ରତିରୋପଣ କରିବା ଅଧିକ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ। କିନ୍ତୁ ଏବେ ଅତ୍ୟାଧୁନିକ ଅସ୍ତ୍ରୋପଚାର ଜ୍ଞାନ କୌଶଳ, ନିଶ୍ଚେତକ ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ପାଇଁ ଏହି ଅସ୍ତ୍ରୋପଚାର ଅଧିକ ସୁରକ୍ଷିତ ଏବଂ ସଫଳ ହୋଇପାରୁଛି। ଏହା ବ୍ୟତୀତ ଆଣ୍ଠୁ ପ୍ରତିରୋପଣ ପାଇଁ ସେପରି କିଛି ବୟସ ସୀମା ନାହିଁ ବୋଲି ଆଣ୍ଠୁଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡା. ବେହେରା ପ୍ରକାଶ କରିଛନ୍ତି। ଏଥିପାଇଁ ରୋଗୀଙ୍କ ସାମଗ୍ରିକ ସ୍ୱାସ୍ଥ୍ୟାବସ୍ଥା, ଚଳନ ଶକ୍ତି ଏବଂ ଯନ୍ତ୍ରଣାର ମାତ୍ରାକୁ ଦେଖି ନିଷ୍ପତ୍ତି ନିଆଯାଇଥାଏ। କିମ୍ସ ସୁପରସ୍ପେସିଆଲିଟି ହସ୍‌ପିଟାଲ୍‌ରେ ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଥିବାରୁ ବିଭିନ୍ନ ଜଟିଳ ଅସ୍ତ୍ରୋପଚାର କରାଯାଇପାରୁଛି ବୋଲି ଡା. ବେହେରା କହିଛନ୍ତି।

## ଚଷମାରେ ହିଡେନ୍ କ୍ୟାମେରା ଖଞ୍ଜି ଶ୍ରୀମନ୍ଦିର ଭିତରେ ବୁଲୁଥିଲେ ଯୁବକ : ବେହରଣ ଦ୍ୱାର ନିକଟରେ କାବୁ କଲା ପୁଲିସ

**ପୁରୀ, ୨୯/୦୭ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି। ଚଷମାରେ ହିଡେନ୍ କ୍ୟାମେରା ଖଞ୍ଜି ଶ୍ରୀମନ୍ଦିର ଭିତରେ ବୁଲୁଥିଲେ ଯୁବକ। ସନ୍ଦେହ ହେବାରୁ ବେହରଣ ଦ୍ୱାର ନିକଟରେ ଧରିଲା ପୁଲିସ। ସିଂହଦ୍ୱାର ଥାନାରେ ଯୁବକ ଅଟକ ହୋଇଛନ୍ତି। ସୂଚନାନୁଯାୟୀ, ପୁରୀ ଗଜପତି ନଗରର ଜଣେ ଯୁବକ ଚଷମାରେ ହିଡେନ୍ କ୍ୟାମେରା ଖଞ୍ଜି ଶ୍ରୀମନ୍ଦିର ଭିତରେ ପଶିଥିଲେ। ଚଷମାରେ ଫଟୋ କ୍ୟାପଚର କରୁଥିଲେ। ସନ୍ଦେହ ହେବାରୁ ବେହରଣ ଦ୍ୱାର ନିକଟରେ ପୁଲିସ ତାଙ୍କୁ ଅଟକାଇଥିଲା। ଯୁବକଙ୍କୁ ଏବେ ସିଂହଦ୍ୱାର ଥାନାକୁ ଅଣାଯାଇଛି। କେଉଁ ଭିଡିଓ ରେକର୍ଡିଂ ହୋଇଛି ତାହାର ଅନୁଧ୍ୟାନ କରାଯାଉଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଶ୍ରୀମନ୍ଦିର ଓ ରତ୍ନଭଣ୍ଡାର ଫଟୋ ଏକ୍ସରେ ପୋଷ୍ଟ କରି ଡିଲିଟ୍ କରିଥିଲା। ରତ୍ନଭଣ୍ଡାର ନୂତନ ଜୀବନ ପାଇଲା ବୋଲି ଲେଖିଥିଲା। ଏହି ଘଟଣାର ଦିନକ ପରେ ପୁଣି ଜଣେ ଯୁବକ ହିଡେନ୍ କ୍ୟାମେରା ଧରି ଶ୍ରୀମନ୍ଦିର ଭିତରେ ପଶିଥିଲେ। ଯାହାକି ଶ୍ରୀମନ୍ଦିର ସୁରକ୍ଷା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ପୂର୍ବରୁ ଅନେକ ବ୍ୟକ୍ତି ପ୍ରଶାସନିକ ଏହି ବାରଣ ନିର୍ଦ୍ଦେଶ ନମାନି ଦଣ୍ଡ ପାଇଛନ୍ତି। ତେଣୁ ଏଏସ୍‌ଆଇ କ୍ଷେତ୍ରରେ କିପରି କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏହି ପ୍ରସଙ୍ଗରେ ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି, ଏ ବାବଦରେ ଆବଶ୍ୟକୀୟ ପଦକ୍ଷେପ ମନ୍ଦିର ପ୍ରଶାସନ ନେବ ।

# ବାଘ ବଂଶ ବିସ୍ତାର କ୍ଷେତ୍ରରେ ସ୍ୱତନ୍ତ୍ରସ୍ଥାନ ପାଇଛି ନନ୍ଦନକାନନ ପ୍ରାଣୀ ଉଦ୍ୟାନ

**ଭୁବନେଶ୍ୱର, ୨୯/୦୭ ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ବିଶ୍ୱ ବ୍ୟାଘ୍ର ଦିବସ । ଜାତୀୟ ପଶୁ ବାଘର ବଂଶ ବିସ୍ତାର କ୍ଷେତ୍ରରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପାଇଛି ସ୍ୱତନ୍ତ୍ର ପରିଚୟ। ଦେଶର ଅନେକ ଚିଡ଼ିଆଖାନା ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନରୁ ବାଘ ନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ତଥାପି ଏଠାରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦେବା ଦରକାର ଯେଉଁଥିରେ କି ବାଘଙ୍କ ପ୍ରଜାତି ବୃଦ୍ଧି ପାଇବ । ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ରାଜ୍ୟରେ ବାଘଙ୍କ ସଂଖ୍ୟା ବୃଦ୍ଧି ଓ ଶିକାରୀଙ୍କ ଲୋଲୁପଦୃଷ୍ଟିରୁ କିପରି ସେମାନେ ରକ୍ଷା ପାଇବେ ଏହା ରାଜ୍ୟ ସରକାରଙ୍କ ସମେତ ଆମ ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ । ଆଜିର ଦିନରେ ନନ୍ଦନକାନନ ବାଘଙ୍କ ପ୍ରେମ କାହାଣୀ ଆମକୁ ସେହି ଦିଗଟି ପ୍ରତି ଆକର୍ଷିତ କରୁଛି, ଯାହା ସେମାନଙ୍କ ବଂଶ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ବାଘ ପ୍ରେମକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସିଛି । ପ୍ରାଣୀ ଉଦ୍ୟାନ ଏପରି ପ୍ରାକୃତିକ ପରିବେଶ ମଧ୍ୟରେ ରହିଛି ଯେଉଁଠିକି ଆକୃଷ୍ଟ ହୋଇ ଜଙ୍ଗଲୀ ବାଘ ବାଘୁଣୀ ପଶି ଆସିଥିବା ନଜିର ରହିଛି। ଓଡ଼ିଶାର ବ୍ୟାଘ୍ର ଅଭୟାରଣ୍ୟ ଶିମିଳିପାଳରୁ ଚନ୍ଦକା ଜଙ୍ଗଲ ହୋଇ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବାଘ, ବାଘୁଣୀ ପଶି ଆସିଥିଲେ । ଯାହାକୁ ନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା । ୧୯୬୭ ମସିହା ଜାନୁଆରୀ ୪ ତାରିଖରେ 'କାନନ' ନାମକ ଏକ ବାଘୁଣୀ ପ୍ରାଣୀ ଉଦ୍ୟାନରେ ରହୁଥିବା ବାଘ 'ପ୍ରଦୀପ' ପ୍ରେମରେ ପଡ଼ି ମାଇଲ ମାଇଲ ଜଙ୍ଗଲ ପାର କରି ପ୍ରାଣୀ ଉଦ୍ୟାନ ମଧ୍ୟକୁ ପଶିଆସିଥିଲା। 'କାନନ' ପ୍ରାଣୀ ଉଦ୍ୟାନ ମଧ୍ୟରେ ପ୍ରାୟ ୧୧ ବର୍ଷ ପର୍ଯ୍ୟଟକଙ୍କ ମନୋରଞ୍ଜନର କେନ୍ଦ୍ରବିନ୍ଦୁ ଥିବା ବେଳେ ୧୯୭୮ ମସିହା ଜୁଲାଇ ୨୧ରେ ତା'ର ମୃତ୍ୟୁ ହୋଇଥିଲା। 'କାନନ'କୁ ମନେରଖିବା ପାଇଁ ପ୍ରାଣୀ ଉଦ୍ୟାନର ଏକ ଛକର ନାମ କାନନ ଛକ ନାମିତ ହେବା ସହିତ ସେଠାରେ ତା'ର ପ୍ରତିମୂର୍ତ୍ତି ରଖାଯାଇଛି । ୨୦୧୩ ମସିହା ମାର୍ଚ୍ଚ ୨୪ରେ 'ନନ୍ଦନ' ନାମକ ଏକ ଜଙ୍ଗଲି ମହାବଳ ବାଘ ପ୍ରାଣୀ ଉଦ୍ୟାନର ବାଘୁଣୀ 'ସାରା' ପ୍ରେମରେ ପଡ଼ି ନନ୍ଦନକାନନ ତାରଜାଲି ଡେଇଁ ଭିତରକୁ ପ୍ରବେଶ କରିଥିଲା । କିନ୍ତୁ ପ୍ରାଣୀ ଉଦ୍ୟାନରେ ବାଘୁଣୀ 'ସାରା' ସହିତ 'ନନ୍ଦନ'ର ମିଳନ ହୋଇପାରିନଥିଲା । ୨୦୧୬ ମସିହାରେ ନନ୍ଦନକାନନରେ ଜନ୍ମିତ ବାଘୁଣୀ 'ମେଘା' ସହିତ ଓ ୨୦୨୩ରେ ବାଘୁଣୀ 'ଅଙ୍କିତା' ସହିତ 'ନନ୍ଦନ'ର ମିଳନ କରାଯାଇ ୯ଟି (ବାହୁବଳୀ, କୁନ୍ଦନ, ଅଭୟ, ବିବେକ, ସୋହିନୀ, ଅମିତ, ଜୟଶ୍ରୀ, ଶ୍ରୀ, ତୃପ୍ତି) ଜଙ୍ଗଲୀ ବାଘ ନନ୍ଦନକାନନକୁ ମିଳିଥିଲା । ଗତ ମେ ମାସ ୧୧ ତାରିଖରେ 'ନନ୍ଦନ' ପ୍ରାଣୀ ଉଦ୍ୟାନରେ ସବୁଦିନ ପାଇଁ ଆଖିବୁଜି ଦେଇଥିଲା । କର୍ତ୍ତୃପକ୍ଷ ତା'ପାଇଁ ମଧ୍ୟ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା ରଖିଛନ୍ତି । ବର୍ତ୍ତମାନ ନନ୍ଦନକାନନରେ ୩ ପ୍ରଜାତିର ୨୯ଟି ବାଘ ରହିଛନ୍ତି । ସେଥିମଧ୍ୟରୁ ୬ଟି ଧଳା, ୪ଟି କଳା ଓ ୧୯ଟି ସାଧାରଣ ରଙ୍ଗର ବାଘ ଓ ବାଘୁଣୀ ଅଛନ୍ତି। ଆମେ ଯଦି ବିଗତ ବାଘ ଦିବସରେ ବାଘଙ୍କ ସଂଖ୍ୟା ଦେଖିବା ତେବେ ୨୦୨୦ ମସିହାରେ ୨୭ଟି (୭ଟି ଧଳା, ୪ଟି କଳା ଓ ୧୬ଟି ସାଧାରଣ) ବାଘ ଥିଲେ । ୨୦୨୧ ମସିହାରେ ୨୭ଟି (୬ଟି ଧଳା, ୩ଟି କଳା ଓ ୧୮ଟି ସାଧାରଣ ରଙ୍ଗ) ବାଘ ଥିଲେ । ୨୦୨୨ରେ ୨୬ଟି (୭ଟି ଧଳା, ୩ଟି କଳା ଓ ୧୬ଟି ସାଧାରଣ ରଙ୍ଗ) ବାଘ ଥିଲେ । ୨୦୨୩ରେ ୨୭ଟି (ଧଳା ୭ଟି, କଳା ୩ଟି ଓ ସାଧାରଣ ରଙ୍ଗର ୧୭)ଟି ବାଘ ଥିଲେ। ୨୦୨୪ରେ ୨୫ଟି (୫ଟି ଧଳା, ୫ଟି କଳା ଓ ୧୫ଟି ସାଧାରଣ ରଙ୍ଗ)ର ବାଘ ଥିଲେ । ତେବେ ଇତିମଧ୍ୟରେ ବାହାର ଚିଡ଼ିଆଖାନାରୁ ଅଦଳବଦଳ ପ୍ରକ୍ରିୟାରେ କିଛି ବାଘକୁ ଅଣାଯାଇଛି। କିଛି ଜନ୍ମ ହୋଇଛନ୍ତି। କିଛି ଆଖି ବୁଝିଛନ୍ତି । ସବୁଠାରୁ ବଡ଼ କଥା ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା କର୍ମଚାରୀ ଓ ଅଧିକାରୀମାନେ ନିଜ ପ୍ରୟାସରେ ଭିନ୍ନ ଭିନ୍ନ ବାଘକୁ ମିଳନ କରାଇ ଏଠାରେ ଧଳା ଓ କଳା ବାଘ ସୃଷ୍ଟି କରିବାର ଏକ ବିରଳ ରେକର୍ଡ ସୃଷ୍ଟି କରି ବିସ୍ତାରରେ ସହାୟକ ହୋଇଛନ୍ତି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ କଳା ଓ ଧଳା ବାଘ ଜନ୍ମ ହୋଇ ସାରା ବିଶ୍ୱରେ ଇତିହାସ ସୃଷ୍ଟି କରିଛି। ଏବେ କଳା ଓ ଧଳା ବାଘ ସଂଖ୍ୟା ହ୍ରାସ ପାଇଥିଲେ ହେଁ ପ୍ରାଣୀ ଉଦ୍ୟାନରେ ୪ଟି କଳା ବାଘ ଅଛନ୍ତି । ୨୦୧୪ ଜୁଲାଇ ୨୭ରେ ସାଧାରଣ ରଙ୍ଗର ମହାବଳ ବାଘ ମନୀଷ ଓ ଧଳା ବାଘୁଣୀ ସ୍ନେହା ମିଳନରେ ପ୍ରଥମ ଥର ପାଇଁ କଳା ବାଘ କ୍ରିଷ୍ଣା ଜନ୍ମ ନେଇଥିଲା। ୨୦୧୮ ଡିସେମ୍ବର ୨୨ରେ ବାଘ ସମ୍ରାଟ ଓ ବାଘୁଣୀ ରେଣୁଙ୍କ ମିଳନରେ ଦୁଇ ବାଘ ବାସୁ ଓ ସ୍ପନ୍ଦନ ଜନ୍ମ ଲାଭ କରିଥିଲେ । ଏବେ ବାଘ ବଂଶ ବୃଦ୍ଧି ପାଇଁ ରାଞ୍ଚିରୁ ଗୋଟିଏ ମାଈ କଳା ଓ ସେହି ପ୍ରଜାତିର ସାଧାରଣ ରଙ୍ଗର ମାଈ ବାଘୁଣୀ ଅଣାଯାଇଛି ।





ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଧଳା ବାଘ ପାଇଁ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଏପରିକି ଧଳା ବାଘ ବୃଦ୍ଧି ପାଇବାରୁ ଧଳା ବାଘ ସଫାରୀ ନିର୍ମାଣ କରାଯାଇଥିଲା । ୧୯୮୦ ମସିହାରେ ସାଧାରଣ ରଙ୍ଗର ବାଘୁଣୀ ଗଙ୍ଗା ଓ ସାଧାରଣ ରଙ୍ଗର ମହାବଳ ବାଘ ଦୀପକ ମିଳନରୁ ୩ଟି ଧଳା ବାଘ (ଦେବବ୍ରତ, ଅଳକା ଓ ନନ୍ଦ) ଜନ୍ମ ହୋଇଥିଲେ । ଏହା ପରଠାରୁ ବାଘ ସଂଖ୍ୟା ବୃଦ୍ଧି ପାଇ ୨୦୦୦ ମସିହା ସୁଦ୍ଧା ପ୍ରାଣୀ ଉଦ୍ୟାନରେ ବାଘ ସଂଖ୍ୟା ପ୍ରାୟ ୩୪ରେ ପହଞ୍ଚିଥିଲା। ଧଳା ବାଘ ସଂଖ୍ୟା ବୃଦ୍ଧି ହେବାରୁ ପ୍ରାଣୀ ଉଦ୍ୟାନରେ ଧଳା ବାଘ ସଫାରୀ ପ୍ରତିଷ୍ଠା ହୋଇଥିଲା। ସମୟକ୍ରମେ ଧଳା ବାଘ ସଂଖ୍ୟା ହ୍ରାସପାଇବା ଫଳରେ ଧଳା ବାଘ ସଫାରୀକୁ ବନ୍ଦ କରାଯାଇ ସାଧାରଣ ବାଘ ଛଡ଼ାଯାଉଛି । ଏବେ ପ୍ରାଣୀ ଉଦ୍ୟାନରେ ମାତ୍ର ୬ଟି ଧଳା ବାଘ ଅଛନ୍ତି।